ଆଜି - ରବିବାର
ତାରିଖ - ୦୯ ଅଗଷ୍ଟ ୨୦୨୬
ମାସ - କର୍କଟ, ଦିନ - ୨୪
ତିଥି - ଏକାଦଶୀ, ପକ୍ଷ- କୃଷ୍ଣ
ନକ୍ଷତ୍ର - ମୃଗଶିରା, ମିଥୁନ୍ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫:୨୯ : ୦୦
ସୂର୍ଯ୍ୟାସ୍ତ - ୬ : ୧୭: ୦୦

E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

"ବର୍ଷା ହେବା ସମୟରେ ସବୁ ପକ୍ଷୀ ଆଶ୍ରୟ ନିଅନ୍ତି । କିନ୍ତୁ ବାଦଲ ଉପରେ ଉଡ଼ି ଛଂଚାଣ ମେଘକୁ ଏଡ଼ାଇ ଯାଏ ।"
- ଡ. ଏପିଜେ ଅବ୍ଦୁଲ୍ କଲାମ୍

E-News : www.Ajikali epaper.com

Vol.- 41 ISSUE- 117 R.N.I. REGD. No. 44026/86 ବାଲେଶ୍ୱର ୦୯ ଅଗଷ୍ଟ ୨୦୨୬ ରବିବାର BALASORE 09 AUGUST 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦

## ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ସମାରୋହକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଆଇଆଇଟି ଦିଲ୍ଲୀର ୫୭ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରିଛନ୍ତି । ଏହି ଉତ୍ସବର ଗଭୀର ଭାବନାତ୍ମକ ମହତ୍ୱ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କ୍ୟାମ୍ପସର ଜୀବନ୍ତ ଓ ସ୍ୱପ୍ନଭରା ପରିବେଶକୁ ମନେ ପକାଇଥିଲେ । କୋଭିଡ୍ ମହାମାରୀ ସମୟରେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିବା କଥା ସ୍ମରଣ କରି, ଗ୍ରାଜୁଏଟ୍ ହେଉଥିବା ଛାତ୍ରଛାତ୍ରୀଙ୍କ ଗହଣରେ ଶାରୀରିକ ଭାବେ ଉପସ୍ଥିତ ରହିବା ନେଇ ସେ ଆତ୍ମସନ୍ତୋଷ ବ୍ୟକ୍ତ କରିଥିଲେ । ଶ୍ରୀ ମୋଦୀ କହିଥିଲେ, 'ଆଜି ଏହି କ୍ୟାମ୍ପସରେ ଆପଣମାନଙ୍କ ସହ ଏହି ଅତୁଳନୀୟ ଅନୁଭୂତି ବାଂଟିବା ମୋ ପାଇଁ ମଧ୍ୟ ଅତ୍ୟନ୍ତ ସ୍ୱତନ୍ତ୍ର ।" ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାରବର୍ଗଙ୍କୁ ସେମାନଙ୍କର ଐତିହାସିକ ଶୈକ୍ଷିକ ସଫଳତା ପାଇଁ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସେମାନଙ୍କ ଡିଗ୍ରୀ କେବଳ ଶୈକ୍ଷିକ ସଫଳତାର ପ୍ରତୀକ ନୁହେଁ, ବରଂ ଦେଶ ପାଇଁ ଅବଦାନ ରଖିବାର ଏକ ଦାୟିତ୍ୱ ମଧ୍ୟ । ସେ ପଦକ ବିଜେତାମାନଙ୍କୁ ଅତ୍ୟନ୍ତ ପ୍ରଶଂସା କରିବା ସହ ପ୍ରତିଷ୍ଠାନରେ ନୂତନ ଏଆଇ ପଦକ୍ଷେପର ଶୁଭାରମ୍ଭକୁ ସ୍ୱାଗତ କରିଛନ୍ତି । "ଆପଣମାନେ ଦେଶ ପାଇଁ ବହୁତ କିଛି କରିବାର ସ୍ୱପ୍ନ ନେଇ ଏଠାରୁ ବାହାରକୁ ପାଦ ଦେଉଛନ୍ତି" ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀଙ୍କ ଦ୍ରୁତ ଓ ରୋମାଂଚକର ଯାତ୍ରା ବିଷୟରେ ଦର୍ଶାଇ ପ୍ରଧାନମନ୍ତ୍ରୀ ସେମାନଙ୍କ ଓରିଏଣ୍ଟେସନ୍ ଦିବସରୁ ସମାବର୍ତ୍ତନ ଦିବସ ପର୍ଯ୍ୟନ୍ତ ପରିବର୍ତ୍ତନ ଯାତ୍ରାକୁ ସ୍ପଷ୍ଟ ଭାବେ ସ୍ମରଣ କରିଛନ୍ତି । ପ୍ରଥମ ଦରମା ପାଇବା ଏବଂ ଷ୍ଟାର୍ଟଅପ୍ ନିର୍ମାଣ କରିବା ଠାରୁ ଆରମ୍ଭ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପର୍ଯ୍ୟନ୍ତ ବିଭିନ୍ନ ଆକାଂକ୍ଷା ସେମାନଙ୍କ ମନକୁ ପରିପୂର୍ଣ୍ଣ କରିଥାଏ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି । "ଏହି ଅସାଧାରଣ ଯାତ୍ରା ଏବଂ ଜୀବନର ଏକ ସମ୍ପୂର୍ଣ୍ଣ ନୂତନ ଅଧ୍ୟାୟ ଆରମ୍ଭ କରିବାର ଉତ୍ସାହରୁ ଆପଣମାନେ ନିଶ୍ଚିତ ଭାବେ ଅପାର ସନ୍ତୋଷ ପାଇବେ" ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ବର୍ତ୍ତମାନର ମୁହୂର୍ତ୍ତଗୁଡ଼ିକୁ ଗଭୀର ଭାବେ ଉପଭୋଗ କରିବାକୁ ଉତ୍ସାହିତ କରି ପ୍ରଧାନମନ୍ତ୍ରୀ ହାସ୍ୟରସର ସହିତ କ୍ୟାମ୍ପସର ପ୍ରିୟ ସ୍ମୃତିଗୁଡ଼ିକର ଉଲ୍ଲେଖ କରିଛନ୍ତି । ଏଥିରେ କୁମାଉନ୍, ଆରା, କାରା, ବିନ୍ଧ୍ୟ, ନୀଳଗିରି, କୈଳାସ ଓ ହିମାଦ୍ରି ଭଳି ହଷ୍ଟେଲଗୁଡ଼ିକ ମଧ୍ୟରେ ହେଉଥିବା ପ୍ରତିଦ୍ୱନ୍ଦ୍ୱିତା ସହିତ ଜିଆ ସରାଇର ପୋହା ଏବଂ ସତପୁରା ମେସ୍ର ପରଟା ଭଳି ସ୍ଥାନୀୟ ପ୍ରିୟ ଖାଦ୍ୟର ସ୍ମୃତି ମଧ୍ୟ ସାମିଲ ରହିଛି । "ଆଗାମୀ ଦିନରେ ଯେତେବେଳେ ଆପଣମାନଙ୍କ ଉପରେ ବଡ଼ ବଡ଼ ଦାୟିତ୍ୱ ରହିବ, ସେତେବେଳେ ଏହି ସ୍ଥାନର ସ୍ମୃତି ନିଶ୍ଚିତ ଭାବେ ଆପଣମାନଙ୍କୁ ଶକ୍ତି ପ୍ରଦାନ କରିବ" ବୋଲି ଶ୍ରୀ ମୋଦୀ ମନ୍ତବ୍ୟ ଦେଇଛନ୍ତି । ପ୍ରତିଷ୍ଠାନର ସହାୟତା ବ୍ୟବସ୍ଥା ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରି ପ୍ରଧାନମନ୍ତ୍ରୀ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସହପାଠୀ, ପ୍ରଫେସର, ପରାମର୍ଶଦାତା ଓ ସହାୟକ କର୍ମଚାରୀମାନଙ୍କୁ ଜୀବନର ଅମୂଲ୍ୟ ସମ୍ପଦ ଭାବେ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି । ଏହି ସମସ୍ତ ବ୍ୟକ୍ତି ସେମାନଙ୍କ ପାଇଁ ଏକ ପରିବାର ଭଳି ହୋଇଯାଇଥିବା ସେ ସ୍ୱିକାର କରିଛନ୍ତି । "ଆପଣମାନଙ୍କ ଭବିଷ୍ୟତର ପ୍ରତ୍ୟେକ ସଫଳତାରେ ଆପଣମାନେ ଏହି ସମସ୍ତ ବ୍ୟକ୍ତିଙ୍କୁ ଗଭୀର ଭାବେ ମନେ ପକାଇବେ ଏବଂ ସେମାନଙ୍କ ପ୍ରତି କୃତଜ୍ଞ ରହିବେ" ବୋଲି ଶ୍ରୀ ମୋଦୀ କହିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଦୁଇ ଦିନିଆ ଦିଲ୍ଲୀ-ଏନ୍‌ସିଆର୍ ଗସ୍ତ ସମ୍ପନ୍ନ

## ଶିଳ୍ପ ପ୍ରତିନିଧିମାନଙ୍କ ସହିତ ନିବେଶ ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କଲେ ମୁଖ୍ୟମନ୍ତ୍ରୀ



ନୂଆଦିଲ୍ଲୀ : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଦିଲ୍ଲୀରେ ଅନୁଷ୍ଠିତ ଓଡ଼ିଶାର ଦୁଇ ଦିନିଆ ନିବେଶ ଅଭିଯାନ ଆଜି ଶିଳ୍ପଜଗତରୁ ବିପୁଳ ସମ୍ଭାବନା ସହିତ ସମାପ୍ତ ହୋଇଛି । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଓଡିଶାକୁ ୬୬,୩୯୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିବା ସହ ୫୪,୧୩୫ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଗତକାଲି 'ଓଡ଼ିଶା ଫୁଡ୍ ପ୍ରୋ ୨୦୨୬'ର ବ୍ୟାପକ ସଫଳତା ପରେ ଆଜି ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରର ପ୍ରମୁଖ ନିବେଶକ ଏବଂ ଶିଳ୍ପ ପ୍ରତିନିଧିମାନଙ୍କ ସହିତ ୱାନ୍-ଅନ୍-ୱାନ୍ ବୈଠକ କରିଥିଲେ । ଏହା ସହିତ ମୁଖ୍ୟମନ୍ତ୍ରୀ ନୋଏଡ଼ାସ୍ଥିତ ହାୟର୍ ଉତ୍ପାଦନ କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ । ଏହି ଦୁଇ ଦିନିଆ ଶିଳ୍ପ ଅଭିଯାନ ହେଉଛି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ଏବଂ ପୂର୍ବ ଭାରତର ଦ୍ରୁତ ବିକାଶର ଆଭିମୁଖ୍ୟ ଅନୁଯାୟୀ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କ କ୍ରମାଗତ ପ୍ରୟାସର ଏକ ଅଂଶ । ଉତ୍ପାଦନ, ପୁଞ୍ଜିନିବେଶ ଏବଂ ନିଯୁକ୍ତି-ଭିତିକ ଅଭିବୃଦ୍ଧି ପାଇଁ ଓଡିଶାକୁ ଏକ ପ୍ରତିଯୋଗିତାମୂଳକ ଗନ୍ତବ୍ୟସ୍ଥଳ ଭାବରେ ପ୍ରତିଷ୍ଠିତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ତା'ର ଉଦ୍ୟମକୁ ତ୍ୱରାନ୍ୱିତ କରୁଛି । ହାୟର୍ ଉତ୍ପାଦନ କେନ୍ଦ୍ର ପରିଦର୍ଶନ ସମୟରେ ସେ ବରିଷ୍ଠ କମ୍ପାନୀ କର୍ମକର୍ତ୍ତା ଏବଂ ଇଂଜିନିଅର ମାନଙ୍କ ସହ ଆଲୋଚନା କରିଥିଲେ ଏବଂ କମ୍ପାନୀର ଉତ୍ପାଦନ ପ୍ରକ୍ରିୟା ଏବଂ ବ୍ୟବସ୍ଥାଗୁଡ଼ିକୁ ଅନୁଧ୍ୟାନ କରିଥିଲେ । ହାୟର୍ କମ୍ପାନୀର ଉନ୍ନତ ଉତ୍ପାଦନ ପଦ୍ଧତିଗୁଡ଼ିକୁ ବୁଝିବା ଏବଂ ବିଶେଷକରି ଇଲେକ୍ଟ୍ରୋନିକ୍ସ, ଗୃହୋପକରଣ, ସପ୍ଲାଏ ଚେନ୍ ଏବଂ ଆନୁଷଙ୍ଗିକ ଶିଳ୍ପ କ୍ଷେତ୍ରରେ ଓଡ଼ିଶାର ଉତ୍ପାଦନ ପରିବେଶକୁ ସୁଦୃଢ଼ କରିବା ପାଇଁ ଏବଂ ସମ୍ଭାବ୍ୟ ସୁଯୋଗଗୁଡ଼ିକୁ ବାସ୍ତବତାରେ ପରିଣତ କରିବା ପାଇଁ ଏହି ପରିଦର୍ଶନ ଏକ ସୁଯୋଗ ପ୍ରଦାନ କରିଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, "ଓଡ଼ିଶା ଏପରି ଏକ ଶିଳ୍ପ ବାତାବରଣ ସୃଷ୍ଟି କରୁଛି ଯେଉଁଠାରେ ଶିଳ୍ପଗୁଡ଼ିକର ଅଭିବୃଦ୍ଧି ହୋଇପାରିବ, ନିଯୁକ୍ତି ସୃଷ୍ଟି ହେବ ଏବଂ ରାଜ୍ୟର ପ୍ରତ୍ୟେକ କ୍ଷେତ୍ରରେ ଭାଲ୍ୟୁ-ଆଡିସନ୍ ହୋଇପାରିବ । ଆମର ଲକ୍ଷ୍ୟ କେବଳ ପୁଞ୍ଜିନିବେଶ ଆକର୍ଷିତ କରିବା ନୁହେଁ, ବରଂ ନିଯୁକ୍ତି ସୃଷ୍ଟି କରିବା, ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ଏବଂ ଓଡ଼ିଶାର ଯୁବକଯୁବତୀଙ୍କ ପାଇଁ ନୂତନ ସୁଯୋଗ ଖୋଲିବା । ଆମେ ଚାହୁଁଛୁ ଯେ ଅଭିବୃଦ୍ଧି ପାଇଁ ନିବେଶକମାନେ ଓଡ଼ିଶାକୁ ଏକ ଦୀର୍ଘକାଳୀନ ପାର୍ଟନର ଭାବରେ ଦେଖନ୍ତୁ ।" ପ୍ରମୁଖ ଉତ୍ପାଦନ କ୍ଷେତ୍ରର ଶିଳ୍ପ ପ୍ରତିନିଧିମାନଙ୍କ ସହ ରାଉଣ୍ଡ ଟେବଲ ବୈଠକରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେଇଥିଲେ । ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ ଆସୋସିଏସନ୍ ର ସହଯୋଗରେ ଆୟୋଜିତ ଇଞ୍ଜିନିୟରିଂ ସାମଗ୍ରୀ ଉତ୍ପାଦନ ରାଉଣ୍ଡ ଟେବଲ ବୈଠକରେ ଓଡ଼ିଶାରେ ଉତ୍ପାଦନ, ଶିଳ୍ପ ଭିତିଭୂମି, ଆନୁଷଙ୍ଗିକ ବିକାଶ ଏବଂ ଯୋଗାଣ ଶୃଙ୍ଖଳା ଏକତ୍ରୀକରଣ ନେଇ ଆଲୋଚନା ହୋଇଥିଲା । ନୋଏଡ଼ା ଆପାରେଲ୍ ଏକ୍ସପୋର୍ଟ କ୍ଲଷ୍ଟରର ସହଯୋଗରେ ନୋଏଡ଼ା ଶିଳ୍ପ ପ୍ରତିନିଧିମାନଙ୍କ ସହିତ ଟେକ୍ସଟାଇଲ୍ ଏବଂ ପୋଷାକ ସମ୍ପର୍କିତ ରାଉଣ୍ଡ ଟେବଲରେ ବୟନଶିଳ୍ପ ଓ ପୋଷାକ ଉତ୍ପାଦନ, ରପ୍ତାନି ସୁଯୋଗ, ଦକ୍ଷ କର୍ମଚାରୀ ଏବଂ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା ।

## ଏମ୍ସ ଭୁବନେଶ୍ୱରରେ ଯକ୍ଷ୍ମା ଚିହ୍ନଟ ଓ ନିରାକରଣ ସଂକ୍ରାନ୍ତୀୟ ଉତ୍ସବରେ ଯୋଗଦେଲେ ବାଚସ୍ପତି






ଭୁବନେଶ୍ୱର : ଏମ୍ସ ଭୁବନେଶ୍ୱର ଏବଂ ପଲିସି ରେଜିଲିଏନ୍ସ ଫାଉଣ୍ଡେସନ୍ ସହଯୋଗରେ ଏଠାରେ ଆୟୋଜିତ ଦୁଇଦିନିଆ ଜାତୀୟ କନକ୍ଲେଭ୍ ଏବଂ ଯକ୍ଷ୍ମା ସଂକ୍ରାନ୍ତୀୟ ନୀତି ନିର୍ଦ୍ଧାରଣ ଆଲୋଚନା ଗତକାଲି ସଫଳତାର ସହିତ ଉଦ୍‌ଯାପିତ ହୋଇଯାଇଛି । ଏହି ବିଶେଷ କାର୍ଯ୍ୟକ୍ରମରେ ନୀତି ନିର୍ଦ୍ଧାରକ, ଜନସ୍ୱାସ୍ଥ୍ୟ କର୍ମୀ, ବୈଜ୍ଞାନିକ, ଚିକିତ୍ସକ, ଗବେଷକ, ଜାତୀୟ ଯକ୍ଷ୍ମା ନିରୀକ୍ଷଣ କାର୍ଯ୍ୟକ୍ରମ (ଏନ୍‌ଟିଇପି)ର ଅଧିକାରୀ, ଏବଂ ସ୍ୱାସ୍ଥ୍ୟସେବା ବୃତିଗତ ପ୍ରମୁଖ ଏକତ୍ରିତ ହୋଇଥିଲେ । ତ୍ୱରିତ ଯକ୍ଷ୍ମା (ଟିବି) ଚିହ୍ନଟ, ନିରୀକ୍ଷଣ ଏବଂ ଗବେଷଣାକୁ ସୁଦୃଢ଼ କରିବା ଏବଂ ଭାରତକୁ ଏକ ଯକ୍ଷ୍ମା-ମୁକ୍ତ ଦେଶରେ ପରିଣତ କରିବା ଦୃଷ୍ଟିକୋଣକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟାପକ ଚିନ୍ତନ ମନ୍ଥନ ହୋଇଥିଲା । ଦୁଇ ଦିନିଆ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ବିଧାନସଭାର ମାନ୍ୟବର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ମଧ୍ୟ ଏହି ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ ଯକ୍ଷ୍ମା-ମୁକ୍ତ ଭାରତର ଦୃଷ୍ଟିକୋଣ କେବଳ ଏକ ଜନସ୍ୱାସ୍ଥ୍ୟ ପଦକ୍ଷେପ ନୁହେଁ ବରଂ ସାମୂହିକ ଦାୟିତ୍ୱ, ବୈଜ୍ଞାନିକ ବିଚାରଧାରାରେ ଉନ୍ନତି ଏବଂ ସାମୂହିକ ଅଂଶଗ୍ରହଣ ଦ୍ୱାରା ପରିଚାଳିତ ଏକ ଜାତୀୟ ଆନ୍ଦୋଳନ ବୋଲି ମତ ଦେଇଥିଲେ । ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ବୈଜ୍ଞାନିକ ପ୍ରମାଣକୁ ପ୍ରଭାବଶାଳୀ ଜନସ୍ୱାସ୍ଥ୍ୟ କାର୍ଯ୍ୟାନ୍ୱୟନରେ ପରିଣତ କରିବା ପାଇଁ ବାଚସ୍ପତି ଏମ୍ସ ଭୁବନେଶ୍ୱର, ଓଡ଼ିଶା ସରକାର ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ମଧ୍ୟରେ ଅଧିକ ସହଯୋଗ ଏବଂ ସହଭାଗିତା ନିମନ୍ତେ ଆହ୍ୱାନ କରିଥିଲେ ।

## ମୁମ୍ବାଇରେ ସହକାର ନବ-କ୍ରାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ଅମିତ ଶାହ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି' ଦୃଷ୍ଟିକୋଣକୁ ଆଗକୁ ବଢ଼ାଇ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ନେତୃତ୍ୱରେ, ଦେଶର ସମବାୟ ବ୍ୟାଙ୍କିଂ କ୍ଷେତ୍ରକୁ ଆଧୁନିକ, ସ୍ୱଚ୍ଛ, ସୁରକ୍ଷିତ ଏବଂ ପ୍ରତିଯୋଗିତାମୂଳକ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଆଜି ମୁମ୍ବାଇର BSE ଆନ୍ତର୍ଜାତୀୟ ସମ୍ମିଳନୀ କେନ୍ଦ୍ରରେ 'ସହକାର ନବ-କ୍ରାନ୍ତି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ, ଦେଶବ୍ୟାପୀ ସେବା ବଣ୍ଡଲ୍ ଅନ୍ତର୍ଗତ ସହରାଂଚଳ ସମବାୟ ବ୍ୟାଙ୍କ ଏବଂ କୋର୍ ବ୍ୟାଙ୍କିଂ ଏବଂ ଆନୁଷଙ୍ଗିକ ସେବା ପାଇଁ ସୁରକ୍ଷା କାର୍ଯ୍ୟ କେନ୍ଦ୍ରର ଶୁଭାରମ୍ଭ କରିଥିଲେ । ଏହି ଅବସରରେ, ଘଟଉରଡଉ ଏବଂ ଜାତୀୟ ଫୋରେନସିକ୍ ସାଇନ୍ସ ବିଶ୍ୱବିଦ୍ୟାଳୟ -NFSU ମଧ୍ୟରେ ଏକ ବୁଝାମଣାପତ୍ର ଆଦାନପ୍ରଦାନ କରାଯାଇଥିଲା । ପୂର୍ବରୁ, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ସମବାୟ ମନ୍ତ୍ରୀ ମୁମ୍ବାଇର ଫୋର୍ଟସ୍ଥିତ ଶାରଦା ସଦନରେ NUCFDCର ନୂତନ କାର୍ଯ୍ୟାଳୟ ପରିସର ମଧ୍ୟ ଉଦଘାଟନ କରିଥିଲେ । ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡନଭିସ୍, ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଶ୍ରୀ ଏକନାଥ ସିନ୍ଦେ, କେନ୍ଦ୍ର ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ କ୍ରିଷ୍ଣ ପାଲ ଗୁର୍ଜର, କେନ୍ଦ୍ର ସହଯୋଗ ଏବଂ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ମୁରଲୀଧର ମୋହୋଲ, ମହାରାଷ୍ଟ୍ର ସମବାୟ ମନ୍ତ୍ରୀ ଶ୍ରୀ ବାବାସାହେବ ପାଟିଲ, ମହାରାଷ୍ଟ୍ର ସରକାରଙ୍କ ମନ୍ତ୍ରୀ ଶ୍ରୀ ଜୟକୁମାର ରାଓ୍ୱଲ ଏବଂ ଶ୍ରୀ ଆଶିଷ ଶେଲାର, ସମବାୟ ମନ୍ତ୍ରଣାଳୟର ସଚିବ, ଶ୍ରୀ ଆଶିଷ କୁମାର ଭୁଟାନି, ଘଟଉରଡଉ ଅଧ୍ୟକ୍ଷ ଶ୍ରୀ ଜ୍ୟୋତିନ୍ଦ୍ର ମେହତା, ବିଭିନ୍ନ ରାଜ୍ୟର ସହରାଂଚଳ ସମବାୟ ବ୍ୟାଙ୍କ ଫେଡେରେସନର ପ୍ରତିନିଧି ଏବଂ ଦେଶବ୍ୟାପୀ ସହରାଂଚଳ ସମବାୟ ବ୍ୟାଙ୍କ ସହିତ ଜଡିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି 'ସହକାର ନବ-କ୍ରାନ୍ତି' କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## ଅଳ୍ପରେ ଖବର

▸▸ ପୁରୀର ଶେତ୍‌ଗଙ୍ଗା ପୁଷ୍କରିଣୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ମୃତ ଯୁବକ ଜଣକ ହେଉଛନ୍ତି ଭୁବନେଶ୍ୱର ସତ୍ୟଭାମାପୁରର ସମ୍ବିତ ପ୍ରଧାନ ।

▸▸ ଇଥାନଲ୍ ବ୍ୟବହାର ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି ଯେ ତୈଳ ସଂକଟ ଦୂର କରିବା ପାଇଁ ଇଥାନଲ୍ ବ୍ୟବହାର ହେଉଛି ।

## ଏକକ ଶିକ୍ଷକ ଥିବା ସ୍କୁଲରେ ଅତିରିକ୍ତ ଶିକ୍ଷକ ନିଯୁକ୍ତି କରାଯିବ : ଗଣଶିକ୍ଷାମନ୍ତ୍ରୀ



ଭୁବନେଶ୍ୱର : ରାଜ୍ୟର ଜଣେ ଶିକ୍ଷକ ବିଶିଷ୍ଟ ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ତୁରନ୍ତ ଅତିରିକ୍ତ ଶିକ୍ଷକ ନିଯୁକ୍ତିକୁ ସରକାର ଗୁରୁତର ସହ ନେଇଛନ୍ତି । ଏନେଇ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଜଣେ ଶିକ୍ଷକଙ୍କ ଭରସାରେ ଚାଲୁଥିବା ସ୍କୁଲଗୁଡ଼ିକୁ ଚିହ୍ନଟ କରି ସେଠାରେ ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରିବା ସହ ୧୫ ଦିନ ମଧ୍ୟରେ ଏନେଇ ଆବଶ୍ୟକ ବ୍ୟବସ୍ଥା କରିବାକୁ କୁହାଯାଇଛି । ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କ ଭରସାରେ ଚାଲୁଥିବା ସ୍କୁଲଗୁଡ଼ିକରେ ତୁରନ୍ତ ଅତିରିକ୍ତ ଶିକ୍ଷକ ନିୟୋଜନ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷା ଅଧିକାର ଆଇନର ଧାରା ୧୯ ଓ ୨୫ ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନ୍ୟୂନତମ ଭିତିଭୂମି ସୁବିଧା ସହ ନିର୍ଦ୍ଧାରିତ ଶିକ୍ଷକ ସଂଖ୍ୟା ଓ ଶିକ୍ଷକ-ଛାତ୍ର ଅନୁପାତ ରହିବା ବାଧ୍ୟତାମୂଳକ । ୟୁଡିଆଇଏସଇ ପ୍ଲସ୍ (UDISE+) ତଥ୍ୟରୁ ଜଣାପଡ଼ିଛି ଯେ, ରାଜ୍ୟର ବହୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଏବେ ମଧ୍ୟ ମାତ୍ର ଜଣେ ଶିକ୍ଷକଙ୍କ ଭରସାରେ ପରିଚାଳିତ ହେଉଛି । ବିଭାଗ ମତରେ, ଏଭଳି ସ୍ଥିତି ଶିକ୍ଷାଦାନର ଗୁଣାତ୍ମକ ମାନକୁ ପ୍ରଭାବିତ କରୁଥିବା ବେଳେ ଶିକ୍ଷା ଅଧିକାର ଆଇନର ବ୍ୟବସ୍ଥା ସହ ମଧ୍ୟ ସଙ୍ଗତିପୂର୍ଣ୍ଣ ନୁହେଁ । ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଜିଲ୍ଲାପାଳଙ୍କୁ ନିଜ ଜିଲ୍ଲାର ଜଣେ ଶିକ୍ଷକ ବିଶିଷ୍ଟ ବିଦ୍ୟାଳୟଗୁଡ଼ିକର ସ୍ଥିତି ତୁରନ୍ତ ସମୀକ୍ଷା କରିବାକୁ କୁହାଯାଇଛି । ଯେଉଁଠି ଆବଶ୍ୟକ ସେଠାରେ ଶିକ୍ଷକଙ୍କ ସମନ୍ୱୟ, ବଦଳି କିମ୍ବା ନିୟୋଜନ ମାଧ୍ୟମରେ ପ୍ରତ୍ୟେକ ବିଦ୍ୟାଳୟରେ ନ୍ୟୂନତମ ଶିକ୍ଷକ ସଂଖ୍ୟା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଆଜିଠୁ ରାଜ୍ୟବ୍ୟାପୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ




ଭୁବନେଶ୍ୱର : ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଅଗଷ୍ଟ ୯ ତାରିଖରୁ ରାଜ୍ୟବ୍ୟାପୀ ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଆସନ୍ତା ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ରାଜଧାନୀ ଭୁବନେଶ୍ୱର ଠାରୁ ଆରମ୍ଭ କରି ବ୍ଲକ ଓ ପଂଚାୟତ ସ୍ତରରେ ଯାଏଁ ଘରେ ଘରେ ତ୍ରିରଙ୍ଗା ଅଭିଯାନ ବହୁ ଆଡ଼ମ୍ବର ସହକାରେ ପାଳନ କରାଯିବ । ଘରେ ଘରେ ତ୍ରିରଙ୍ଗା ଅଭିଯାନ କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଜିଲ୍ଲାକୁ ୧୦ ଲକ୍ଷ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯାଇଛି । ଅଗଷ୍ଟ ୯ ତାରିଖରେ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ 'ତ୍ରିରଙ୍ଗା ରାଲି' ଆୟୋଜିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ । ହାତୀଆସୁଣୀ ଗ୍ରାଉଣ୍ଡ ଠାରୁ ଲୁମ୍ବିନୀ ବିହାର ରୋଡ଼ ପର୍ଯ୍ୟନ୍ତ ତ୍ରିରଙ୍ଗା ରାଲି ଆୟୋଜିତ ହେବ । ଜାତୀୟ ଗୀତ ଓ ଜାତୀୟ ସଙ୍ଗୀତ ଗାନ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ତ୍ରିରଙ୍ଗା ରାଲିରେ ସମସ୍ତ ସରକାରୀ ଅଧିକାରୀ, ଯୁବ ବର୍ଗ, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ଛାତ୍ରଛାତ୍ରୀ, ଏନସିସି ଓ ଏନଏସଏସ ସ୍ୱେଚ୍ଛାସେବୀଙ୍କ ସମେତ ଓଡ଼ିଶାର ସମସ୍ତ ଜନସାଧାରଣ ଯୋଗଦେବେ । ସେହିପରି ଭାବେ ଜିଲ୍ଲା ସ୍ତରରେ ମଧ୍ୟ ତ୍ରିରଙ୍ଗା ରାଲିର ଆୟୋଜନ କରାଯିବ । ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ ସରକାରଙ୍କ 'ମିଶନ ଶକ୍ତି' ବିଭାଗ ଅଧୀନରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ୬୦ଲକ୍ଷ ଜାତୀୟ ପତାକା ପ୍ରସ୍ତୁତ କରାଯାଇ ସମସ୍ତ ଜିଲ୍ଲାମାନଙ୍କୁ ବଂଟନ କରାଯିବ । ଅଗଷ୍ଟ ୧୪ ତାରିଖରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ରାଜ୍ୟ ସ୍ତରୀୟ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ । ସମସ୍ତ ଜିଲ୍ଲାରେ ମଧ୍ୟ ଏହି ସ୍ମୃତି ଦିବସ ପାଳନ କରାଯିବ । ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ବିଭାଜନ ବିଭୀଷିକା ସ୍ମୃତିକୁ ଆଧାର କରି ଫଟୋଚିତ୍ର ପ୍ରଦର୍ଶନୀ, କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ ହେବା ସହ ନାଟକ ପରିବେଷଣ କରାଯିବ । ବିଭାଜନ ସମୟରେ ପ୍ରଭାବିତ ପରିବାର ବର୍ଗଙ୍କୁ ନିମନ୍ତ୍ରଣ କରାଯାଇ ସେମାନଙ୍କର ଅନୁଭୂତି ଶୁଣିବା ସହ ସେମାନଙ୍କୁ ସମ୍ମାନିତ କରାଯିବ । ସଭାକାର୍ଯ୍ୟ ଶେଷରେ ଉପସ୍ଥିତ ସମସ୍ତ ଅତିଥି ଓ ଜନସାଧାରଣଙ୍କୁ ନେଇ ନୀରବ କ୍ୟାଲେଣ୍ଡର ଶୋଭାଯାତ୍ରାର ଆୟୋଜନ କରାଯିବ । ଅଗଷ୍ଟ ୧୫ ତାରିଖରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ ।





# TPNODL ତରଫରୁ ଅଭିନବ ଉପଭୋକ୍ତା ପୁରସ୍କାର ଯୋଜନାର ଶୁଭାରମ୍ଭ

ବାଲେଶ୍ୱର(ନି.ପ୍ର) : ବିଦ୍ୟୁତ ବିତରଣ କ୍ଷେତ୍ରରେ ପରିଚାଳନା ଉତ୍କର୍ଷତା ଏବଂ ଉପଭୋକ୍ତା ସନ୍ତୁଷ୍ଟି ଦିଗରେ 'ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍ ?ଓଡିଏଲ୍ ?) ପକ୍ଷରୁ ବହୁବିଧ କାର୍ଯ୍ୟକ୍ରମ ଜାରି ରହିଛି । ଏହି କ୍ରମରେ ଉପଭୋକ୍ତାମାନଙ୍କ ସହ ସମ୍ପର୍କକୁ ଆହୁରି ନିବିଡ଼ କରିବା ଏବଂ ସେମାନଙ୍କୁ ଅଧିକ ମୂଲ୍ୟଯୁକ୍ତ ସେବା ପ୍ରଦାନ କରିବା ଲକ୍ଷ୍ୟରେ ସଂସ୍ଥା ତରଫରୁ ଉପଭୋକ୍ତା ପୁରସ୍କାର ଯୋଜନାର ଶୁଭାରମ୍ଭ ହୋଇଛି ।ଏହି ଅବସରରେ ଆଂଚଳିକ ଓ ଜାତୀୟ ସ୍ତରର ବିଭିନ୍ନ ବ୍ୟାବସାୟିକ ଉଦ୍ୟୋଗ ତଥା ବ୍ରାଣ୍ଡ ମାନଙ୍କ ସହ ଟିପିଏନ୍ ?ଓଡିଏଲ୍ ? ହାତ ମିଳାଇଛି । ଯାହାଦ୍ୱାରା ଉପଭୋକ୍ତାମାନେ ଜୀବନ ଶୈଳୀ, ହୋଟେଲ ଓ ଆତିଥେୟତା, ସ୍ୱାସ୍ଥ୍ୟ କଲ୍ୟାଣ ଏବଂ ରିଟେଲ କ୍ଷେତ୍ରରେ ସ୍ୱତନ୍ତ୍ର ରିହାତିର ଲାଭ ଉଠାଇପାରିବେ । ପ୍ରମୁଖ ଆଂଚଳିକ ଭାଗିଦାରୀ




ମଧ୍ୟରେ ବାଲେଶ୍ୱରର ହୋଟେଲ ନୋସି ରେସିଡେନ୍ସି ଓ ହୋଟେଲ ନୀଳାଦ୍ରି ଇନ୍, ଯାଜପୁରର ହୋଟେଲ ଡିଉ ପ୍ଲାଜା ଓ ହୋଟେଲ ବ୍ରାହ୍ମଣୀ ଏବଂ ଭଦ୍ରକର ହୋଟେଲ ଅତିଥି ଭଳି ଜଣାଶୁଣା ହୋଟେଲସମୂହ ସାମିଲ ଅଛନ୍ତି । ଏହାସହିତ ମନୋରଞ୍ଜନ ଓ ୱେଲନେସ କ୍ଷେତ୍ରରେ ଭୁବନେଶ୍ୱରର ୱାଣ୍ଡରଲା ଆମ୍ୟୁଜମେ[ ପାର୍କ, ବାଲେଶ୍ୱରର ପଦ୍ମାବତୀ ୱାଟର ପାର୍କ ଆଣ୍ଡ ରିସୋର୍ଟ ଏବଂ ଭଦ୍ରକର ଭିଭିଡ ୟୁନିସେକ୍ସ ସେଲୁନ୍ ଆଣ୍ଡ ସ୍ପା ତଥା ଆବସୋଲ୍ୟୁଟ ଫିଟନେସ ଏହି ପୁରସ୍କାର ଯୋଜନାରେ ଯୋଡି ହୋଇଛନ୍ତି । ଅପରପକ୍ଷରେ, ଜୋକୋଡେ ପରି ଇ-ସେବା ପ୍ଲାଟଫର୍ମର ସାମିଲ ଦ୍ୱାରା ଉପଭୋକ୍ତାମାନେ ପୋଷାକ, କନ୍ଜୁମର ଇଲେକ୍ଟ୍ରୋନିକ୍ସ, ଭ୍ରମଣ, ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରସିଦ୍ଧ ଜାତୀୟ ବ୍ରାଣ୍ଡଗୁଡ଼ିକର ମଧ୍ୟ ବିଭିନ୍ନ ରିହାତି ପାଇପାରିବେ ।ଏହି ପୁରସ୍କାର ଯୋଜନା ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏନ୍ଓଡିଏଲ୍ ଏବଂ ଶ୍ରୀ ସଞ୍ଜୀବ ଗୁପ୍ତା, ସିଏଫ୍ ?ଓ, ଟାଟା ପାୱାର ସଂଚାରଣ ଓ ବିତରଣ କ୍ଲଷ୍ଟରଙ୍କ ସମେତ ସଂସ୍ଥାର ବରିଷ୍ଠ ଅଧିକାରୀ ତଥା ବ୍ୟାବସାୟିକ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଛି । ଏହି ଅବସରରେ, ଅଂଶୀଦାର ସଂସ୍ଥାର ପ୍ରତିନିଧିମାନେ ଉତର ଓଡ଼ିଶାରେ ଟିପିଏନ୍ ?ଓଡିଏଲ୍ ?ର ନିର୍ଭରଯୋଗ୍ୟ ବିଦ୍ୟୁତ୍ ଭିତିଭୂମି ଏବଂ ଗୁଣାତ୍ମକ ଉପଭୋକ୍ତା ସେବାର ପ୍ରଶଂସା କରିବା ସହ ଟିପିଏନ୍ ?ଓଡିଏଲ୍ ? ସହ ସହଭାଗୀତା ନେଇ ନିଜର ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଯୋଜନାର ମୂଳ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରି ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏନ୍ଓଡିଏଲ୍ କହିଛନ୍ତି, "କେବଳ ପାରମ୍ପରିକ ବିଦ୍ୟୁତ୍ ବିତରଣ ମଧ୍ୟରେ ସୀମିତ ନରହି, ଉପଭୋକ୍ତାମାନଙ୍କୁ ଗୁଣାତ୍ମକ ତଥା ମୂଲ୍ୟଯୁକ୍ତ ବିଶେଷ ସେବା ପ୍ରଦାନ ନେଇ ଟିପିଏନ୍ଓଡିଏଲ୍ ସର୍ବଦା ଚେଷ୍ଟା ଜାରି ରଖିଛି । ଉପଭୋକ୍ତା ପୁରସ୍କାର ଯୋଜନା କମ୍ପାନୀର ନୂତନତା ଓ ଉପଭୋକ୍ତା ସନ୍ତୁଷ୍ଟି ପ୍ରତି ଥିବା ନିଷ୍ଠାକୁ ପ୍ରତିଫଳିତ କରୁଛି ଓ ଏହା ଉପଭୋକ୍ତାମାନଙ୍କ ସହ ସୁଦୃଢ଼ ବିଶ୍ୱାସ ଗଢ଼ିତୋଳିବା ଏବଂ ସେମାନଙ୍କ ସହ ସକ୍ରିୟ ଭାଗିଦାରୀକୁ ଆହୁରି ମଜଭୁତ କରିବାରେ ସହାୟକ ହେବ" । ନିତ୍ୟାବଶ୍ୟକୀୟ ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ସହିତ ଜୀବନଶୈଳୀ ଭିତିକ ସୁବିଧା ଓ ସୁଯୋଗର ସଫଳ ସଂଯୋଜନା କରି ଟିପିଏନ୍ ?ଓଡିଏଲ୍ ? ଅଂଚଳରେ ଏକ ଅଗ୍ରଗାମୀ ଏବଂ ମୂଲ୍ୟ-ଭିତିକ ସହଯୋଗୀ ଭାବେ ନିଜର ପରିଚୟକୁ ଅଧିକ ସୁଦୃଢ଼ କରିପାରିଛି ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର(ନି.ପ୍ର.): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ଓଡ଼ିଶା ଆନୁକୂଲ୍ୟରେ ବାଲେଶ୍ୱର ଜିଲ୍ଲା ତରଫରୁ ସ୍ୱର୍ଗତ ଭଗବାନ ବିନ୍ଧାଣିଙ୍କ ପ୍ରଥମ ଶ୍ରଦ୍ଧବାର୍ଷିକୀ ପାଳନ ଅବସରରେ ସୁନ୍ଦୁରୀ ସ୍ଥିତ ୬୦୦ ବର୍ଷ ପୁରାତନ ସ୍ୱପ୍ନେଶ୍ୱର ବଉଳବେଣୀପୀଠ ଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସିଦ୍ଧେଶ୍ୱର ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ରାଜେନ୍ଦ୍ର ରାଉତ, ଜନାର୍ଦ୍ଦନ ବିନ୍ଧାଣି, କିରଣ କୁମାର ମହାରଣା, ଶ୍ରୀରାମ ପାଢ଼ୀ, ପ୍ରଭାତ କୁମାର ମହାରଣା ଏବଂ ଭୁବନେଶ୍ୱରରୁ ଆସିଥିବା ବିଶ୍ୱକର୍ମା ସମିତିର ବରିଷ୍ଠ ସଦସ୍ୟ ଇଂ ଯୁଗଳ କିଶୋର ମହାରଣା, ସୁରେନ୍ଦ୍ର କୁମାର ମହାରଣା, ରବୀନ୍ଦ୍ର କୁମାର ଓଝା, ବରେନ୍ଦ୍ର ମହାରଣା ପ୍ରମୁଖ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତବ୍ୟରେ କହିଥିଲେ କି, ବୃକ୍ଷ ହିଁ ଜୀବନ । ଆଗାମୀ ଦିନରେ ସାରା ବିଶ୍ୱ ଜଳବାୟୁ ଏବଂ





ଅଙ୍ଗାରକାମ୍ଳର କୃତ୍ରିମ ଅଭାବ ଯୋଗୁଁ ବିଶ୍ୱରେ ବିଭିନ୍ନ ରାଷ୍ଟ୍ରରେ ବହୁ ଅପ୍ରୀତିକର କାର୍ଯ୍ୟ ସୃଷ୍ଟି ହେଉଛି । ଯେଉଁଥିପାଇଁ ବୃକ୍ଷରୋପଣ ପ୍ରତ୍ୟେକ ମାନବର ଏକ ଧେୟ ହେଉ ଏହାହିଁ ମତପ୍ରକାଶ ପାଇଥିଲା ।

# ନୃତ୍ୟ ସଙ୍ଗୀତ କଳାମନ୍ଦିରର ନୂତନ କର୍ମକର୍ତା ଚୟନ

### ସଭାପତି ଭାବରେ ଡ. ସୁବାସ ଚନ୍ଦ୍ର ପାତ୍ର ଓ ସଂପାଦକ ଭାବରେ ଲକ୍ଷ୍ମୀନାରାୟଣ ଘୋଷ ମନୋନୀତ



ବାଲେଶ୍ୱର,(ନି.ପ୍ର.): ବାଲେଶ୍ୱର ନୃତ୍ୟ ସଙ୍ଗୀତ କଳାମନ୍ଦିରର ବାର୍ଷିକ ଅଧିବେଶନ ଓ ଆସନ୍ତା ୩ବର୍ଷ ପାଇଁ ନୂତନ କର୍ମକ□ା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଡ. ସୁବାସ ଚନ୍ଦ୍ର ପାତ୍ରଙ୍କ ପୌରହିତ୍ୟରେ ସ୍କୁଲ ପରିସରରେ ଥିବା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସାଧାରଣ ସଂପାଦକ ଲକ୍ଷ୍ମୀନାରାୟଣ ଘୋଷ ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ହରେନ ଚନ୍ଦ୍ର ରଣା ବାର୍ଷିକ ଆୟ ବ୍ୟୟ ଅଟକଳର ବିବରଣୀ ପାଠ କରିଥିଲେ । ମୁଖ୍ୟ ଉପଦେଷ୍ଟା ଶରତ ଚନ୍ଦ୍ର ଦାଶ ଏହି ଅବସରରେ ସେଠାରେ ଉପସ୍ଥିତ ରହି ଚଳିତ ବର୍ଷ ଅନୁଷ୍ଠାନର ୭୦ବର୍ଷ ପୂ□ି ଅବସରରେ ହେବାକୁ ଥିବା ରତ୍ନ ଜୟନ୍ତୀ କିପରି ପାଳନ ହେବ ସେ ସଂପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ । ପରେ ନୂତନ କର୍ମକ□ା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅଶୋକ କୁମାର ଆଶ୍ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପୂର୍ବବର୍ଷ ପରି ଚଳିତବର୍ଷ ମଧ୍ୟ ସଭାପତି ଭାବେ ଡ. ସୁବାସ ଚନ୍ଦ୍ର ପାତ୍ର, ଉପସଭାପତି ଉତ୍ପଳ ମହାନ୍ତି ଓ ସୁଜିତ ଦେବ, ସଂପାଦକ ଲକ୍ଷ୍ମୀ ନାରାୟଣ ଘୋଷ, ଯୁଗ୍ମ ସଂପାଦକ ଭାବରେ ବ୍ରହ୍ମ ନାଥ ରଥ ଓ ସୁଦିପ୍ତା ମହାନ୍ତି, କୋଷାଧକ୍ଷ ଭାବେ ହରେନ ଚନ୍ଦ୍ର ରଣା ଏବଂ ଅଶୋକ କୁମାର ଆଶ୍ ଓ ଗୌରଙ୍ଗ ପାଣିଗ୍ରାହୀଙ୍କୁ ନିମନ୍ତ୍ରିତ ସଦସ୍ୟ ଭାବରେ ଚୟନ କରାଯାଇଥିଲା । ଏତତ୍‌ବ୍ୟତୀତ କାର୍ଯ୍ୟକାରୀ ସଦସ୍ୟ ଭାବରେ ଶରତ କୁମାର ମହାପାତ୍ର, ମୁକ୍ତିକାନ୍ତ ମହାନ୍ତି, ସୌରଭ କୁମାର ବେହେରା, ବିନାୟକ ପ୍ରସାଦ ସାହୁ, ସ୍ମୃତି ଦାସ, ଗୋପାମୁଦ୍ରା ମହାପାତ୍ର, ଗୀତାଞ୍ଜଳି ସିଂହ, ମଦନ କୁମାର ବର୍ଦ୍ଧନ ଓ ବନ୍ଦିତା ସାହୁଙ୍କୁ ମନୋନୀତ କରାଯାଇଥିଲା । ଉପସ୍ଥିତମାନେ ଏହି ପ୍ରସ୍ତାବକୁ ସର୍ବସମ୍ମତି କ୍ରମେ ଗ୍ରହଣ କରିଥିଲେ । ଶେଷରେ ବରିଷ୍ଠ ସଦସ୍ୟ ହରିରାମ ମଚ୍ଛର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ଉପଦେଷ୍ଟା ଭାବରେ ଶରତ ଚନ୍ଦ୍ର ଦାଶ ଓ ସୁବାସିନୀ ଜେନାଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୩୫ରୁ ଉର୍ଦ୍ଧ୍ୱ ସଦସ୍ୟ/ସଦସ୍ୟା ଉପସ୍ଥିତ ଥିଲେ ।

# ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ୭ମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ବାଲେଶ୍ୱର,(ନି.ପ୍ର.): ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ୭ମ ଶ୍ରାଦ୍ଧବାର୍ଷିକୀ ଅବସରରେ ସହଦେବଖୁ□ାସ୍ଥିତ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଲ୍ୟାର୍ପଣ କରାଯାଇ ସ୍ୱର୍ଗତ ବେଜଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା । ଏହା ସହିତ ମିଶନ କମ୍ପ୍ଲେକ୍ସରେ ଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶୁଷ୍କ ଖାଦ୍ୟ ବ□ନ କରାଯାଇଥିଲା ।




ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ସମାଜସେବୀମାନେ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ଜୀବନ ଓ ମୂଲ୍ୟବୋଧକୁ ସ୍ମରଣ କରିଥିଲେ । ପରିବାର ପକ୍ଷରୁ ତାଙ୍କ ସ୍ମୃତିକୁ ସେବା, ସହଯୋଗ ଓ ସାମାଜିକ ଦାୟିତ୍ୱ ସହିତ ଯୋଡ଼ିବାର ଏହି ପ୍ରୟାସକୁ ଉପସ୍ଥିତ ସମସ୍ତେ ପ୍ରଶଂସା କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ପାଣିଗ୍ରାହୀ, କା□ିକ ଚନ୍ଦ୍ର ବାରିକ, ସରସ୍ୱତୀ ପଣ୍ଡା, ଅାଇନଜୀବୀ ନିରଞ୍ଜନ ପରିଡ଼ା ଏବଂ କାଉନସିଲର୍ ଦେବାଶିଷ ସିଂହ ପ୍ରମୁଖ ବହୁ ସମାଜସେବୀ ଓ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ବେଜଙ୍କ ପୁତ୍ର ପ୍ରଶାନ୍ତ କୁମାର ବେଜ ଓ ସୁଶାନ୍ତ କୁମାର ବେଜ ଏବଂ କନ୍ୟା ତୁଳସୀ ବେଜଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।



# ପେଟ୍ରୋଲ୍‌ରେ ଇଥାନଲ୍ ମିଶ୍ରଣ ନୀତି ସମ୍ପର୍କରେ ଭାରତର କମ୍ୟୁନିଷ୍ଟ ପାର୍ଟିର ବିକ୍ଷୋଭ

ବାଲେଶ୍ୱର(ନି.ପ୍ର.)ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)ର ପଲିଟ୍ ବ୍ୟୁରୋ ପେଟ୍ରୋଲ୍ ରେ ଇଥାନଲ୍ ମିଶ୍ରଣ ନୀତିର ବ୍ୟାପକ ପ୍ରଭାବକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ।ଇଥାନଲ୍ ମିଶ୍ରିତ ଇନ୍ଧନ ବ୍ୟବହାର ଯୋଗୁଁ ଯାନବାହନର କ୍ଷତି ସମ୍ପର୍କରେ ଚିନ୍ତା ପ୍ରକାଶ କରି ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମ୍ୟାନୁଫ୍ୟାକ୍ଚରର୍ସ ପକ୍ଷରୁ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରଣାଳୟକୁ ନିକଟରେ ଲେଖାଯାଇଥିବା ପତ୍ର ଏହି ନୀତି ସହିତ ଜଡ଼ିତ ଗମ୍ଭୀର ବିପଦକୁ ସାମ୍ନାକୁ ଆଣିଛି । ପରବର୍ତୀ ସମୟରେ, ଯାହା ଜଣାପଡୁଛି, ସ୍ପଷ୍ଟତଃ ; ଚାପରେ ପଡ଼ି ସେହି ପତ୍ରକୁ ପ୍ରତ୍ୟାହାର କରାଯାଇଥିଲେ ମଧ୍ୟ, ସେଥିରେ ଉଠାଯାଇଥିବା ଉଦ୍‌ବେଗଜନକ ପ୍ରସଙ୍ଗଗୁଡ଼ିକର ଗୁରୁତ୍ୱ କୌଣସିମତେ କମିଯାଏ ନାହିଁ ।ଇନ୍ଧନରେ ଇଥାନଲ୍ ମିଶ୍ରଣ ନୀତି ଲାଗୁ କରାଯିବା ସମୟରେ ଆଶ୍ୱାସନା ଦିଆଯାଇଥିଲା ଯେ ଇଥାନଲ୍ କିମ୍ବା ଯେକୌଣସି ଇଥାନଲ୍-ମିଶ୍ରିତ ପେଟ୍ରୋଲ୍ (ଋଇଚ) ଶୁଦ୍ଧ ପେଟ୍ରୋଲ୍ ତୁଳନାରେ ଶସ୍ତା ହେବ । କିନ୍ତୁ ୨୦ ଶତାଂଶ ଇଥାନଲ୍-ମିଶ୍ରିତ ପେଟ୍ରୋଲ୍ (ଋ୨୦) ବ୍ୟବସ୍ଥା ଲାଗୁ ହେବା ପୂର୍ବରୁ ଯେଉଁ ଦରରେ ଶୁଦ୍ଧ ପେଟ୍ରୋଲ୍ ବିକ୍ରି ହେଉଥିଲା, ପ୍ରାୟ ସେହି ଦରରେ ହିଁ ୨୦ ଶତାଂଶ ଇଥାନଲ୍-ମିଶ୍ରିତ ପେଟ୍ରୋଲ୍ (ଋ୨୦) ବିକ୍ରି ହେଉଛି; ଯଦିଚ ଏହି ମିଶ୍ରିତ ଇନ୍ଧନ ବ୍ୟବହାର ଫଳରେ ଯାନର ମାଇଲେଜ୍ କମିଯାଉଛି ଏବଂ ଯାନର ଅତିରିକ୍ତ ମାତ୍ରାରେ ବ୍ୟବହାର-ଜନିତ-ଅବକ୍ଷୟ ହେଉଛି ।ଅନ୍ୟ କୌଣସି ବିକଳ୍ପ ନଥିବାରୁ ଉପଭୋକ୍ତାମାନେ ଏହି ଇଥାନାଲ୍ ମିଶ୍ରିତ ଇନ୍ଧନ ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି; ଯଦିଓ ଯାନବାହନର କାର୍ଯ୍ୟଦକ୍ଷତା ଏବଂ ରକ୍ଷଣାବେକ୍ଷଣ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।ଯେଉଁ ଦେଶରେ ଭୋକ ଓ ଅପୁଷ୍ଟି ଜନସାଧାରଣଙ୍କର କିଛି ଅଂଶକୁ କବଳିତ କରି ରଖିଛି, ସେଠାରେ ଏହି ନୀତି ଯୋଗୁଁ ଖାଦ୍ୟଶସ୍ୟକୁ ଇନ୍ଧନ ଉତ୍ପାଦନ ପାଇଁ ବ୍ୟବହାର କରିବା ଦେଖିବାକୁ ମିଳୁଛି , ଯାହା ଅତ୍ୟନ୍ତ ଉଦ୍ ?ବେଗଜନକ ବିଷୟ ।ଇଥାନଲ୍ ଉତ୍ପାଦନ ବୃଦ୍ଧି କରିବା ପାଇଁ ମକା ମଧ୍ୟ ଆମଦାନୀ କରାଯାଉଛି । ବୃହତ୍ କର୍ପୋରେଟ୍ ସଂସ୍ଥା ଏବଂ ବଡ଼ ବଡ଼ ଚିନି କଳଗୁଡ଼ିକୁ ଫାଇଦା ପହଂଚାଉଥିବା ବେଳେ, ଏହି ନୀତି ଚାଷ ପ୍ରଣାଳୀରେ ଅସନ୍ତୁଳନ ସୃଷ୍ଟି କରୁଛି । ଏହା ବ୍ୟତୀତ, ଅଧିକ ପାଣି ଆବଶ୍ୟକ କରୁଥିବା ଫସଲ ଚାଷ ଯୋଗୁଁ ସୀମିତ ଭୂତଳ ଜଳ ସମ୍ପଦ ହ୍ରାସ ପାଉଛି ।ଏହି ନୀତି ମୋଦୀ ସରକାରଙ୍କର ଏଭଳି ଏକ ପ୍ରାଥମିକତାକୁ ପ୍ରକାଶ କରୁଛି, ଯେଉଁଠାରେ ନାଗରିକମାନଙ୍କର ସ୍ୱାର୍ଥ ଅପେକ୍ଷା କର୍ପୋରେଟ୍ ଲାଭକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଯେଉଁ ନୀତି ଆମ ଖାଦ୍ୟ ସୁରକ୍ଷାକୁ ପ୍ରଭାବିତ କରେ, କୃଷକମାନଙ୍କର ସ୍ୱାର୍ଥକୁ କ୍ଷତି ପହଂଚାଏ, ଉପଭୋକ୍ତାଙ୍କ ଅଧିକାରର ହାନି ଘଟାଏ ଏବଂ ପରିବେଶୀୟ ସ୍ଥିରତାକୁ ବିପନ୍ନ କରେ, ତାହାକୁ ଆଗକୁ ବଢ଼ିବାକୁ କିମ୍ବା ଜାରି ରଖିବାକୁ ଦିଆଯାଇପାରିବ ନାହିଁ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମାଇବା ଆବଶ୍ୟକ ହେଲେ ମଧ୍ୟ, ଏହା ଖାଦ୍ୟ ସୁରକ୍ଷା, ପରିବେଶୀୟ ଚିନ୍ତା ଓ ଉପଭୋକ୍ତାଙ୍କର ସମସ୍ୟାକୁ ବଳି ଦେଇ କରାଯାଇପାରିବ ନାହିଁ । ସି.ପି.ଆଇ.(ଏମ୍.)ର ପଲିଟ୍ ବ୍ୟୁରୋ ଦାବି କରୁଛି ଯେ ଇନ୍ଧନ ମିଶ୍ରିତ ହେବ କି ନାହିଁ, ସେହି ପସନ୍ଦର ଅଧିକାର ଉପଭୋକ୍ତାଙ୍କ ଉପରେ ଛାଡ଼ି ଦିଆଯାଉ । ସମସ୍ତ ଇନ୍ଧନ ବିକ୍ରୟ କେନ୍ଦ୍ରରେ ମିଶ୍ରିତ ଏବଂ ଅମିଶ୍ରିତ (ଶୁଦ୍ଧ)—ଉଭୟ ପ୍ରକାରର ଇନ୍ଧନ ଉପଲବ୍ଧ କରାଯାଉ । ଏଥିସହିତ, ମାଇଲେଜ୍ କମିବା ଏବଂ ବ୍ୟବହାର ଜନିତ ଅତିରିକ୍ତ ଅବକ୍ଷୟ ପାଇଁ ଉପଭୋକ୍ତାଙ୍କୁ କ୍ଷତିପୂରଣ ମିଳିବା ପାଇଁ ଇଥାନଲ୍ ମିଶ୍ରିତ ଇନ୍ଧନର ଦର ପେଟ୍ରୋଲ୍ ତୁଳନାରେ ଅନୁପାତିକ ଭାବେ କମ୍ ରଖାଯାଉ । ୨୦ ପ୍ରତିଶତରୁ ଅଧିକ ଇଥାନଲ୍ ମିଶ୍ରଣକୁ ସମ୍ପୂର୍ଣ୍ଣ ରୂପେ ବାରଣ କରାଯାଉ । ଆମେରିକା ଯେଉଁ ଜିନ୍ ?ଗତ ଭାବେ ପରିବର୍ତିତ (ଜେନେଟିକାଲି ମୋଡ଼ିଫାଏଡ୍) ମକା ଭାରତ ଉପରେ ଥାପିବାକୁ ଚେଷ୍ଟା କରୁଛି, ତାହାର ଆମଦାନୀ ବିରୁଦ୍ଧରେ ମଧ୍ୟ ସିପିଆଇ(ଏମ୍) ଚେତାବନୀ ଦେଇଛି । ଏହି ମକାର କିଛି ଅଂଶ ମାନବ ଖାଦ୍ୟ ଭାବେ ବ୍ୟବହୃତ ହୋଇଯିବା ସହିତ ଏହା ଆମ ଫସଲକୁ ମଧ୍ୟ ଦୂଷିତ କରିବାର ଗମ୍ଭୀର ଆଶଙ୍କା ରହିଛି ।

# ଏଡିଏମ୍ଛକ-ରାଜାବଗିଚା ଜବରଦଖଲ ଉଚ୍ଛେଦ: ବ୍ୟବସାୟୀଙ୍କ ପେଟରେ ଲାତ: ଥଇଥାନ କେବେ ?

ବାଲେଶ୍ୱର,(ନି.ପ୍ର.): ଦୀର୍ଘଦିନ ଧରି ଏଡ଼ିଏମ ଛକ-ରାଜାବଗିଚା ରାସ୍ତାର ଦୁଇଧାରରେ ବେଆଇନ ଭାବେ ଗୁମୁଟି ପକାଯାଇ କଲିକତା ଭଳି ଏକ ମିନି ବ୍ୟବସାୟୀ ପ୍ରତିଷ୍ଠାନ ସୃଷ୍ଟି କରାଯିବା ଫଳରେ ଦୈନନ୍ଦିନ ଛୋଟବଡ଼ ଦୁର୍ଘଟଣା ସାଙ୍ଗକୁ ରାସ୍ତା ଜାମ ଅତି ମାତ୍ରାରେ ହେବା ଫଳରେ ବାରମ୍ବାର ପ୍ରଶାସନକୁ



ସର୍ବସାଧାରରଣ ତାଗିତ କରୁଥିଲେ ଏହି ଅଂଚଳରେ ଜବରଦଖଲ ଉଚ୍ଛେଦ ହେଉନାହିଁ କାହିଁକି ? ଅପରପକ୍ଷରେ ଉକ୍ତ ଅଂଚଳରେ ଲେବରଅଫିସ, ମତ୍ସ୍ୟ ବିଭାଗ ଅଫିସ, ପ୍ରଦୂଷଣ ପରମିଶନ ଅଫିସ, ଭିଜିଲାନ୍ସ ଏସପି, ଶିକ୍ଷା ବିଭାଗ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ସରକାରୀ ପଦସ୍ଥ ପଦାଧିକାରୀଙ୍କ ବାସଗୃହ ଥିବାବେଳେ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିମାନେ ରାସ୍ତା ଉପରେ ନିଜର ଦୁଇଚକିଆ ବାଇକ ରଖି ଭିଜିଲାନ୍ସ ଏସପିଙ୍କ ବାଉଣ୍ଡାରୀ ଉପରେ ମଦବୋତଲ, ଗ୍ଲାସ ଓ ଅନ୍ୟାନ୍ୟ ମାଦକଦ୍ରବ୍ୟ ସାମଗ୍ରୀ ରଖିବା କେତେଦୂର ଯୁକ୍ତିଯୁକ୍ତ ସେଥିନେଇ ଚର୍ଚ୍ଚା ଜୋର ଧରିଛି । ଅପରପକ୍ଷରେ ଛୋଟ ଛୋଟ ବ୍ୟବସାୟୀମାନେ ନିଜର ଗୁମଟିକୁ ମୁଷ୍ଟିମେୟ ଲୋକଙ୍କ ହାତରେ ବଳପୂର୍ବକ ଏହି ଅଂଚଳରେ ପକାଇବା, ଭିଜିଲାନ୍ସ ଏସପିଙ୍କ ବାଉଣ୍ଡାରି କାନ୍ଥକୁ ଲଗାଇ ପକାଇବା, ତାଙ୍କ ଘର ସମ୍ମୁଖରେ ଦୁଇଚକିଆ ବାଇକ ସନ୍ଧ୍ୟାରେ ରଖିବା, ତାବତ୍ୟ ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ଫଳରେ ଜନଜୀବନ ଓ ସହରବାସୀ ଅତିଷ୍ଠ ହୋଇପଡ଼ିଥିଲେ । ଯାହାଫଳରେ କି ସମସ୍ତଙ୍କ ଅଭିଯୋଗକୁ ଆଖି ଆଗରେ ରଖି ଜିଲ୍ଲା ପ୍ରଶାସନ ଓ ପୌରପାଳିକା କର୍ତୃପକ୍ଷ ଆଜି ଜେସିବି ମାଧ୍ୟମରେ ଗୁମଟି ସବୁ ଉଠାଇ ଦେଇଛି । ପୂର୍ବରୁ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ପ୍ରସାର କରିଥିଲେ ହେଁ ସମସ୍ତ ଛୋଟବଡ଼ ବ୍ୟବସାୟୀଙ୍କୁ ତାଗିଦ କରିଥିଲେ । ଅପରପକ୍ଷରେ ପ୍ରଶାସନ ଏହି କ୍ଷୁଦ୍ର ବ୍ୟବସାୟୀଙ୍କୁ ଅନ୍ୟ କେଉଁଠାରେ ଥଇଥାନ କରିବା ପାଇଁ ଦାବି ହୋଇଛି । ତା'ଛଡ଼ା ଏହି ଅଂଚଳରେ ଯେଉଁମାନେ ବଟି ଆଦାୟ କରୁଥିଲେ ମାସକୁ ମାସ ସେମାନଙ୍କୁ ଆୟପନ୍ଥା ଏ ଅଂଚଳରୁ ବନ୍ଦ ହୋଇଯାଇଛି କହିଲେ ନସରେ ।



# ସାଳନ୍ଦୀ କେନାଲ ରେ ଗାଧୋଉଥିବା ବେଳେ ନାବାଳକ ମୃତ

ନୀଳଗିରି,(ନିପ୍ର ):ସାଳନ୍ଦୀ କେନାଲ ରେ ବାପ, ପୁଅ ଓ ପୁତୁରା ଗାଧୋଉଥିବା ବେଳେ ଅସାବଧାନତା ହେତୁ ଚାଲି ଗଲା ନାବାଳକ ପୁତୁରା ର ଜୀବନ, ଏଭଳି ଏକ ଅଭାବନୀୟ ଘଟଣା ବରି ସାହି ଗାଁରେ ଦେଖି ବାକୁ ମିଳିଛି । ଏ ନେଇ ପରିବାର ଓ ଅଂଚଳରେ ଶୋକରଛାୟା ଖେଳିଯାଇଛି । ଘଟଣାନୁଯାୟୀ ନୀଳଗିରି ଏନଏସି ଅଧିନସ୍ଥ ୧ ନମ୍ବର ୱାର୍ଡରେ କଦମ୍ବ ସାହିର ଜଟା ଧାମୁଡ଼ିଆ ଙ୍କ ପୁଅ ଆଜି ତାର ବଡବାପା ୫ ନମ୍ବର ୱାର୍ଡ ବରିସାହି ରେ ରହୁଥିବା ବଦ୍ରି ଧାମୁଡ଼ିଆଙ୍କ ପୁତୁରା ରାହୁଲ ଆଜି ସକାଳେ ବଡ଼ ବାପା ବଦ୍ରୀ ଘରକୁ ଯାଇଥିଲା ।ଆଜି ଅପରାହ୍ନ ପ୍ରାୟ ଘ୧.୩୦ ସମୟରେ ଗାଧୋଇବା ପାଇଁ ଗାଁ ମୁଣ୍ଡରେ ଥିବା ସାଳନ୍ଦୀ କେନାଲ କୁ ବଦ୍ରି ଧାମୁଡ଼ିଆ , ପୁଅ ସାଇ(୭) ଏବଂ ଜାଟା ର ପୁତ୍ର ତଥାପୁତୁରା ରାହୁଲ(୮) ମିଶି ଗାଧୋଇବା ପାଇଁ ଯାଇଥିଲେ କ୍ଷ ସମସ୍ତେ ଗାଧୋଇ ସାରି ଘରକୁ ଆସିବାକୁ ବାହାରିବାବେଳେ କୌଣସି କାରଣ ରୁ ଦୁଇଭାଇ ବାହାରିବା ଡେରିକରି ପଛରେ କେନାଲ ଆଡିରେ ଚାଲି ଚାଲି ଆସୁଥିବା ସମୟରେ ବଡ଼ଭାଇ ରାହୁଲଙ୍କ ଗୋଡ କେନାଲକୁ ଖସିଯିବାରୁ କେନାଲଭିତରକୁ ଖସିଯାଉଥିବା ସମୟରେ ସାନଭାଇ ସାଇର ହାତକୁ ହଠାତ ଧରିପକାଇବା ସମୟରେ ସାଇ ତଳେ ପଡିଯାଇ ମୁହଁ ମାଡ଼ ହୋଇଯାଇଛି କ୍ଷ ଏହିସମୟରେ ରାହୁଲର ହାତ ସାଇ ର ହାତଛାଡି ଗୋଡ଼କୁ ଧରି ପକାଇଥିଲା କ୍ଷ ଗୋଡ ଧରିଥିବାରୁ ସାଇ ଗୋଡ କାଟୁଛି କହି ଚିତ୍କାର କରିଥିଲା କ୍ଷ ଚିତ୍କାର ଶୁଣି ରାହୁଲ ଗୋଡ଼ରୁ ହାତ ଛାଡିଦେଇଥିଲା କ୍ଷ ସାଇର ଚିତ୍କାର ଶୁଣି ବଡ଼ବାପା ପଛକୁ ଫେରି ଦୌଡ଼ି ଆସିଦେଖିଲା ବେଳ କୁ ରାହୁଲ ପାଣିଭିତରେ ବୁଡ଼ିଯାଇଥିଲା ।ଖବର ପାଇ ନୀଳଗିରି ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ବହୁସମୟ ଖୋଜା ଖୋଜି ପରେ ପାଣି ଭିତରୁ ବାହାର କରିଥିଲେ । ସେତେବେଳକୁ ରାହୁଲ ର ଚେତା ନଥିଲା ।ପରେ ସଙ୍ଗେ ସଙ୍ଗେ ନୀଳଗିରି ଡାକ୍ତର ଖାନା ନେଇଥିଲେ ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା ପରେ ଡାକ୍ତର ଖାନା ଭିତରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶ୍ୱ ବ୍ୟବଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।ଖବର ଘଟଣା ସ୍ଥଳରେ ନୀଳଗିରି ପୋଲିସ ପହଁଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡିଛି ।ଏହି ଘଟଣା ପ୍ରଚାରିତପରେ ପରିବାର ସମେତ ନୀଳଗିରି ସହରରେ ଶୋକର ଛାୟା ଖେଳିଯାଇଛି ।

# ପ୍ରଗତିବାଦୀ କବି ପ୍ରହଲ୍ଲାଦ ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ଖୋର୍ଦ୍ଧା(ନିପ୍ର): ଖୋର୍ଦ୍ଧା ଲୋକପ୍ରିୟ ପ୍ରଗତିବାଦୀ କବି ପ୍ରହଲ୍ଲାଦ ଦାସଙ୍କ ଏକାଦଶ ବାର୍ଷିକୀ ଶ୍ରଦ୍ଧାଞ୍ଜଳି ସମାବେଶ ଆଶାଚକ୍ର ପ୍ରକାସନୀ ସଂସ୍ଥାର ପରିଚାଳକ ବିଶିଷ୍ଟ ସାହିତ୍ୟିକ ବୈକୁଣ୍ଠ ନାଥ ରାଜଗୁରୁଙ୍କ ପୌରୋହିତ୍ୟରେ ଗାୟତ୍ରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଗତିବାଦୀ ଚେତନାର ସଂବାହକ ଶ୍ରୀ ରାମ ଶଙ୍କର କବିଙ୍କର ପ୍ରକାଶିତ କବିତା ସଂକଳନ "ମୁଠାଏ ବହ୍ନି" ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ "ସିଏ ପରା ମୋ ମାଆ" ଏବଂ ଡ଼.ପ୍ରଫୁଲ୍ଲ କୁମାର ସାମନ୍ତରାୟ କବିଙ୍କର ଶିଶୁ କବିତା ସଂକଳନ "ସଜଫୁଲ" ଉପରେ ଆଲୋଚନା କରି କବିଙ୍କର ସାରସ୍ୱତ ସାଧନାର ବୈଶିଷ୍ଟ୍ୟ ପ୍ରତିପାଦନ କରିଥିଲେ । ସତ୍ୟବାଦୀ ବଳିଆରସିଂହ କବିଙ୍କର ବିଭିନ୍ନ ସାହିତ୍ୟ ସଂଗଠନରେ ଦୃଢ ସହଭାଗିତା ବିଷୟରେ ଆଲୋକପାତ କରିଥିଲେ । ପ୍ରହଲ୍ଲାଦ ଦାସଙ୍କ ସାନଭାଇ ପ୍ରସନ୍ନ କୁମାର ସାମନ୍ତରାୟ ଏବଂ ପୁତୁରା ବିଭୂତି ଭୂଷଣ ସାମନ୍ତରାୟ ତାଙ୍କର ପାରିବାରିକ ଜୀବନ ସମେତ ପରୋପକାରୀ ଗୁଣର ପ୍ରସଂଶା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଗୋବିନ୍ଦଚନ୍ଦ୍ର ମହାରଣା, ଡ଼.ନୀଳାଦ୍ରି ନାଥ ଜଗଦ୍ଦେବ, ବିକ୍ରମ କେଶରୀ ଚମ୍ପତି ଓ ଶ୍ରୀମତୀ ଇତିଶ୍ରୀ ସାହୁଙ୍କ ସଂଯୋଜନାରେ କବି ଦିବ୍ୟ ଲୋଚନ ଭାରିମଲ୍ଲ, କୈଳାସ ଚନ୍ଦ୍ର ପୃଷ୍ଟି, ଅନସୂୟା ସାମନ୍ତରାୟ, କୁଞ୍ଜବିହାରୀ ପାଢୀ, କବିତା ପଟ୍ଟନାୟକ, ଡ଼.ବୃନ୍ଦାବନ ପଣ୍ଡା, ଡ଼.ଚପଳା ପଣ୍ଡା, ଦେବେନ୍ଦ୍ର ନାରାୟଣ ବାରିକ, ଅଶୋକ କୁମାର ରାୟସିଂହ, ରାଜକିଶୋର ବଳିୟାରସିଂହ, ପ୍ରଫୁଲ୍ଲ କୁମାର ଦାସ, ସଂବିତ୍ ପଟ୍ଟନାୟକ, ଜ୍ୟୋତିରଞ୍ଜନ ସାହୁ ପ୍ରଭୃତି କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କୃଷ୍ଣଚନ୍ଦ୍ର ହରିଚନ୍ଦନ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଧନ୍ୟବାଦ ଦେଇଥିଲେ । ଜୟନ୍ତ କୁମାର ମହାନ୍ତି ସମାବେଶ ପରିଚାଳନା କରିଥିଲେ ।

# ଜମିଜମା ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ, ମହିଳା ଗୁରୁତର

ଧାମନଗର(ନିପ୍ର): ଧାମନଗର ବ୍ଲକ ଧୁଷୁରୀ ଥାନା ଅନ୍ତର୍ଗତ ବୟାଙ୍ଗଡିହି ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ରକରି ଉତେଜନା ପ୍ରକାଶ ପାଇଛି । ଏହି ବିବାଦକୁ ନେଇ ଘଟିଥିବା ମାଡ଼ପିଟ୍ ?ରେ ବିନିଲତା ସାହୁ ନାମକ ଜଣେ ବିଧବା ମହିଳା ଗୁରୁତର ଆହତ ହୋଇ କଟକ ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଛି ।ପ୍ରକାଶ ଥାଉକି ବୟାଙ୍ଗଡିହି ଗ୍ରାମର ସ୍ୱର୍ଗତ ଚକ୍ରଧର ସାହୁଙ୍କ ପତ୍ନୀ ବିନିଲତାଙ୍କ ପରିବାର ଓ ସେହି ଗ୍ରାମର ରଜତ ସାହୁ, ମାନସ ସାହୁ ଓ ସୁଶାନ୍ତ ସାହୁଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଜମିଜମାକୁ ନେଇ ବିବାଦ ଲାଗିରହିଥିଲା । ଏ ସମ୍ପର୍କିତ ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ସମ୍ପୃକ୍ତ ଜମିରେ କୌଣସି ନିର୍ମାଣ କାର୍ଯ୍ୟ ନକରିବାକୁ କୋର୍ଟ ପକ୍ଷରୁ ନିର୍ଦ୍ଦେଶ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଗତ ୪ ଦିନ ତଳେ ବିବାଦୀୟ ସ୍ଥାନରେ ନିର୍ମାଣ କାର୍ଯ୍ୟକୁ ନେଇ ଉଭୟ ପକ୍ଷ ମଧ୍ୟରେ ବିରୋଧ ଦେଖାଦେଇଥିଲା । ବିନିଲତାଙ୍କ ସମେତ ଦିଜବର ସାହୁ, ନିତ୍ୟାନନ୍ଦ ସାହୁ ଓ ଶଙ୍କର୍ଷଣ ସାହୁ ଏହାକୁ ବିରୋଧ କରି ଧୁଷୁରୀ ଥାନାରେ ଜଣାଇଥିଲେ । ଏହାକୁ ନେଇ ଗତ ଶୁକ୍ରବାର ଉଭୟ ପକ୍ଷ ମଧ୍ୟରେ ପୁଣି ଗଣ୍ଡଗୋଳ ଘଟିଥିଲା । ଏଥିରେ ରଜତ ସାହୁ, ମାନସ ସାହୁ ଓ ସୁଶାନ୍ତ ସାହୁ ମିଶି ବିନିଲତା ସାହୁଙ୍କୁ ମାଡ଼ ମାରି ଗୁରୁତର କରିଥିବା ପରିବାର ପକ୍ଷରୁ ଧୁଷୁରୀ ଥାନାରେ ଅଭିଯୋଗ ହୋଇଛି । ଘଟଣାରେ ବିନିଲତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ପ୍ରଥମେ ତାଙ୍କୁ ଧାମନଗର ଡାକ୍ତରଖାନା, ପରେ ଭଦ୍ରକ ଓ ଶେଷରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସେଠାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି । ଅନ୍ୟପକ୍ଷରେ ଘଟଣାରେ ମାଡ଼ ଖାଇଥିବା ଦିଜବର ସାହୁ, ନିତ୍ୟାନନ୍ଦ ସାହୁ ଓ ଶଙ୍କର୍ଷଣ ସାହୁଙ୍କୁ ଧୁଷୁରୀ ପୁଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ମାଡ଼ ମାରିଥିବା ଅଭିଯୋଗ ହୋଇଥିବା ପକ୍ଷ ବିରୋଧରେ ପୁଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେଇନଥିବା ନେଇ ମଧ୍ୟ ପରିବାର ପକ୍ଷରୁ ଅଭିଯୋଗ ହୋଇଛି ।ପୁଲିସର ଏଭଳି କାର୍ଯ୍ୟକୁ ନେଇ ସ୍ଥାନୀୟ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ତମାନ ବିନିଲତା କଟକ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି ତାଙ୍କ ୧୨ ବର୍ଷର ପୁଅ ହିଁ ମା'ଙ୍କ ନିକଟରେ ରହି ଚିକିତ୍ସା ସମୟରେ ଦେଖାଶୁଣା କରୁଥିବା ଜଣାପଡ଼ିଛି । ଘଟଣାରେ ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଆଇନାନୁସାରେ ପଦକ୍ଷେପ ନେବା ସହ ଗୁରୁତର ଆହତ ମହିଳାଙ୍କୁ ନ୍ୟାୟ ଦେବାକୁ ପରିବାର ପକ୍ଷରୁ ଦାବି ହୋଇଛି । ଏନେଇ ଥାନା ଏସ ଆଇ ସୁଜାତା ସାହୁ କହିଛନ୍ତି, ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା । ମାମଲା ରୁଜୁ କରାଯାଇ ଗୋଟିଏ ପକ୍ଷରୁ ୩ ଜଣ ଓ ଅନ୍ୟ ପକ୍ଷରୁ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ପୌରାଂଚଳରେ ସହରୀ ବିକାଶ ନାମରେ କୋଟିକୋଟି ଟଙ୍କା ନଷ୍ଟ ଅଭିଯୋଗ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ପୌରାଂଚଳରେ ସହରୀ ବିକାଶ ନାମରେ କୋଟିକୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ କୌଣସୀ କାର୍ଯ୍ୟ ସଫଳତାର ସହିତ ପୂର୍ଣ୍ଣାଙ୍ଗ ହୋଇ ନ ପାରିବା ଏବଂ ଜନହିତରେ ନ ଲାଗିବାକୁ ନେଇ ବିଭିନ୍ନ ୱାର୍ଡରେ ଜନଅସନ୍ତୋଷ ଲାଗିରହିଛି । ବିଭିନ୍ନ ୱାର୍ଡରେ ଜଳାଶୟ ଗୁଡିକର ପୂନଉଦ୍ଧାର କରାଯିବା ପାଇଁ ଅମୃତ ଯୋଜନା ଓ ମୋ ପୋଖରୀ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ମାତ୍ର ଖରାଦିନରେ କାର୍ଯ୍ୟ ନ କରି ବର୍ଷା ଦିନରେ କାର୍ଯ୍ୟ କରାଯାଇ କାର୍ଯ୍ୟ ନାମରେ ଅର୍ଥ ବାଟମାରଣା ହେଉଥିବାର ଅଭିଯୋଗ ହେଉଛି । ଜଳେଶ୍ୱର ପୌରାଂଚଳର ବିଭିନ୍ନ ୱାର୍ଡରେ ଏହି ଅବସ୍ଥା ଲାଗିରହିଥିବା ବେଳେ ୧୭ନଂ ୱାର୍ଡ ଚକବିଷ୍ଣୁ(ଭାଦା)ର ଦକ୍ଷିଣ ପୋଖରୀ କାର୍ଯ୍ୟର ଅଭିଯୋଗ କରିଛନ୍ତି ଗ୍ରାମବାସୀ ଓ କାଉନସିଲର ନିଜେ । ଅଭିଯୋଗ ଅନୁଯାୟୀ ଏହି ଗ୍ରାମର ଦକ୍ଷିଣ ପୋଖରୀ ପାଇଁ ୩୦ଲକ୍ଷ ଟଙ୍କା ୨୦୨୩-୨୪ ମସିହାରେ ଅର୍ଥ ମଂଜୁରୀ ହୋଇଥିଲା । ଏବେ ମଧ୍ୟ ପଙ୍କ ଉଦ୍ଧାର କାର୍ଯ୍ୟ ଚାଲୁରହିଛି । ମା ବାସନ୍ତୀ ଓ ମୁକ୍ତେଶ୍ୱର ନାମକ ଦୁଇଟି ଏସ୍ଏଚ୍ଜି ଗୃପର ମହିଳା ମାନଙ୍କୁ ଏହି କାର୍ଯ୍ୟ ଦିଆଯାଇଥିବା ବେଳେ କାର୍ଯ୍ୟ ସମାପ୍ତ ହୋଇ ପାରିନାହିଁ ବରଂ ପୋଖରୀର ତିନିପଟ ବନ୍ଧ ଧୋଇଯାଇ ଥିବାର ଦେଖିବାକୁ ମିଳୁଛି । ପୋଖରୀ ସୌନ୍ଦର୍ଯ୍ୟ କରଣ ନାମରେ ପୋଖରୀକୁ ନଷ୍ଟ କରି ଦିଆଯାଇ ଥିବାର ଅଭିଯୋଗ କରିଛନ୍ତି ଗ୍ରାମବାସୀ । ତୁରନ୍ତ ଏହି ପୋଖରୀର କାର୍ଯ୍ୟଶେଷ ନ ହେଲେ ଆସନ୍ତା ଦିନରେ ଆନ୍ଦୋଳନ କରାଯିବ ବୋଲି କାଉନସିଲର ରଶ୍ମି ନନ୍ଦୀ ଚେତାବନୀ ଦେଇଛନ୍ତି ।

# ଓଡ଼ିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ



ବାରିପଦା(ନିପ୍ର): ଦେଶର ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନଙ୍କ ମାର୍ଗଦର୍ଶନରେ ଜିଲ୍ଲାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦ ଆନୁକୁଲ୍ୟରେ ହାଇସ୍କୁଲ ସ୍ତରୀୟ ଓଡିଆ ଭାଷା ସାହିତ୍ୟ କୁଇଜ୍ ପ୍ରତିଯୋଗିତା ବାରିପଦା ଏମ୍.ପି.କେ. ବାଳିକା ଉଚ୍ଚବିଦ୍ୟାଳୟ ସଭାଗୃହରେ ଆୟୋଜିତ ହୋଇଯାଇଛି । ବିପରୀତ ପାଣିପାଗ ସତ୍ୱେ, ସହର ତଥା ଆଖପାଖ ବିଦ୍ୟାଳୟ ଯଥା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରା, ସାଇ ବିଦ୍ୟା ମନ୍ଦିର କାଠପାଳ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରାଣୀଭୋଳ, ଏମ୍.କେ.ସି. ହାଇସ୍କୁଲ ବାରିପଦା, ସାଇ ଆଦର୍ଶ ଉଚ୍ଚ ବିଦ୍ୟାଳୟ, ସେଂଟ୍ ଜାଭିୟରସ୍ ହାଇସ୍କୁଲ୍ ଏବଂ ହରି ବଳଦେବ ଜୀଉ ଶିଶୁ ମନ୍ଦିର ବାରିପଦା ଆଦିର ଅନ୍ୟୁନ ୩୩ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଓଡିଆ ଭାଷା ସାହିତ୍ୟର ଏହି କୁଇଜ୍ ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ତୁଳସୀଚଉରାର ୧୦ମ ଶ୍ରେଣୀ ଛାତ୍ର ଆନନ୍ଦ ରାଜ ପାଣିଗ୍ରାହୀ ଓ ଆୟୁଷ ସାମଲ । ତୃତୀୟ ସ୍ଥାନ ଲାଭ କରିଛନ୍ତି ଦୁଇଜଣ ଛାତ୍ରଛାତ୍ରୀ ସାଇ ଆଦର୍ଶ ଉଚ୍ଚ ବିଦ୍ୟାଳୟ ୧୦ମ ଶ୍ରେଣୀର ସୌମ୍ୟଶ୍ରୀ ବାରିକ ଏବଂ ପିଏମଶ୍ରୀ ଏମ୍.କେ.ସି. ହାଇସ୍କୁଲର ୯ମ ଶ୍ରେଣୀ ଶିକ୍ଷାର୍ଥୀ ସାଇକ୍ରିଷ୍ଣା ଗୋଚ୍ଛାୟତ । ଏହି କାର୍ଯ୍ୟକ୍ରମକୁ ପରିଷଦର କର୍ମକର୍ତା ଓ ସଭ୍ୟ/ସଭ୍ୟା ସର୍ବଶ୍ରୀ ପଦ୍ମନାଭ ସାହୁ, ଇଂ ମନୋଜ କୁମାର ଦଳବେହେରା, ଅଜିତ କୁମାର କବାଟ, ସୁଶ୍ରୀ କାବେରୀ ମିଶ୍ର, ଜୟନ୍ତ କୁମାର ଦ୍ୱାରୀ, ପଣ୍ଡିତ ଭାଗବତ ପ୍ରସାଦ ପଣ୍ଡା , ସମରେନ୍ଦ୍ର କୁମାର ବଶା, ସୁମିତା ବେହେରା ଓ ଭାସ୍ୱତୀ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ପରୀକ୍ଷାର ମୂଲ୍ୟାୟନ ପାଇଁ ବିଚାରକ ମଣ୍ଡଳୀ ଭାବରେ କୃତୀଶିକ୍ଷକ ନରସିଂହ ବାରିକ, କୈବଲ୍ୟ ପ୍ରସାଦ ମହାପାତ୍ର ଓ ଡଃ ଭକ୍ତ ହରି ମହାନ୍ତ ଏବଂ ଶଙ୍କର ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ପୂର୍ବପୁରୁଷଙ୍କ ଜମିରେ ଚାଷ କରୁଥିବା ଚାଷୀ ଚିନ୍ତାରେ; ୮୦% ପ୍ରଭାବିତ ହେବା ଆଶଙ୍କା

ଧାମନଗର(ନିପ୍ର): ଚାଷ କଲେ ଧାନ ବିକ୍ରି କରିବେ, ଏହା ଚାଷୀଙ୍କ ସ୍ୱାଭାବିକ ଅଧିକାର । ହେଲେ ଜମି ରେକର୍ଡ ଓ ଡିଜିଟାଲ ପଞ୍ଜୀକରଣର କଡ଼ା ନିୟମ ଏବେ ଧାମନଗରର ଚାଷୀଙ୍କ ପାଇଁ ସେହି ଅଧିକାର ଉପରେ ପ୍ରଶ୍ନଚିହ୍ନ ଠିଆ କରିଛି । ୨୦୨୬-୨୭ ଖରିଫ ଧାନ ସଂଗ୍ରହ ପାଇଁ ଲାଗୁ ନୂଆ ବ୍ୟବସ୍ଥାରେ ଏଗ୍ରିଷ୍ଟାକ୍ ଫାର୍ମ ଆଇଡି ଓ ଜମି ରେକର୍ଡକୁ ଗୁରୁତ୍ୱ ଦିଆଯାଇଥିବାରୁ ବ୍ଲକର ବହୁ ପ୍ରକୃତ ଚାଷୀ ଧାନ ବିକ୍ରିରୁ ବାଦ୍ ପଡ଼ିବା ଆଶଙ୍କା ଦେଖାଦେଇଛି । ଧାମନଗର ବ୍ଲକରେ ଏଯାବତ୍ ପାଖାପାଖି ୧୦ ହଜାର ଚାଷୀ ଏଗ୍ରିଷ୍ଟାକ୍‌ରେ ପଞ୍ଜୀକୃତ ହୋଇଥିବା ସୂଚନା ମିଳିଛି । କିନ୍ତୁ ଏହି ପଞ୍ଜୀକରଣ ମୁଖ୍ୟତଃ ନିଜ ନାମରେ ଜମି ରେକର୍ଡ ଥିବା ଚାଷୀଙ୍କ ପାଇଁ ଉପଲବ୍ଧ ହେଉଥିବାରୁ ପୂର୍ବପୁରୁଷଙ୍କ ନାମରେ ଜମି ଥିବା ହଜାର ହଜାର ଚାଷୀ ଏବେ ଅନିଶ୍ଚିତତାରେ । ଧାମନଗରର ଗ୍ରାମାଂଚଳରେ ଏପର୍ଯ୍ୟନ୍ତ ବହୁ ଚାଷୀ ବାପା କିମ୍ବା ଜେଜେବାପାଙ୍କ ନାମରେ ଥିବା ଜମିରେ ଚାଷ କରୁଛନ୍ତି । ଜମିର ଉତରାଧିକାରୀ ରେକର୍ଡ ସଂଶୋଧନ ହୋଇନଥିଲେ ଏଗ୍ରିଷ୍ଟାକ୍ ପଞ୍ଜୀକରଣରୁ ଆରମ୍ଭ କରି ଟୋକନ୍ ପାଇବା ପର୍ଯ୍ୟନ୍ତ ସମସ୍ୟା ହେବା ଆଶଙ୍କା ରହିଛି । ଅର୍ଥାତ୍ ଚାଷୀ ଚାଷ କରିବେ, ଧାନ ଉତ୍ପାଦନ କରିବେ; କିନ୍ତୁ ବିକ୍ରି କରିବା ସମୟରେ କାଗଜ ପତ୍ର ତାଙ୍କ ପାଇଁ ପ୍ରତିବନ୍ଧକ ହୋଇପାରେ । ଅଗଷ୍ଟ ୬ରୁ ୩୧ ମଧ୍ୟରେ ପ୍ୟାକ୍ସ କିମ୍ବା ସମବାୟ ସମିତିରେ ଚାଷୀଙ୍କ ନୂଆ ପଞ୍ଜୀକରଣ କରାଯିବ । ପୁରୁଣା ପଞ୍ଜୀକରଣର ନବୀକରଣ ବ୍ୟବସ୍ଥା ନଥିବା ବେଳେ ଆଧାର ସଂଯୁକ୍ତ ମୋବାଇଲ, ବ୍ୟାଙ୍କ ଖାତା ଓ ଇ-କେୱାଇସି ଯାଂଚକୁ ଅନିବାର୍ଯ୍ୟ କରାଯାଇଛି । ଜମି ମାଲିକଙ୍କ ସମ୍ମତିପତ୍ର ସହ ଉଭୟଙ୍କୁ ସମିତିରେ ଉପସ୍ଥିତ ରହି ଲାଇଭ୍ ଇ-କେୱାଇସି କରିବାକୁ ପଡ଼ିବ । ଆଇରିସ୍ ସ୍କାନ୍ ମାଧ୍ୟମରେ ଯାଂଚ ବ୍ୟବସ୍ଥା ରହିଛି । ଜମି ମାଲିକ ଦୂରରେ ରହୁଥିବା କ୍ଷେତ୍ରରେ ଏହା ଭାଗଚାଷୀଙ୍କ ପାଇଁ ବଡ଼ ଅସୁବିଧା ହୋଇପାରେ । ଧାମନଗରର ୧୨ଟି ସେବା ସମବାୟ ସମିତି/ଚଇଉଝ-ଖଇଗଚଉଝ ଉପରେ ଚାଷୀ ପଞ୍ଜୀକରଣ ଓ ଧାନ ସଂଗ୍ରହର ଦାୟିତ୍ୱ ରହିଛି । ଏଥର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ ସଂଗ୍ରହ ରୁ ବାଦ ଦିଆଯାଇ କେବଳ ସମବାୟ ସମିତି ଓ ପାଣି ପଂଚାୟତ ମାଧ୍ୟମରେ ଧାନ ସଂଗ୍ରହ କରାଯିବା ବ୍ୟବସ୍ଥା ହୋଇଛି । ଧାମନଗରରେ ନୂଆ ନିୟମ ଯୋଗୁଁ ପ୍ରାୟ ୮୦ ପ୍ରତିଶତ ଚାଷୀ ପ୍ରଭାବିତ ହୋଇପାରନ୍ତି ବୋଲି ସ୍ଥାନୀୟ ସ୍ତରରେ ଆଶଙ୍କା ପ୍ରକାଶ ପାଇଛି । ତେବେ ଏହି ସଂଖ୍ୟାର ସରକାରୀ ପୁଷ୍ଟି ହୋଇନାହିଁ । ଜମି ରେକର୍ଡ ସଂଶୋଧନ, ଏଗ୍ରିଷ୍ଟାକ ପଞ୍ଜୀକରଣ ଓ ଟୋକନ ପ୍ରକ୍ରିୟାରେ ଯେଉଁ ଚାଷୀମାନେ ଅଟକିଯାଉଛନ୍ତି, ସେମାନଙ୍କ ପାଇଁ ପ୍ରଶାସନ ତୁରନ୍ତ ସରଳ ବ୍ୟବସ୍ଥା କରିବାକୁ ଦାବି ହେଉଛି । ନଚେତ ନୂଆ ଧାନ ସଂଗ୍ରହ ନୀତି ଧାମନଗରର ପ୍ରକୃତ ଚାଷୀଙ୍କ ପାଇଁ ସୁବିଧା ନୁହେଁ, ବରଂ ନୂଆ ସମସ୍ୟାର କାରଣ ହୋଇପାରେ ।

# ବରିଷ୍ଠ ନାରୀ ନେତ୍ରୀଙ୍କ ଶ୍ରଦ୍ଧାଞ୍ଜଳୀ ସଭା

ନୀଳଗିରି(ନିପ୍ର): ନୀଳଗିରି କଂଗ୍ରେସ ଭବନ ପରିସରରେ ଆଜି ୧୧ ଘଟିକା ସମୟ ରେ, ରାଜ୍ୟ କିଷାନ କଂଗ୍ରେସ ର ଉପସଭାପତି ଯଶୋଦା ନନ୍ଦନ ସିଂହ ଙ୍କ ଆବାହକ ରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଔପଦା ବ୍ଲକ ଚେୟାରମ୍ୟାନ ରାମଚନ୍ଦ୍ର ବେହେରା ଙ୍କ ସଭାପତିତ୍ୱ ରେ ସ୍ୱର୍ଗତ ବାସନ୍ତୀ ଦାସ (୮୯)ଙ୍କ ଏକଦଶାହ ଅବସର ରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଯାଇଛି । ସ୍ୱର୍ଗତ ବାସନ୍ତୀ ଦେବୀ ଙ୍କ ଫଟୋ ଚିତ୍ର ରେ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱୋଳନ କରି ଶ୍ରଦ୍ଧାଞ୍ଜଳୀ ଦେବା ସହିତ ଉପସ୍ଥିତ ସମସ୍ତ କଂଗ୍ରେସ ନେତା ଓ କର୍ମୀ ଅମର ଆତ୍ମା ର ସଦଗତି କାମନା କରିଥିଲେ । ଉପସ୍ଥିତ ବହୁ ନେତା ତାଙ୍କର ସ୍ମୃତି ଚାରଣ କରିବା ସହିତ ସେ ଜଣେ ନିଷ୍ଠାପର କଂଗ୍ରେସ ନାରୀ ନେତ୍ରୀ ଥିଲେ ବୋଲି କହିଥିଲେ । ତାଙ୍କର କର୍ମ ମୟ ଜୀବନ ଆଜିର ଯୁବ ପିଢ଼ି ଙ୍କୁ ନିଶ୍ଚିତ ମାର୍ଗ ଦର୍ଶନ କରିବ ବୋଲି ମତ ପ୍ରକାଶ କରିଥିଲେ । ଯେବେ ସ୍ୱର୍ଗତ ନନ୍ଦିନୀ ଶତପଥୀ ମୁଖ୍ୟ ମନ୍ତ୍ରୀ ଥିବା ସମୟ ରେ ଥରେ ସେ ନୀଳଗିରି ଗସ୍ତ ରେ ଆସିଥିଲେ । ସେ ସମୟ ରେ ମୁଖ୍ୟ ମନ୍ତ୍ରୀ ଙ୍କ କଥା ବୁଝିବା ପାଇଁ ତାଙ୍କୁ ଦାୟିତ୍ୱ ଦିଆ ଯାଇଥିଲା । ଯାହା ସେ ସୁଚାରୁ ରୁପେ ସମ୍ପାଦନ କରିଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ସେ କିମ୍ବା ତାଙ୍କ ସ୍ୱର୍ଗତ ସ୍ୱାମୀ କେବେ ଦଳ ପରିବର୍ତନ କରି ନଥିଲେ । ସେ ଗୋଟିଏ କଂଗ୍ରେସ ପରିବାର । ପୁତ୍ର ବିଶ୍ୱନାଥ ମଧ୍ୟ କଂଗ୍ରେସ ଦଳର ଓ ପରିବାର ମଧ୍ୟ ।ଏହି ଶୋକ ସଭା ରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସଦାଶିବ ରଥ, ଯୁବ ନେତା ଦିବ୍ୟଜ୍ୟୋତି ଆଚାର୍ଯ୍ୟ, ରାମକୃଷ୍ଣ ଜେନା,ଜିଲ୍ଲା ସଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା,ଏନ୍ ଏ ସି ସଭାପତି ଉପେନ୍ଦ୍ର ବେହେରା, ନିରଞ୍ଜନ ବେହେରା, ଜୟନ୍ତ ଦାସ, ଚୈତନ୍ୟ ନାୟକ, ପିତାମ୍ବର ସିଂ, ବିଦ୍ୟାଧର ମହାନ୍ତି, କିଷାନ କଂଗ୍ରେସ ର ଏନ୍ ଏ ସି ସଭାପତି ପ୍ରଫୁଲ୍ଲ କୁମାର ମହାନ୍ତି, ଉମାକାନ୍ତ ବୁଗୁଡ଼ାଇ, ଦୈତାରୀ ମହାଳିକ, ମଧୁସୂଦନ ପାତ୍ର, ଦିବ୍ୟରଞ୍ଜନ ଦାସ, ଅଶ୍ୱିନୀ ଦାସ, ଅଶ୍ୱିନୀ ପାତ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବାସନ୍ତୀ ଦାସ ଙ୍କ ସ୍ମୃତି ଚାରଣ କରିଥିଲେ । ଅନ୍ୟ ପକ୍ଷରେ, ତାଙ୍କ ବାସ ଭବନ ରେ ମଧ୍ୟ ଏକ ଶ୍ରଦ୍ଧାଞ୍ଜଳୀ ସଭା ଆୟୋଜନ କରା ଯାଇଥିଲା ।

# ଶାଶୁଘରେ ବୋହୁ କୁ ନିର୍ଯ୍ୟାତନା ଅଭିଯୋଗ

ଜଳେଶ୍ୱର(ନିପ୍ର): ରାଇବଣିଆ ଅଂଚଳର, ଖୁଆଡ଼ ପଂଚାୟତର ମଂଚପୁର ଗାଁର ବୋହୂ କୁ ଶାଶୁଘର ଲହୁ ଲୁହାଣ କରିଥିବା ବୁଧବାର ରାଇବଣିଆ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ କୁଶଗଡ ଫାଣ୍ଡି ଅଧିନ ମଂଚପୁର ଗାଁର ରବିନ୍ଦ୍ର ପ୍ରଧାନଙ୍କ ସାନପୁଅ ଦୀଲିପ (୩୮) ୧୫ ବର୍ଷ ତଳେ ଖୁଦିଆମାଝି ସାହି ପଂଚାୟତର ତୁଟାପଡା ଗାଁର ନିତ୍ୟାନନ୍ଦ ଘଡେଇଙ୍କ ଏକମାତ୍ର ଝିଅ ପୁଷ୍ପଲତା କୁ (୩୩) ରିତିନୀତି ଅନୁସାରେ ବିବାହ କରିଥିଲେ । ସେମାନଙ୍କ ଦୁଇଟି କନ୍ୟା ସନ୍ତାନ ଥିଲା ବେଳେ ସ୍ୱାମୀ ଗୋଆ ରାଜ୍ୟ ରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି । ପୁଷ୍ପଲତାଙ୍କ ଅଭିଯୋଗ କ୍ରମେ ଶାଶୁଘର ଲୋକ ଦୀର୍ଘ ବର୍ଷ ଧରି ବିଭିନ୍ନ ନିର୍ଯାତନା ଦେବାସହ ମାରପିଟ କରି ଆସୁଛନ୍ତି । ମଙ୍ଗଳବାର ସନ୍ଧ୍ୟା ୭ ଘଟିକାରେ ଶଶୁର ଙ୍କ ସହ ପାଟିତୁଣ୍ଡ ହେବା ପରେ ଶଶୁର, ଦେଢଶୁର, ରାଜ କୁମାର ମିଶି ଟଂଟିଚିପି ମାରପିଟ କରିବା ସହ ଜୀବନରୁ ମାରିଦେବାର ଧମକ ଦେଇ ଥିଲେ । ଏହା ସହିତ ଗଳାରୁ ସୁନାର ମଙ୍ଗଳସୂତ୍ର ଛିଣ୍ଡାଇ ନେଇ ଲହୁ ଲୁହାଣ କରିଥିବା ଥାନାରେ ଅଭିଯୋଗ ହୋଇଛି । ଏନେଇ ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବାସହ ଝିଅକୁ ଉପଯୁକ୍ତ ନ୍ୟାୟ ଦେବାକୁ ପୁଷ୍ପଲତାଙ୍କ ବାପା କହିଛନ୍ତି । ପୀଡ଼ିତା ବୋହୂର ଗୁରୁବାର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ହାତୀଗଡ ହସ୍ପିଟାଲରେ ଚିକିତ୍ସିତ ହେବାର ସୂଚନା ରହିଛି । ଏନେଇ ପୁଷ୍ପଲତାଙ୍କ ଶଶୁର ଘର ଲୋକଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ ।

# ଚାଷୀ ସମସ୍ୟାକୁ ନେଇ ମେଲ ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କଲେ: ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ

ନୟାଗଡ଼(ନିପ୍ର): ରାଜ୍ୟ ସରକାର ଚଳିତ ବର୍ଷ ଖରିଫ୍ ଧାନ ପଞ୍ଜିକରଣ ପାଇଁ ବହୁ ବିଳମ୍ବରେ ତାରିଖ ଧାର୍ଯ୍ୟ କରିଛନ୍ତି । ଅଗଷ୍ଟ ୬ ତାରିଖରୁ ଅଗଷ୍ଟ ୩୧ ତାରିଖ ମଧ୍ୟରେ ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ ସରକାର ଚଳିତ ବର୍ଷ କରିଥିବା ନିୟମକୁ ନେଇ ଚାଷୀ କୂଳ ହା ହତାଶ ଅବସ୍ଥାରେ ରହିଛନ୍ତି । ସରକାର ଲାଗୁ କରିଥିବା ଏଗ୍ରିଷ୍ଟାକ୍ ବ୍ୟବସ୍ଥା ଓ ଭାଗଚାଷୀଙ୍କ ପାଇଁ କରିଥିବା ନିୟମାବଳୀ ପ୍ରତ୍ୟାହାର ଦାବି କରି ନୟାଗଡ଼ ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ । ଏହି ବ୍ୟବସ୍ଥା ଲାଗୁ କରାଯିବା ଦ୍ୱାରା ହଜାର ହଜାର ଚାଷୀ ପଞ୍ଜିକରଣରୁ ବାଦ ପଡ଼ିବା ନିଶ୍ଚିତ ବୋଲି ସଂଘ ଅଭିଯୋଗ କରିଛି । ନୟାଗଡ଼ ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ ଚଳିତ ବର୍ଷ ଚାଷୀ ପଞ୍ଜିକରଣ ବ୍ୟବସ୍ଥା ଓ ନିୟମାବଳୀକୁ ଦେଖିବା ପରେ ଆଶ୍ଚର୍ଯ୍ୟ ଓ ଚକିତ ଅବସ୍ଥାରେ ରହିଛି । ଗୋଟିଏ ଗୋଟିଏ ପ୍ୟାକ୍ସରେ ୫ ଶହରୁ ଉର୍ଦ୍ଧ୍ୱ ଚାଷୀ ପଞ୍ଜିକରଣ କରି ସୁବିଧାରେ ଧାନ ବିକ୍ରି କରି ଆସୁଥିଲେ । ଚଳିତ ବର୍ଷ ନିୟମାବଳୀ ସମ୍ପର୍କରେ ଚାଷୀଙ୍କୁ ଅବଗତ କରିବା ପରେ ଚାଷୀ ହତୋତ୍ସାହିତ ହୋଇଛନ୍ତି । ଏଗ୍ରିଷ୍ଟାକ୍ ବ୍ୟବସ୍ଥା, ଭାଗଚାଷୀରେ ଜମି ମାଲିକଙ୍କ ଆଖି ସ୍କାନ ତଥା ଇକେୱାସି ବ୍ୟବସ୍ଥାକୁ ତୁରନ୍ତ ପ୍ରତ୍ୟାହାର କରାଯିବାର ଆବଶ୍ୟକତା ରହିଛି । ନତୁବା ଜିଲ୍ଲାର ୧୦ ପ୍ରତିଶତ ଚାଷୀ ପଞ୍ଜିକରଣ କରି ପାରିବେ ନାହିଁ ବୋଲି ସଂଘ ଅଭିଯୋଗ କରିଛି । ନିୟମ ଅନୁସାରେ, ଭାଗଚାଷୀଙ୍କ ଜମି ମାଲିକ ନିଜେ ପଞ୍ଜିକରଣ ବେଳେ ଉପସ୍ଥିତ ରହି ଆଖି ସ୍କାନ କରିବେ । ଯେଉଁ ମାଲିକ ରାଜ୍ୟ ତଥା ଅନ୍ୟାନ ସ୍ଥାନରେ ନିଜ କର୍ମରେ ବ୍ୟସ୍ତ ରହୁଛନ୍ତି, ସେ କିଭଳି ପଞ୍ଜିକରଣ ସମୟରେ ଉପସ୍ଥିତ ହେବେ ? କୌଣସି ମାଲିକ ନିଜ ରୟତ ପାଇଁ ଏତେ ଖର୍ଚ୍ଚାନ୍ତ ଓ ସମୟ ଦେବା ସମ୍ଭବ ହେବ ନାହିଁ । ଯାହା ଦ୍ୱାରା ଭାଗଚାଷୀ ପଞ୍ଜିକରଣରୁ ବଂଚିତ ହେବା ସୁନିଶ୍ଚିତ । ଅନ୍ୟପକ୍ଷେ, ଯଦି ମାଲିକ ପଞ୍ଜିକରଣରେ ଆଖି ସ୍କାନ ପାଇଁ ଉପସ୍ଥିତ ରହିବେ, ତେବେ ସେ ନିଜ ନାମରେ ନକରି କାହିଁକି ରୟତ ନାଁରେ ପଞ୍ଜିକରଣ କରାଇବ ବୋଲି ସଂଘ ଅଭିଯୋଗ କରିଛି । ମନ୍ଦିର ଓ ମଠ ଜମି, ବିଭିନ୍ନ ଗାଁ କୋଠ ମାଲିକାନାରେ ରହିଥିବା ଜମି, ଟ୍ରଷ୍ଟ ନାଁରେ ରହିଥିବା ଚାଷ ଜମି, ବେସରକାରୀ ଅନୁଷ୍ଠାନ ନାଁରେ ରହିଥିବା ଚାଷ ଜମି ଗୁଡ଼ିକ କିଭଳି ପଞ୍ଜିକରଣ ହେବ । ଏଥିପାଇଁ ଏଗ୍ରିଷ୍ଟାକ୍ ବ୍ୟବସ୍ଥା କରାଯାଇ ପାରିବ ନାହିଁ । ଏଭଳି ମାଲିକାନାରେ ରହିଥିବା ହଜାର ହଜାର ହେକ୍ଟର ଜମି ଫଳରେ ଚଳିତ ବର୍ଷ ପଞ୍ଜିକରଣରେ ବାଦ ପଡ଼ିବ । ଜେଜେବାପା, ଜେଜେମାଆ କିମ୍ବା ଯୁଗ୍ମ ମାଲିକାନାରେ ଥିବା ଜମି ଗୁଡ଼ିକ ଉତରାଧିକାରୀମାନେ ପଞ୍ଜିକରଣରୁ ବାଦ ପଡ଼ିବେ । ଏଗୁଡ଼ିକ ଏଗ୍ରିଷ୍ଟାକ୍ ପଞ୍ଜିକରଣ ହୋଇପାରିବ ନାହିଁ । ସେହିଭଳି ଭାବେ ଆଜିକାର ଦିନରେ ବି ଅନେକ କୋଠ ସମ୍ପତି ତଥା ଦୁଇ ଚାରି ପରିବାରର ସମ୍ପତି ଦୀର୍ଘ ବର୍ଷ ତଳୁ ମୃତ୍ୟୁ ବରଣ କରିଥିବା ପୂର୍ବଜଙ୍କ ନାମରେ ରହିଛି । ଏହି ଜମି ଗୁଡ଼ିକ ତାଙ୍କ ତୃତୀୟ ତଥା ଚତୁର୍ଥ ପୀଢ଼ିକୁ ଆସିବା ସମ୍ଭବ ହେଉନାହିଁ । ସମୟ ସାପେକ୍ଷ ଏବଂ ପରିବାର ମଧ୍ୟରେ ମନମାଳିନ ପାଇଁ ତାହା ବ[ନ ହୋଇପାରିନି । ଏହି ଜମି ଗୁଡ଼ିକ କେଉଁ ଭଳି ଭାବେ ପଞ୍ଜିକରଣ ହେବ ବୋଲି ସଂଘ ଅଭିଯୋଗ କରିଛି । ଏଗ୍ରିଷ୍ଟାକ୍ ପଞ୍ଜିକରଣ ହେଉଛି, ନିଜ ନାମରେ ରହିଥିବା ଜମି ମାଲିକଙ୍କ ଆଧାର କାର୍ଡ଼ ନାଁ ସହ ମେଳ ହେଉଥିବ । ଅନେକ ଜମିର ମାଲିକ ଏବଂ ତାଙ୍କର ଆଧାର ନାମ ମଧ୍ୟରେ ସାମାନ୍ୟ ତାରତମ୍ୟ ରହିଛି । ଯାହାକୁ ସାଙ୍ଗେ ସାଙ୍ଗେ ସୁଧାରିବା ମଧ୍ୟ କଷ୍ଟକର ବ୍ୟାପାର । ନିଜ ନାମରେ ଜମି ଥାଇ ମଧ୍ୟ ଏଗ୍ରିଷ୍ଟାକ ହୋଇ ପାରିବ ନାହିଁ । ଫଳରେ ତାହା ମଧ୍ୟ ପଞ୍ଜିକରଣରୁ ବାଦ ପଡ଼ିବ । ଏଗ୍ରିଷ୍ଟାକ୍ ପଞ୍ଜିକରଣରେ ଯେଉଁ ବ୍ୟକ୍ତି ଗୋଟିଏ ପ୍ଲଟ ପୂର୍ବରୁ ପଞ୍ଜିକରଣ କରିଛନ୍ତି । ସେମାନେ ଏବେ ନୂଆ ଜମି ତଥା ପ୍ଲଟକୁ ସେଥିରେ ଆଡ୍ ବା ସଂଯୋଗ କରିବାକୁ ଚାହୁଁଥିବା ବେଳେ ତାହା ହୋଇପାରୁନାହିଁ । ଏଗ୍ରିଷ୍ଟାକ୍ ପଞ୍ଜିକରଣ ବ୍ୟବସ୍ଥାରେ ମଧ୍ୟ ବ୍ୟାପକ ସମସ୍ୟା ରହିଛି । ସରକାର ଚଳିତ ବର୍ଷ ଧାନ ପଞ୍ଜିକରଣରେ ସମସ୍ୟା ସୃଷ୍ଟି କରି ଧାନ କିଣା ହ୍ରାସ କରିବା ପାଇଁ ଚାହୁଁଥିବା ସଂଘ ଅଭିଯୋଗ କରିଛି । ପଞ୍ଜିକରଣ ବ୍ୟବସ୍ଥାକୁ ସରଳୀକରଣ କରିବା ପରିବର୍ତେ ଏଭଳି ଜଟିଳ କରାଯିବାକୁ ନେଇ ନୟାଗଡ଼ ଜିଲ୍ଲା ପ୍ୟାକ୍ସ ସଂଘ ପ୍ରଶ୍ନ ଉଠାଇଛି । ଚଳିତ ବର୍ଷ ଲାଗୁ ହୋଇଥିବା ନିୟମ ଦ୍ୱାରା କ୍ଷୁଦ୍ର ଚାଷୀ, ନାମ ମାତ୍ର ଚାଷୀ ଏବଂ ଭାଗଚାଷୀମାନେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ଏଣୁ ଚାଷୀ ପ୍ରତିନିଧି ଭାବେ ନୟାଗଡ଼ ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା କୃଷି ବିଭାଗ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଘଟଣା ସମ୍ପର୍କରେ ଅଭିଯୋଗ କରିଛି । ପୂର୍ବ ଭଳି ସରଳ ବ୍ୟବସ୍ଥାରେ ଚାଷୀ ପଞ୍ଜିକରଣ କରାଯିବା ପାଇଁ ସରକାର ନିଷ୍ପତି ନିଅନ୍ତୁ ବୋଲି ଦାବି କରାଯାଇଛି । ନତୁବା ନୟାଗଡ଼ ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ ଜିଲ୍ଲାର ସମସ୍ତ ଚାଷୀଙ୍କୁ ନେଇ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲାଇବା ବୋଲି ଚେତାବନୀ ଦେଇଛି । ନୟାଗଡ଼ ଜିଲ୍ଲା ପ୍ୟାକ୍ସ ସଭାପତି ସଂଘ ସଭାପତି ପ୍ରତାପ ମହାନ୍ତି, ସମ୍ପାଦକ ଦିଲ୍ଲୀପ କୁମାର ହାତୀ, ଲାଠିପଡ଼ା ପ୍ୟାକ୍ସ ସଭାପତି ସନାତନ ବେହେରା, ମହିପୁର ପ୍ୟାକ୍ସ ସଭାପତି ସୋମନାଥ ସାହୁ ପ୍ରମୂଖ ମେଲ ଯୋଗେ ଅଭିଯୋଗ ଦାଖଲ କରିଛନ୍ତି ।











ଈର୍ଷା, ଲୋଭ, କ୍ରୋଧ ଏବଂ ଅପ୍ରିୟ କଟୁ ବଚନ - ଏଥିରୁ ସର୍ବଦା ଦୂରେଇ ରହିବା ଧର୍ମପ୍ରାପ୍ତିର ଏହି ହେଉଛି ମାର୍ଗ

# ଆଜିକାଲି



*ଦୃଷ୍ଟ୍ୱା ତୁ ପଣ୍ଡବାନୀକଂ ବ୍ୟୂଢ଼ଂ ଦୁର୍ଯ୍ୟୋଧନସ୍ତଦା*
*ଆଚାର୍ଯ୍ୟମୁପସଂଗମ୍ୟରାଜା ବଚନମବ୍ରବୀତ୍ ॥*
*(ଶ୍ରୀମଦ୍ ଭଗବତ୍ ଗୀତା)*

ଭାବାର୍ଥ : ସଂଜୟ କହିଲେ, ହେ ମଣିମା ! ସେହି ସମୟରେ ରାଜା ଦୁର୍ଯ୍ୟୋଧନ ଦେଖିଲେ ଯେ, ପାଣ୍ଡବସୈନ୍ୟମାନେ ବ୍ୟୁହ ରଚନା କରି ଛିଡ଼ା ହୋଇଛନ୍ତି । ତା' ପରେ ସେ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିଟକୁ ଯାଇ ଏହି କଥା କହିଲେ ।

## ସବୁଜ ପରିବେଶ ଆବଶ୍ୟକ

ଦେଶର ସମସ୍ତ ରାଜ୍ୟର ନଦୀଜଳ ପ୍ରବାହ ଅଣ ମୌସୁମୀ ଋତୁରେ ୯୦% ହ୍ରାସ ପାଇଛି । ଗଙ୍ଗା ଆଦିର ସ୍ରୋତ ୮୦% ହ୍ରାସ ହୋଇ ଯାଇଛି । ପ୍ରାୟ ସମସ୍ତ ନଦୀଘାଟରେ ଏଥିପାଇଁ ନୌକା ଚାଲୁନାହିଁ । ନଦୀକୂଳ ମାନଙ୍କରେ ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି । କେବଳ ସେତିକି ନୁହେଁ, ଓଡ଼ିଶା, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତିରେ ପଦକ୍ଷେପ ନ ନେଲେ ଭାରତରେ ଜଳ ଓ ଖାଦ୍ୟାଭାବଜନିତ ଦୁର୍ଭିକ୍ଷ ସୁନିଶ୍ଚିତ । ହିମାଳୟ ପର୍ବତ ଉପରକୁ ପାଇନ ଗଛ ଧ୍ୱଂସ ପାଉଛି । ଏଣୁ ଶୀଘ୍ର ବରଫ ତରଳି ଯାଉଥିବାରୁ ଗଙ୍ଗାନଦୀ ଜଳ ପ୍ରବାହ ହ୍ରାସ ପାଇଛି । ଏହା ବ୍ୟତୀତ ଆମ ରାଜ୍ୟ ସମେତ ଅନ୍ୟାନ୍ୟ ରାଜ୍ୟରେ ଜଙ୍ଗଲ ଧ୍ୱଂସ କାରଣରୁ ଓ ଉଚ୍ଚ ଅଟ୍ଟାଳିକା ଦ୍ୱାରା ଭୂତଳ ଜଳ ବ୍ୟବହାର ବୃଦ୍ଧି ତଥା ପୋଖରୀକୁ ପୋତାଯାଇ ଘର ନିର୍ମାଣ ଯୋଗୁଁ ଭୂତଳ ଜଳ ସ୍ତର ହ୍ରାସ ପାଇଛି । ଓଡ଼ିଶାରେ ଗଭୀର ନଳକୂପ ଦ୍ୱାରା ଉଠାଜଳ ସେଚନ ଯୋଗୁଁ ଭୂତଳ ଜଳ ସ୍ତର ସାଂଘାତିକ ଭାବେ ତଳକୁ ଚାଲିଗଲାଣି । ଏଥିପାଇଁ ଉପକୂଳ ଜିଲ୍ଲାମାନଙ୍କର ଲୁଣିଜଳ ଉପରକୁ ଉଠିଆସିଛି । ପୁରୀ ବଳିଆପଣ୍ଡା ଏହାର ଉଦାହରଣ । ସେପଟେ ସରକାର ୨୦୨୪ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ଯୋଜନା ଆରମ୍ଭ କରିଛନ୍ତି । ନଦୀଜଳ ଭଣ୍ଡାରଗୁଡ଼ିକରେ ଆବଶ୍ୟକତା ଅନୁସାରେ ପାଣି ରହିବ ନାହିଁ । ଏଣୁ ସରକାର ସମସ୍ତ ଗ୍ରାମକୁ ଜଳ ଯୋଗାଇ ପାରିବେ ତ ? କାଠ ବ୍ୟବହାର କମାଇବା ଠାରୁ ଆରମ୍ଭ କରି ନିୟମ ଭଙ୍ଗକାରୀଙ୍କୁ କଠୋର ଅର୍ଥଦଣ୍ଡ ଦିଆଯିବା ଦରକାର । ସେହିଭଳି ପର୍ବତନ ଉପରେ ସଫଳ ବୃକ୍ଷ ରୋପଣ ନିମନ୍ତେ ଜାପାନ ପଦ୍ଧତିରେ ଉଡାଜାହାଜ ଜରିଆରେ ମଞ୍ଜି ନିକ୍ଷେପଣ, ସ୍କୁଲ କଲେଜ ଶିକ୍ଷାରେ ବୃକ୍ଷରୋପଣ ଓ ପରିବେଶ ବିଷୟରେ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଆବଶ୍ୟକ । ସବୁ ନଦୀକୂଳରେ ୨୦୦/୩୦୦ ମିଟର ବ୍ୟବଧାନରେ ଛୋଟ ବ୍ୟାରେଜ ନିର୍ମାଣ କରାଯାଉ । ଏହା ବ୍ୟତୀତ କୂଳମାନଙ୍କରେ ଏନଆରଜିଏସ ଅର୍ଥ ରିଚାର୍ଜିଙ୍ଗ କୂପ ଖନନ, ଗ୍ରାମ ସହରରେ ଥିବା ସମସ୍ତ ପୋଖରୀ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରାଯିବା ଏବଂ ଜଳଭଣ୍ଡାରରୁ ଶିଳ୍ପ ଜଳ ନେବା ନେଇ ନୀତି କରାଯିବା ଜରୁରୀ । କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କରିଦେଲେ ଚଳିବ ନାହିଁ । ଆମ୍ଭମାନଙ୍କ ଭିତରେ ବ୍ୟାପକ ଭାବରେ ବୃକ୍ଷ ରୋପଣ କରିବା ଓ ଦୁଷ୍ପ୍ରାପ୍ୟ ବୃକ୍ଷଲତାର ସଂରକ୍ଷଣ ତଥା ସବୁଜ ପରିବେଶ ପାଇଁ ଅଙ୍ଗୀକାରବଦ୍ଧ ହୋଇ ଦାୟିତ୍ୱ ନିର୍ବାହ କରିବା ଏକାନ୍ତ ଜରୁରୀ ।

# ସ୍ୱଭାବ କବି ଗଙ୍ଗାଧର ମେହେର

◆ ଅକ୍ଷୟ କୁମାର ରାଉତ



ସ୍ୱଭାବ କବି ଗଙ୍ଗାଧରଙ୍କର ପ୍ରତି କାବ୍ୟରେ ବାରି ହୋଇ ପଡେ ପ୍ରକୃତି ଜଗତର ଅନିନ୍ଦ୍ୟ ଶୋଭାର ରୂପାୟନ । କେଉଁଠି ଦେଖିବାକୁ ମିଳେ ପ୍ରକୃତି ବିଭବର ଜୀବନ୍ତ ପରିକଳ୍ପନା, ନୈସର୍ଗିକ ଶୋଭାର ମନୋହାର ଆଲେଖ୍ୟ ଓ ଚରିତ୍ରର ପରିସ୍ଫୁଟନ ପାଇଁ ପ୍ରକୃତି ଜଗତରୁ ସାମ୍ୟମୂଳକ ବା ପାର୍ଥକ୍ୟମୂଳକ ଦୃଷ୍ଟାନ୍ତ । କବି ଯେଉଁଠି ପ୍ରକୃତି ବିଭବର ଜୀବନ ରୂପାୟନ କରିଛନ୍ତି , ସେଠାରେ ଦେଖିବାକୁ ମିଳେ ପ୍ରକୃତି ବିଭାବରେ ବ୍ୟକ୍ତିତ୍ୱର ଆରୋପ । କେଉଁଠି ତାକୁ ହସାଇଛନ୍ତି, କନ୍ଦାଇଛନ୍ତି, ରଗାଇଛନ୍ତି ଓ କଥା କୁହାଇ ଗତିଶୀଳ କରାଇଛନ୍ତି । ଏହି ମହାନ କବି ସମ୍ବଲପୁର ଜିଲ୍ଲାର ବରପାଲୀ ଗ୍ରାମର ଗୋଟିଏ ଗରିବ ତନ୍ତୁବାୟ ପରିବାରରେ ୧୮୬୨ ମସିହା ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣମା ଓ କର୍କଟ ୨୬ ଦିନ ଶନିବାର ରାତି ୧୧.୩୦ ରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୈତନ୍ୟ ମେହେର ଓ ମାତାଙ୍କ ନାମ ସେବତୀ, ତାଙ୍କର ପିତାମହ ସଦାଶିବ ସମ୍ବଲପୁର ସହରରେ ବସବାସ କରୁଥିଲେ । କିନ୍ତୁ ପ୍ରପିତାମହ କେଶବ ମେହେର ବରପାଲିରେ ବାସ କରୁଥିଲେ । ଗଙ୍ଗାଧରଙ୍କ ଉପରେ ବିଜୁଳି ଓ ତଳେ ଡାଳିମ୍ବ ନାମରେ ଦୁଇ ଭଉଣୀ ଥିଲେ । ଗଙ୍ଗାଧରଙ୍କ ବାଲ୍ୟକାଳ ଏକ ଆଧ୍ୟାତ୍ମିକ ଗାଉଁଲି ପରିବେଶ ମଧ୍ୟରେ କଟିଥିଲା । ପ୍ରତିଦିନ ସେ ପିତାମହ ସଦାଶିବଙ୍କ ସାଙ୍ଗରେ ଜଗନ୍ନାଥ ମନ୍ଦିରକୁ ଯାଉ ଥିଲେ ଓ ସଂକୀର୍ତନରେ ଭାଗ ନେଉ ଥିଲେ । ସେ ପିଲାଟି ବେଳରୁ ନମ୍ର, ଶାନ୍ତ ଓ ସରଳ ସ୍ୱଭାବର ଥିଲେ । ଗଙ୍ଗାଧରଙ୍କ ପିତା ଚୈତନ୍ୟଙ୍କୁ ପିତାମହ ସଦାଶିବ ଭିନ୍ନେ କରି ଦେବାରୁ, ଗଙ୍ଗାଧରଙ୍କ ପାଠପଢା ବିଳମ୍ବ ଘଟିଥିଲା । ସେ ସାତ ବର୍ଷ ବୟସରେ ଗ୍ରାମ ଚାଟଶାଳୀରେ ଅଧ୍ୟୟନ ଆରମ୍ଭ କଲେ । କିନ୍ତୁ ଚାଟଶାଳୀଟି ଭାଙ୍ଗିଯିବାରୁ ତାଙ୍କ ପିତା ବରପାଲୀସ୍ଥ ବ୍ରାଂଚ ସ୍କୁଲରେ ଗଙ୍ଗାଧରଙ୍କୁ ପାଠ ପଢାଇଲେ । ଦାରିଦ୍ରର ଦାରୁଣ କଷାଘାତରେ ନିଷ୍କେଷିତ ହୋଇଥିବାରୁ ପାଠପଢାରେ ତାଙ୍କର ବହୁ ବାଧା ସୃଷ୍ଟି ହେଲା । ତେଣୁ ସେ ପାଠ ପଢିବା ସମୟରେ ତନ୍ତରେ ଲୁଗାବୁଣି ପରିବାରର ଭରଣପୋଷଣ ପାଇଁ ପିତାଙ୍କୁ ସାହାଯ୍ୟ କରୁଥିଲେ । ତାଙ୍କର ହସ୍ତାକ୍ଷର ସୁନ୍ଦର ହୋଇଥିବାରୁ ସେ ତମସୁଖ ଲେଖି କିଛି ଅର୍ଥ ମଧ ଉପାର୍ଜନ କରୁଥିଲେ । ସେ କାଳରେ ବାଲ୍ୟ ବିବାହ ପ୍ରଥା ପ୍ରଚଳିତଥିଲା । ତେଣୁ ତାଙ୍କର ପିତା ଗଙ୍ଗାଧରଙ୍କୁ ଦଶ ବର୍ଷ ବୟସରେ ରେମଣ୍ଡା ଗ୍ରାମର ଶାନ୍ତାଙ୍କୁ ବିବାହ କରିଦେଲେ । ବ୍ରାଂଚ ସ୍କୁଲରେ ଶିକ୍ଷା ସମାପ୍ତ କରି ଗଙ୍ଗାଧର ସ୍ଥାନୀୟ ମେଡିକାଲ ଭର୍ଣ୍ଣାକୁଲର ସ୍କୁଲରେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢିଲେ । ଉତ୍କଟ ଦାରିଦ୍ର୍ୟ ଯୋଗୁଁ ସେ ପୁସ୍ତକ କ୍ରୟ କରିପାରୁ ନଥିଲେ । ପାଠ ପଢା ସମୟରେ ସେ ତିନି ଟଙ୍କା ଆଠ ଅଣା ଖର୍ଚ୍ଚ କରିଥିଲେ । ଗଙ୍ଗାଧରଙ୍କର 'ଦୁର୍ବାକ୍ଷତ' ବିଧାନ ୧୮୭୮ ମସିହାରେ ହେଲା ତାଙ୍କର ପତ୍ନୀ ଶାନ୍ତା ରେମଣ୍ଡାରୁ ବରପାଲି ଆସିଲେ, ଗଙ୍ଗାଧରଙ୍କର ଗୃହସ୍ଥ୍ୟ ଜୀବନ ଆରମ୍ଭ ହେଲା । ପରିବାର ପୋଷଣର ଭାର ଗଙ୍ଗାଧରଙ୍କ ଉପରେ ନ୍ୟସ୍ତ ହେଲା । ଏଣିକି ତନ୍ତଚାଳନାରେ ଗଙ୍ଗାଧର ବହୁ ସମୟ ବିନିଯୋଗ କଲେ । ଉତ୍କୃଷ୍ଟ ବୟନଶିଳ୍ପୀ ଭାବେ ଗଙ୍ଗାଧର ସୁଖ୍ୟାତି ଲାଭକଲେ । ଠିକ୍ ଏତିକି ବେଳକୁ ଘରପୋଡିରେ ତନ୍ତ ଓ ଅନ୍ୟାନ୍ୟ ଆନୁଷାଙ୍ଗିକ ଉପକରଣ ପୋଡିଗଲା । ଗଙ୍ଗାଧରଙ୍କ ଦାରିଦ୍ର , ବେଢି ଉପରେ ନଳିତା ବିଡାପରି ହୋଇଉଠିଲା । ପରେ ଗଙ୍ଗାଧର ତନ୍ତ ଓ ଉପକରଣ ଗୁଡିକୁ ପଡୋଶୀମାନଙ୍କଠାରୁ ଯୋଗାଡ କରିଥିଲେ ।" ୧୮୮୫ ମସିହାରେ ଗଙ୍ଗାଧର ବରପାଲୀ ଜମିଦାରଙ୍କ ଅଧିନରେ ଜଣେ ସାଧାରଣ ଅମିନ ଭାବରେ ଚାକିରିରେ ଯୋଗ ଦେଲେ । ପରେ ଜମିଦାରଙ୍କ ମାଲମୋହରିରି ସହିତ ଖମାର ଓ ବଜାର ହିସାବ ମଧ ବୁଝୁଥିଲେ । ସେଥିପାଇଁ ସେ ମାସିକ ୭ ଟଙ୍କା ଦରମା ପାଉଥିଲେ । ଗଙ୍ଗାଧର କିଛି ବର୍ଷ ପରେ ୧୫ ଟଙ୍କା ଦରମାରେ ଜୁଡିସିଆଲ ମୋହରିର ଭାବରେ ସରକାରୀ ଚାକିରିରେ ଯୋଗଦେଲେ । ପଦ୍ମପୁରରେ କାମ କଲାବେଳେ ସେ ମାସିକ ୩୫ ଟଙ୍କା ଦରମା ପାଉଥିଲେ । ଏହି ପଦ୍ମପୁରରୁ ଚାକିରୀରୁ ଅବସର ଗ୍ରହଣ କରିଥିଲେ । ଓଡିଆ ଭାଷାର ସ୍ୱତନ୍ତ୍ର ନିମିତ ଗଙ୍ଗାଧର ଉତ୍କଳ ସମ୍ମିଳନୀର ଭିନ୍ନ ଭିନ୍ନ ଅଧିବେଶନରେ ଯୋଗଦେଇଥିଲେ । କଟକର ଇଦ୍‌ଗା ପଡିଆରେ ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ରେ ହୋଇଥିବା ପ୍ରଥମ ଉତ୍କଳ ସମ୍ମିଳନୀରେ ଗଙ୍ଗାଧର ଯୋଗଦେଇ ଜାତୀୟ ପଗଡି ପରିଧାନ କରିଥିଲେ । କବିବର ରଧାନାଥ ରାୟଙ୍କ ଘରେ ଅତିଥି ହୋଇଥଲେ । ଏକ ସମୟରେ ରାଧାନାଥ ରାୟ ତାଙ୍କର 'ବ୍ୟାକରଣ ପ୍ରବେଶ' ପ୍ରଣୟନ କରିଥିଲେ । ଏହି ପୁସ୍ତକର ଭୁଲ ଜାଣିବା ପାଇଁ ରାଧାନାଥ ଗଙ୍ଗାଧରଙ୍କର ସହାୟତା ଲୋଡିଥିଲେ । ଫକୀର ମୋହନ ସେନାପତି, ରାଧାନାଥ ରାୟ,ମଧୁସୁଦନ ରାଓ,ରାଘବ ମିଶ୍ର, ବିଶ୍ୱନାଥ କର, ନୀଳକଣ୍ଠ ପୂଜାରୀ, ବଜ୍ରମୋହନ ପଣ୍ଡା, ହୀନ୍ଦୀ ସାହିତ୍ୟର କବି ଲୋଚନ ପ୍ରସାଦ ପାଣ୍ଡେୟ, ନିଳମଣି ବିଦ୍ୟାରତ୍ନ ଆଦିଙ୍କ ସହ ଗଙ୍ଗାଧରଙ୍କ ସାରସ୍ୱତ ସମ୍ପର୍କ ଥିଲା । ୧୪.୦୭.୧୮୯୭ ରେ ଗଙ୍ଗାଧରଙ୍କ ପତ୍ନୀ ଶାନ୍ତାଙ୍କର ମୃତ୍ୟୁ ପରେ ରାଧାନାଥ ରାୟ ଗଙ୍ଗାଧରଙ୍କୁ ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରିବା ପାଇଁ ଉପଦେଶ ଦେଇଥିଲେ । ତେଣୁ ସେ ବିଧବା ଚମ୍ପାଙ୍କୁ ଦ୍ୱିତୀୟ ବିବାହ କଲେ । ଦ୍ୱିତୀୟ ପତ୍ନୀଙ୍କର କିଛି ପିଲାପିଲି ନଥିଲେ । ଗଙ୍ଗାଧର ନିଜ ଉପାର୍ଜନରେ ବରପାଲି ଜମିଦାରଙ୍କ ଠାରୁ ଖଣ୍ଡିଏ ରୟତି ଜମି କ୍ରୟ କରିଥିଲେ । ଗଙ୍ଗାଧର ଅବସର ଗ୍ରହଣ ପରେ ପଦ୍ମପୁରର ଜମିଦାରଙ୍କ ଅଡିଟର ପଦବୀ ଗ୍ରହଣ କରିଥିଲେ । ଜମିଦାର ରାଜେନ୍ଦ୍ର ସିଂହ ବରିହା କବିଙ୍କ ସ୍ମୃତିକୁ ଅମର କରିବା ପାଇଁ 'କବିବରପୁର' ନାମରେ ଏକ ନୂତନ ଗ୍ରାମ ପ୍ରତିଷ୍ଠା କରିଥିଲେବି , ଗଙ୍ଗାଧରଙ୍କୁ ତେଣ୍ଡାପଦର ନାମକ ଏକ ଗ୍ରାମ ଜମିଦାର ପୁରସ୍କାର ରୂପେ ପ୍ରଦାନ କରିଥିଲେ । ଏହି ତେଣ୍ଡାପଦର ଗାଁ ଜମିରେ ଫସଲ ଫଳାଇବା ପାଇଁ ବହୁ ଖର୍ଚ୍ଚ କରି ସେ ଅସଫଳ ହୋଇଥିଲେ । ବରପାଲିର ଜମିଦାର ସୂର୍ଯ୍ୟାଦୟ ସିଂହଙ୍କ ନିମନ୍ତ୍ରଣ ପାଇଁ ଗଙ୍ଗାଧର ଜମିଦାରଙ୍କ ପରାମର୍ଶଦାତା ରୂପେ ନିଯୁକ୍ତି ପାଇଥିଲେ । ସେଠାରେ ସେ ଜନ କଲ୍ୟାଣ ପାଇଁ ଏକ ସମିତି ଗଠନ କରିଥିଲେ , ତାର ନାମ ଥିଲା 'ସାଧୁ ସମିତି' । ଗଙ୍ଗାଧରଙ୍କର ପାରିବାରିକ ଜୀବନଦୁଃଖପୂର୍ଣ୍ଣ ଥିଲା । ଅଭାବ, ଅନଟନ ମଧ୍ୟରେ ଅତିବାହିତ କରୁଥିଲେ । ଦାରିଦ୍ର୍ୟର ଦାରୁଣ କଷାଘାତରେ ନଷ୍କେଷିତ ହୋଇ ମଧ ସ୍ୱକୀୟ ସାଧନା ପଥରୁ ତିଳେ ହେଲେ ବିଚ୍ୟୁତ ହୋଇନଥିଲେ । ଅସାଧାରଣ ଧୈର୍ଯ୍ୟ,କର୍ତବ୍ୟନିଷ୍ଠା, ନିର୍ଭୀକତା ଓ ଦୃଢ ମନୋବଳ ଯୋଗୁଁ ତାଙ୍କର କବି ପ୍ରତିଭା ବିଚ୍ଛୁରିତ ହୋଇଥିଲା । ତାଙ୍କ ପୁତ୍ରର ବିୟୋଗ ଯୋଗୁଁ ସେ ମର୍ମାହିତ ହୋଇଥିଲେ ମଧ, ତାଙ୍କ ଭୁଲିଆ ସମାଜର ଉନ୍ନତି ପାଇଁ ନାନା ପଦକ୍ଷେପ ଗ୍ରହଣ କରିଥିଲେ । ଗଙ୍ଗାଧରଙ୍କ କାବ୍ୟ ପ୍ରତିଭାରେ ପ୍ରାଚୀନ ଧାରାର ପ୍ରଭାବ ଆଧୁନିକତା ଅପେକ୍ଷା ଅଧିକ ଥିଲା । ତାଙ୍କର 'ଇନ୍ଦୁମତୀ' କାବ୍ୟ 'ଉତ୍କଳପ୍ରଭା' ରେ ପ୍ରକାଶ ପାଇବାପରେ ସେ ୨୦ ଟଙ୍କା ପୁରସ୍କାର ପାଇଥିଲେ । ସେ ପ୍ରଧାନତ କାବ୍ୟର କବି ଥିଲେ । କବି ଗଙ୍ଗାଧର ମେହେର ଓଡିଆ ସାହିତ୍ୟରେ ଉଚ୍ଚକୋଟିର କାବ୍ୟ ଓ କବିତାମାନ ରଚନା କରି ଯାଇଅଛନ୍ତି ସେଗୁଡିକ ହେଲା- ଇନ୍ଦୁମତୀ, କୀଚକବଧ, ତପସ୍ୱନୀ, ପ୍ରଣୟ ବଲ୍ଲରୀ, "ପଦ୍ମିନୀ, ରସ ରତ୍ନାକର, ଉତ୍କଳ ଲକ୍ଷ୍ମୀ, ବଳରାମ ଦେବ, ଅଯୋଧ୍ୟା ଦୃଶ୍ୟ, ଅହଲ୍ୟାସ୍ତବ, ଭାରତୀ ରୋଦନ, ସୁଖସ୍ୱପ୍ନ, ତରୁବର, ବେଦବ୍ୟାସ, ଚନ୍ଦ୍ର ରଜନୀ, ଭକ୍ତି, ଅମୃତମୟ, ମଧୁମୟ, ଉତ୍କଳ ଭାରତୀଙ୍କ ଉକ୍ତି, ଗଣେଶଙ୍କର ଆତ୍ମକଥା,ତାକୁ ମଧ ବୋଲୁଥାନ୍ତି ଧର୍ମ-ଅବତାର, , ଉତ୍କଳ ସମ୍ମିଳନୀ ଉପଲକ୍ଷେ, ଭାରତୀ-ଭାବନା, ଅନ୍ନର ମହିମା, କୃଷକର ଆତ୍ମକଥା, ଧାନଚାଷ, କପା କବିଙ୍କର ଶ୍ରେଷ୍ଠ କାବ୍ୟ ଓ କବିତାକୃତି । ଗଙ୍ଗାଧର ତାଙ୍କ କାବ୍ୟ ଓ କବିତାରେ ଆଦର୍ଶ ବାସ୍ତବତା, ଦର୍ଶନ, ଧର୍ମ, ସତ୍ୟଦୃଷ୍ଟି, କାଳ୍ପନିକତା,ସଂସ୍କାର ଓ କୁସଂସ୍କାର ପ୍ରଭୁତିକୁ ଉପଜୀବ୍ୟ କରିଛନ୍ତି । ଏହି କାଳଜୟୀ କବି ଗଙ୍ଗାଧର ୧୯୨୪ ଏପ୍ରିଲ ୪ ତାରିଖରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସ୍ୱଭାବ କବି ଗଙ୍ଗାଧର ମେହେର ତାଙ୍କ କାବ୍ୟ ପ୍ରତିଭା ପାଇଁ ଉତ୍କଳର ଜନ ମାନସ ଓ ଓଡିଆ ସାହିତ୍ୟ ଭଣ୍ଡାରରେ ଚିର ଜାଜ୍ଜ୍ୱଲ୍ୟମାନ ହୋଇ ରହିବେ । କବି ଗଙ୍ଗାଧରଙ୍କୁ ସମ୍ବୋଧନ କରି କବି ନନ୍ଦ କିଶୋର ବଳ ଯଥାର୍ଥରେ ଲେଖିଛନ୍ତି- ,

*ଭିକ୍ଷୁକ ସଙ୍ଗତେ ନୃପ ମୁକୁଟ-*
*ମଣ୍ଡିତ କାଳବଳେ ହେବେ*
*ସର୍ବେ ଭବୁଁ ଅନ୍ତର୍ହିତ ।*
*କିନ୍ତୁ ତୁମ୍ଭେ ଦିନ କବି ରହିବ*
*ଜୀବିତ ଯେତେଦିନ ଭବେ*
*ଥିବ ଓଡିଆ ସାହିତ୍ୟ ।*

*ପାରାଦ୍ୱୀପ ଗଡ,*
*କୁଜଙ୍ଗ, ଜଗତ୍‌ସିଂହପୁର*
*୯୯୩୭୬୯୧୪୭୫*

# ସୁରେନ୍ଦ୍ରନାଥ ବାନାର୍ଜୀ

◆ ରଘୁନାଥ ମହାପାତ୍ର



ସୁରେନ୍ଦ୍ରନାଥ ବାନାର୍ଜୀ ଜଣେ ପ୍ରସିଦ୍ଧ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ । ବ୍ରିଟିଶ ଶାସନ ସମୟରେ ସବୁଠୁ ପ୍ରଥମ ନେତାଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ସେ ଇଣ୍ଡିଆନ୍ ନ୍ୟାସନାଲ ଆସୋସିଏସନର ସ୍ଥାପନା କରିଥିଲେ । ଯାହାକି ଭାରତର ପ୍ରାରମ୍ଭିକ ରାଜନୈତିକ ସଂଗଠନ ମଧ୍ୟରୁ ଗୋଟିଏ ଥିଲେ । ପରେ ସେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସର ବରିଷ୍ଠ ନେତା ଥିଲା । ରାଷ୍ଟ୍ରଗୁରୁ ଉପନାମରେ ମଧ୍ୟ ସୁରେନ୍ଦ୍ରନାଥ ବେଶ ଜଣାଶୁଣା । କଂଗ୍ରେସର ଏଭଳି କିଛି ନରମପନ୍ଥୀ ନେତାଙ୍କ ମଧ୍ୟରେ ସେ ସାମିଲ ଥିଲେ, ଯେଉଁମାନେ ବ୍ରିଟିଶ ଶାସନର ସର୍ବଦା ବିରୋଧ କରିଥିଲେ ଏବଂ ଦେଶବାସୀଙ୍କ ହିତରେ କାମ କରିଥିଲେ । ଏଭଳି ଜଣେ ସ୍ୱାଧୀନଚେତା ମଣିଷ ୧୮୪୮ ମସିହା ନଭେମ୍ବର ୧୦ରେ କୋଲକାତାରେ ଜନ୍ମ ଗ୍ରହଣ କରିଥିଲେ । ପ୍ରାରମ୍ଭିକ ଶିକ୍ଷା ସମାପନ ପରେ କୋଲକାତା ବିଶ୍ୱବିଦ୍ୟାଳୟରେ ସ୍ନାତକ କରିଥିଲେ । ୧୮୬୯ରେ ସେ ଭାରତୀୟ ସିଭିଲ ସେବା ପରୀକ୍ଷାରେ ଉତୀର୍ଣ୍ଣ ହୋଇ ଥିଲେ । କିନ୍ତୁ ବୟସଜନିତ ବିବାଦକୁ ନେଇ ତାଙ୍କ ଚୟନ ରଦ୍ଦ କରାଯାଇଥିଲା । ନ୍ୟାୟାଳୟର ହସ୍ତକ୍ଷେପ ପରେ ସେ ପୁନଶ୍ଚ ୧୮୭୧ରେ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିଲେ । ଏହାପରେ ସେ ସରକାରୀ ଚାକିରୀରେ ଯୋଗଦେବା ପରେ ଅନେକଥର ବ୍ରିଟିଶ ପ୍ରଶାସନ ବିରୋଧର ଶିକାର ହୋଇଥିଲେ । କଂଗ୍ରେସର ସ୍ଥାପନା ପରେ ପ୍ରାରମ୍ଭିକ ଦଶକରେ ସୁରେନ୍ଦ୍ରନାଥ ଏବଂ ଗୋପାଳକୃଷ୍ଣ ଗୋଖଲେଙ୍କ ଭଳି ନରମପନ୍ଥୀ ନେତାଙ୍କ ନାଁ ଡାକ ଥିଲା । ସୁରେନ୍ଦ୍ରନାଥ ଅନେକଥର ଦେଶବାସୀଙ୍କ ହିତ ପାଇଁ ଇଂରେଜ ହୁକୁମ ଉପରେ ଚାପ ପକାଇ ଆଇନରେ ପରିବର୍ତନ ଆଣିବାକୁ ପ୍ରୟାସ କରିଥିଲେ । ଅନେକ ଦଶକ ପର୍ଯ୍ୟନ୍ତ ସେ ଇଂରେଜଙ୍କ ବିରୋଧରେ ଲଢ଼େଇ ଜାରି ରଖିଥିଲେ । ୧୯୨୫ ମସିହା ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

*ସତ୍ୟଶ୍ରୀ ନିବାସ, ତାରାଚାନ୍ଦପାଟଣା, କଟକ: ୯୨୩୮୬୩୨୭୫୦*

# ବିଶ୍ୱ ଆଦିବାସୀ ଦିବସ

◆ ଦଶରଥ ହେମ୍ବ୍ରମ୍



ବିଶ୍ୱର ୯୦ ଗୋଟି ଦେଶରେ ପ୍ରାୟ ୪୭୬ ମିଲିୟନ ଆଦିବାସୀ ଲୋକ ବସବାସ କରନ୍ତି, ଯାହା ସମୁଦାୟ ବିଶ୍ୱ ଜନସଂଖ୍ୟାର ପ୍ରାୟ ୬ ପ୍ରତିଶତ । ତନ୍ମଧ୍ୟରୁ ୧୯ ପ୍ରତିଶତ ଆଦିବାସୀ ଅତି ଗରିବରୁ ଗରିବ ଶ୍ରେଣୀର । ସେହିପରି ଆମ ଭାରତରେ ମଧ ସମୁଦାୟ ଜନସଂଖ୍ୟା ମଧ୍ୟରୁ ୮.୬% କିମ୍ବା ୧୦୪ନିୟୁତ ଲୋକ ଆଦିବାସୀ, ଯାହା ୨୦୧୧ ଜନ ଗଣନା ତଥ୍ୟରୁ ଜଣାଯାଏ । ତନ୍ମଧ୍ୟରୁ ପ୍ରାୟ ୯.୪ ପ୍ରତିଶତ ଗରିବ ଶ୍ରେଣୀର ଆଦିବାସୀ । ତେବେ ଏନେଇ ଅନେକ ସମୟରେ ସରକାରୀ ହେଉ କିମ୍ବା ବେସରକାରୀ ସଂସ୍ଥା ଦ୍ୱାରା ସର୍ଭେ କରି ରିସର୍ଚ୍ଚ ମଧ କରାଯାଇଛି ଏବଂ ଆହୁରି ଅଧିକରୁ ଅଧିକ ରିସର୍ଚ୍ଚ କରିଲେ ଆଦିବାସୀମାନଙ୍କ ବିକାଶର ପ୍ରତିଫଳିତ ହୋଇ ସେମାନେ ମୁଖ୍ୟସ୍ରୋତରେ ସାମିଲ ହେବେ ବୋଲି ଅର୍ଥନୀତିଜ୍ଞମାନେ ମତବ୍ୟକ୍ତ କରନ୍ତି । ଆଦିବାସୀ ମାନଙ୍କ ସାମାଜିକ, ସଂସ୍କୃତି ଓ ପରମ୍ପରାକୁ ସୁରକ୍ଷା କରିବା ସହିତ ସେମାନେ କିଭଳି ଶିକ୍ଷା ଓ ଅର୍ଥନୀତି କ୍ଷେତ୍ରରେ ଅଗ୍ରସର ହୋଇ ପାରିବେ ସେନେଇ ଆଦିବାସୀ ମନ୍ତ୍ରଣାଳୟ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପ୍ରତିଷ୍ଠା ମଧ କରାଯାଇଛି । ଏସବୁ ବିଷୟରେ ଆଦିବାସୀ ମାନଙ୍କୁ ଅବଗତ ବା ସଚେତନ କରିବା ପାଇଁ ମିଳିତ ଜାତିସଂଘର ଆଦିବାସୀ ଜନସଂଖ୍ୟା ଶାଖାର କାର୍ଯ୍ୟକାରୀ ସଦସ୍ୟ ବୈଠକରେ ୧୯୮୨ରେ ପ୍ରଥମେ ଅନ୍ତର୍ଜାତୀୟ ବିଶ୍ୱ ଆଦିବାସୀ ଦିବସ ପାଳନର ପ୍ରସ୍ତାବ ଉପସ୍ଥାପନା କରା ଯାଇଥିଲା । ପରବର୍ତୀ ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ୨୩ ଡିସେମ୍ବର ୧୯୯୪ ମସିହାରେ, ୯ ଅଗଷ୍ଟକୁ ପ୍ରତି ବର୍ଷ 'ବିଶ୍ୱ ଆଦିବାସୀ ଦିବସ' ରୂପେ ମାନ୍ୟତା ଦେଇ ପାଳନ କରିବାପାଇଁ ଗୃହୀତ ହେଲା । ସେହିଦିନଠାରୁ ବିଶ୍ୱର ବିଭିନ୍ନ ଦେଶରେ ଆଦିବାସୀମାନଙ୍କ ଅଧିକାର ଓ ସୁରକ୍ଷା ବାର୍ତାକୁ ଆଦିବାସୀମାନେ ଆଗ୍ରହର ସହିତ ସମଗ୍ର ବିଶ୍ୱରେ ପାଳନ କରି ଆସୁଛନ୍ତି । ବିଶ୍ୱ ଆଦିବାସୀ ଦିବସରେ ଆଦିବାସୀମାନେ ନିଜ ନିଜର ପାରମ୍ପାରିକ ବେଶଭୂଷାରେ ସଜେଇ ହୋଇ ସଭାସମିତିରେ ଯୋଗଦାନ କରିଥାନ୍ତି । ତା'ପୂର୍ବରୁ ଆଦିବାସୀ ଅଂଶଗ୍ରହଣକାରୀମାନେ ତାଳବାଦ୍ୟରେ ନୃତ୍ୟ କରି, ହୃଦୟସ୍ପର୍ଶୀ ଗୀତ ଗାନ କରି ଏବଂ ମଧୁର ବାଜା ବଜାଇ ସମଗ୍ର ସହରକୁ ଆନନ୍ଦ ଉଲ୍ଲାସ ଏବଂ ସାଂସ୍କୃତିକ ସ୍ପନ୍ଦନରେ ଆଚ୍ଛନ୍ନ କରିଦିଅନ୍ତି । ସରକାରୀ କିମ୍ବା ବେସରକାରୀ ସଂଗଠକମାନେ ଆୟୋଜିତ ଜନ ଉତ୍ସବରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାର ବ୍ୟବସ୍ଥା ରହିଥାଏ । କିନ୍ତୁ ସଭାସମିତି ହେବା ପୂର୍ବରୁ ଏକ ବିଶାଳ ଆଦିବାସୀ ରାଲି ହୁଏ, ଏଥିରେ ଆଦିବାସୀମାନେ ପାରମ୍ପରିକ ପୋଷାକ ପିନ୍ଧି, ନାଚଗୀତରେ ମସଗୁଲ ହୋଇ ଏବଂ ବାଜା ବଜାଇ ଶୋଭାଯାତ୍ରାରେ ବାହାରନ୍ତି । ଏହି କାର୍ଯ୍ୟକ୍ରମରେ ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ଏକତା ପ୍ରଦର୍ଶିତକୁ ସୂଚିତ କରାଏ । ସାଧାରଣତଃ, ଆଦିବାସୀମାନେ ଚାଷବାସ କରି ଜୀବିକା ନିର୍ବାହ କରିଥାନ୍ତି । ତା'ସହିତ ସେମାନେ ବଣ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିଥାନ୍ତି । ହେଲେ ବଜାରକୁ ସେମାନେ ସହଜେ ପ୍ରବେଶ କରି ପାରନ୍ତି ନାହିଁ, ଯାହା ଫଳରେ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନୁହନ୍ତି । ବିଶ୍ୱ ବ୍ୟାଙ୍କ ସର୍ଭେର ତଥ୍ୟ ଅନୁସାରେ ଜଣେ ଅଣ-ଆଦିବାସୀ ତୁଳନାରେ ଆଦିବାସୀଟିଏ ଅତି ଦାରିଦ୍ର୍ୟର ଶିକାର ହେବାର ଆଶଙ୍କା ପ୍ରାୟ ତିନି ଗୁଣ ଅଧିକ । ଦେଶର ବିକାଶ ପ୍ରକ୍ରିୟାରେ ସେହିଭାବେ ସେମାନେ ଅଂଶଗ୍ରହଣ କରି ନପାରିବାରୁ ବିକାଶ ଯୋଜନା ଗୁଡିକରୁ ତୁଳନାତ୍ମକ ଭାବେ ଅଧିକ ଲାଭ ହାସଲ କରିବାକୁ ସକ୍ଷମ ହୋଇ ନ ଥାଆନ୍ତି । ଅସୁରକ୍ଷିତ ଜମି ଓ ସମ୍ପତି ଅଧିକାର, ଭେଦଭାବ, ଜଳବାୟୁ ପରିବର୍ତନ ଓ ଅନ୍ୟ ବିପତି ଯୋଗୁ ଅଧିକ କ୍ଷତିଗ୍ରସ୍ତ ହେବା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ଗତିବିଧିରେ ସେମାନେ ପଛରେ ରହିଯାନ୍ତି । ସେମାନେ ବସବାସ କରୁଥିବା ଗ୍ରାମାଂଚଳ ଓ ଅପହଂଚରେ ରୋଜଗାର ବୃଦ୍ଧିରେ ଅନ୍ତରାୟ ସୃଷ୍ଟି ହୁଏ, ଯାହାଫଳରେ ମୁଣ୍ଡପିଛା ଆୟ ଆକଳନରୁ ବହୁ କମ ଥାଏ । ଅଧିକ ରୋଜଗାରକ୍ଷମ ହେବାରେ ଶିକ୍ଷାର ଏକ ବଡ ଭୂମିକା ନିଭାଏ, କିନ୍ତୁ ବିଭିନ୍ନ ନିଯୁକ୍ତ କ୍ଷେତ୍ରରେ ଆଦିବାସୀ ଛାତ୍ରଛାତ୍ରୀ ମାନେ ଉଚିତ ଶିକ୍ଷାଲାଭ ନ ପାଇବା ଦ୍ୱାରା ସରକାରୀ କିମ୍ବା ବେସରକାରୀ ନିଯୁକ୍ତିର ଫାଇଦା ନେଇପାରନ୍ତି ନାହିଁ । ସେମାନଙ୍କ ଅଂଚଳମାନଙ୍କରେ ଉପଯୁକ୍ତ ସ୍ୱାସ୍ଥ୍ୟ ଭିତିଭୂମିର ଅଭାବ ଯୋଗୁ ସେମାନେ ରୋଗାକ୍ରାନ୍ତ ହୋଇ ମୃତ୍ୟୁ ମୁଖରେ ପଡନ୍ତି,ଯାହା ହାରାହାରି ଆୟୁଷ ଅଣ-ଆଦିବାସୀଙ୍କ ତୁଳନାରେ ପ୍ରାୟ ୨୦ ରୁ ୩୦ ବର୍ଷ କମ, ଯାହା ସ୍ୱାସ୍ଥ ସର୍ଭେ ତଥ୍ୟ ପ୍ରକାଶ କରିଛି । ଏପରିକି ଭୌଗୋଳିକ ଦୂରତା ଜନିତ ସମସ୍ୟା ସେମାନଙ୍କୁ ନ୍ୟାଯ୍ୟ ଅଧିକାର ପାଇବାରୁ ବଂଚିତ ହୁଅନ୍ତି । ଯେଉଁଥିପାଇଁ ବିଭିନ୍ନ ସମୟରେ ଅନ୍ୟାୟ, ଅତ୍ୟାଚାର ଓ ଶୋଷଣର ଶିକାର ହୁଅନ୍ତି । କିନ୍ତୁ କୌଣସି ସମସ୍ୟାର ସଫଳ ମୁକାବିଲା କରିବା ପାଇଁ ସେମାନଙ୍କ ନିକଟରେ ଯଥେଷ୍ଟ ଭିତିଭୂମି ଓ ପୁଂଜିଗତ ସମ୍ପତିର ଅଭାବ, ଯାହା ଫଳରେ ଦାରିଦ୍ର୍ୟରୁ ସେମାନେ ମୁକ୍ତି ପାଇ ପାରୁନାହାନ୍ତି । ତେଣୁ ଏସବୁ ଆଦିବାସୀଙ୍କ ବାସ୍ତବ ସ୍ଥିତିକୁ ଜାଣିବା ପାଇଁ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଏ । କେବଳ ଆଦିବାସୀଙ୍କ ଦାରିଦ୍ର୍ୟ, ସମସ୍ୟା ବା ଅଧିକାର ଓ ସୁରକ୍ଷା ସମ୍ପର୍କରେ ବଖାଣିବା ପାଇଁ ନୁହେଁ,ବରଂ ମାନବ ସଭ୍ୟତା ଓ ଜୀବଜଗତର ସୁରକ୍ଷା ପାଇଁ ସେମାନଙ୍କ ପ୍ରୟାସ ଓ ଯୋଗଦାନକୁ ବି ମନେ ପକାଇବାର ଏହି ଦିନଟିଏ ପାଲଟେ ସ୍ମରିଣିକା । ଏହାଦ୍ୱାରା ଆଦିବାସୀଙ୍କ ମଧ୍ୟରେ ସ୍ୱାଭିମାନ ଜାଗ୍ରତ ହେବା ସହ ସେମାନଙ୍କ ବିକାଶର ଛାୟାଚିତ୍ର ଦେଶର ପ୍ରଗତିକୁ ସୂଚିତ କରେ । ମାତ୍ର ଆଦିବାସୀମାନେ ଯେଉଁଠି ବସବାସ କରନ୍ତି ସେଠିକାର ପରିବେଶ ଓ ପ୍ରାକୃତିକ ସମ୍ପଦକୁ କେନ୍ଦ୍ର କରି ସେମାନଙ୍କ ଜୀବନଶୈଳୀ ଗଢି ଉଠିଥାଏ ।

*ଦୁର୍ନୀତି ନିବାରଣ ଅଧିକାରୀ,*
*ଦୁର୍ନୀତି ନିବାରଣ ବିଭାଗ,*
*ବାଲେଶ୍ୱର ଖଣ୍ଡ, ବାଲେଶ୍ୱର,*
*ମୋ-୯୩୩୭୪୦୪୨୫୪*

# କ୍ରାନ୍ତି ଦିବସ



## ଅଗଷ୍ଟ ୯ର ତାତ୍ପର୍ଯ୍ୟ

◆ ଶ୍ରୀ ଦାଶରଥୀ ଶତପଥୀ, (ଭା.ପ୍ର.ସେ)

ଗାନ୍ଧିଜୀଙ୍କ ଡାକରାରେ ଆରମ୍ଭ କରାଯାଇଥିବା ଐତିହାସିକ ଭାରତଛାଡ଼ ଆନ୍ଦୋଳନର ଦେଶର ସ୍ୱାଧୀନତା ପାଇଁ ମୁକ୍ତି ଯୋଦ୍ଧା ମାନଙ୍କର ଦାୟିତ୍ୱ ବଢ଼ାଇ ଦେଇଥିଲା । ଏଇ ଆନ୍ଦୋଳନ ସମଗ୍ର ଦେଶର ଗାଁରୁ ସହର ପର୍ଯ୍ୟନ୍ତ ସୁଦୂରପ୍ରସାରୀ ଏବଂ ମୁକ୍ତି ସଂଗ୍ରାମର ଏକମାତ୍ର ଲକ୍ଷ୍ୟ ଥିଲା । କାରଣ ସ୍ୱାଧୀନତା ହାସଲ କରିବା ବେଳକୁ ବେଳ ଡେରି ହେବାକୁ ଲାଗୁଥିଲା । ଦ୍ୱିତୀୟ ବିଶ୍ୱ ଯୁଦ୍ଧର ମଧ୍ୟଭାଗ ସମୟ ଥିଲା ଆନ୍ଦୋଳନର ପ୍ରକୃତ ସମୟ । ପ୍ରଥମ ବିଶ୍ୱଯୁଦ୍ଧ ବେଳେ ବ୍ରିଟିଶ ସରକାରଙ୍କୁ ସମର୍ଥନ କରି ଇଂରେଜ ଅଧିନରେ ଥିବା ଭାରତୀୟ ସୈନିକ ମନପ୍ରାଣ ଦେଇ ଲଢ଼େଇ କରିଥିଲେ । ଭାରତୀୟ ଜନତା ଓ ଭାରତୀୟ ସୈନିକ ଭାବିଥିଲେ ବିଶ୍ୱଯୁଦ୍ଧରେ ବ୍ରିଟିଶକୁ ସାହାଯ୍ୟ କଲେ ହୁଏତ ସ୍ୱାଧୀନତା ମିଳିଯାଇପାରେ । କିନ୍ତୁ ଫଳ ହେଲା ଓଲଟା । ସ୍ୱାଧୀନତା ବଦଳରେ ବ୍ରିଟିଶ ସରକାର ତାଙ୍କ ଶାସନ ବ୍ୟବସ୍ଥାକୁ କ୍ରମେ କ୍ରମେ ସୁଦୃଢ଼ କରିବା ସହ ସ୍ୱାଧୀନତା ପାଇଁ ସ୍ୱର ଉଠାଉଥିବା ଦେଶପ୍ରେମୀ ମାନଙ୍କୁ ଦମନ କରିବା ସହ ନାହିଁ ନଥିବା ଅତ୍ୟାଚର କରିବାକୁ ଲାଗିଲେ । ଜାଲିଆନାୱାଲା ବାଗ ହତ୍ୟାକାଣ୍ଡ ଭଳି ଅନେକ ସ୍ଥାନରେ ହତ୍ୟାକାଣ୍ଡ ଘଟାଇ ଚାଲିଲେ । ସରକାର ସ୍ୱାଧୀନତା ସପକ୍ଷରେ ଆନ୍ଦୋଳନକାରୀ ମାନଙ୍କ ଉପରେ ଲାଠି, ଗୁଳି,ଜେଲଦଣ୍ଡ, ଦ୍ୱୀପାନ୍ତର, ଫାଶୀ ଦଣ୍ଡ, ଘର ଖାନତଲାସ ଭଳି ଦଣ୍ଡ ଦେଇ ମଧ୍ୟ ଜନଅସନ୍ତୋଷକୁ ଦବାଇ ପାରିଲା ନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜର୍ମାନୀ ଇଟାଲୀ ସପକ୍ଷରେ ଜାପାନ ଥିବାରୁ, ଜାପାନ ବିସ୍ତାରବାଦୀ ଇଂଲଣ୍ଡ ଉପରେ ଆକ୍ରୋଶ ଥିବା ଏବଂ ଭାରତ ଇଂରେଜ ଅଧିନରେ ଥିବାରୁ ଭାରତ ଉପରେ ଜାପାନ ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଲା । ଦ୍ୱିତୀୟ ଯୁଦ୍ଧରେ ଇରେଜ ସରକାର ଜାପାନ ବିରୁଦ୍ଧରେ ସଜାଗ ରହିବା ପାଇଁ ଶତଚେଷ୍ଟା କରିମଧ୍ୟ ଭାରତୀୟ ମାନେ ଯୁଦ୍ଧରେ ସାହାଯ୍ୟ କରିବାର ପ୍ରଶ୍ନ ଉଠାଇଲେ ନାହିଁ । ଅବସ୍ଥାର ସୁଯୋଗ ନେଇ ଆମ ଦେଶରୁ ଇଂରେଜ ମାନଙ୍କୁ ହଟାଇ ଦେଇ ପାରିଲେ ଭାରତକୁ ଜାପାନ ଆକ୍ରମଣର ଭୟ ରହିବ ନାହିଁ ବୋଲି ଗାନ୍ଧିଜୀଙ୍କ ମତ ଥିଲା । ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ୱାର୍ଦ୍ଧା ଠାରେ ୧୪, ୧୯୪୨ ଅନୁଷ୍ଠିତ ନିଖିଳ ଭାରତ କଂଗ୍ରେସ କାର୍ଯ୍ୟକାରୀ କମିଟିର ବୈଠକ ବସି ଇଂରେଜ ସରକାର ଯଥାଶୀଘ୍ର ଭାରତକୁ ସ୍ୱାଧୀନ ଦିଅନ୍ତୁ ଓ ଭାରତ ଛାଡ଼ି ଯଥାଶୀଘ୍ର ଚାଲି ଯାଆନ୍ତୁ ବୋଲି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ସମସ୍ତଙ୍କର ସମର୍ଥନ ମିଳିଲା । ଏଥିରେ ଇଂରେଜ ସରକାରଙ୍କ କୌଣସି ପ୍ରତିକ୍ରିୟା ନ ହେବାରୁ ଅଗଷ୍ଟ ୮ ତାରିଖ ବମ୍ବେ ଠାରେ କଂଗ୍ରେସର ସାଧାରଣ ଅଧିବେଶନରେ ଉତ୍ସାହ, ଉଦ୍ଦିପନା ସହ ଗାନ୍ଧିଜୀଙ୍କ ପ୍ରସ୍ତାବ ମାନ ଗୃହିତ କରାଗଲା । ପ୍ରସ୍ତାବରେ ଥିଲା ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସରକାରଙ୍କୁ ସାହାଯ୍ୟ ନକରି ସତ୍ୟ, ଅହିଂସାକୁ ଆଧାର କରି ପ୍ରତ୍ୟେକ କର୍ମକର୍ତ୍ତା ପ୍ରସ୍ତାବିତ ପ୍ରସ୍ତାକୁ ନୀତିନିଷ୍ଠ ଭାବେ କାର୍ଯ୍ୟ କରିବାକୁ ଚେଷ୍ଟା କଲେ । ଏହି ପ୍ରସ୍ତାବରେ ସମସ୍ତେ ଅନୁପ୍ରାଣୀତ ହୋଇ ଭାରତର ସମସ୍ତ ଅ□ଳରେ ବିଜୁଳି ବେଗରେ ବିପ୍ଳବର ସ୍ୱର ଦେଖାଗଲା । ଏଇ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେବା ପାଇଁ ମୁକ୍ତିଯୋଦ୍ଧା ମାନେ ଜୀବନକୁ ପାଣି ଛଡାଇ ଆଗେଇ ଆସିଲେ । ଏହାକୁ ପ୍ରତିରୋଧ କରି ଅଗଷ୍ଟ ୮ ତାରିଖ ରାତାରାତି ବ୍ରିଟିଶ ସରକାର ବିଶିଷ୍ଟ ସଂଗ୍ରାମୀ ମାନଙ୍କୁ ଗିରଫ କରି ଭାରତର ବିଭିନ୍ନ ଜେଲରେ ପଣବନ୍ଦୀ କରି ରଖିଲେ । ତାପରଦିନ ସକାଳୁ ଅଗଷ୍ଟ ୯ ତାରିଖ ଦିନ ଚାରିଆଡ଼େ ବିପ୍ଳବର ବହ୍ନି ଜଳି ଉଠିଲା । ଅର୍ଥାତ୍ ଏହି ଦିନ ଭାରତଛାଡ଼ ଆନ୍ଦୋଳନର ମୂଳଦୁଆପଡ଼ିଲା । ରାତି ପାହିଲା ବେଳକୁ ଗାନ୍ଧିଜୀଙ୍କ ସମେତ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଜୟପ୍ରକାଶ ନାରାୟଣ, ରାଜେନ୍ଦ୍ର ପ୍ରସାଦଙ୍କ ଭଳି ବହୁ ନେତାଙ୍କୁ ଗିରଫ କରିବା ଭିତରେ ଗାନ୍ଧିଜୀଙ୍କୁ ପୁନେର ଆଗା ଖାଁ ପାଲେସର ଗିରଫ କରି ରଖାଗଲା । ଗିରଫ ହେବା ପୂର୍ବରୁ ଗାନ୍ଧିଜୀ କହିଥିଲେ ଯେ ଆଜିଠାରୁ ଆମ ଦେଶ ସ୍ୱାଧୀନ । ଆମେ ନିଜେ ହିଁ ସରକାର ହୋଇ କାର୍ଯ୍ୟକରିବା । ଯଦି ଗାନ୍ଧିଜୀ ଏହା ଆନ୍ଦୋଦଳନକୁ ସତ୍ୟ, ଅହିଂସା ଭାବେ ନେଇଥିଲେ କିନ୍ତୁ ଇଂରେଜ ମାନଙ୍କୁ ତଡ଼ିବା ପାଇଁ ଭାରତୀୟ ମାନେ ବହୁସ୍ଥାନରେ ବୋମା ଫୁଟାଇଲେ, ବିଜୁଳି ତାର କାଟି ଦେଲେ, କେତେକ ଜାଗାରେ ଗୁପ୍ତରେ ଲୁଚି ଲୁଚି ଇଂରେଜ ମାନଙ୍କୁ ଠେଲା ଓ ପଥର ମାଡ଼ କରି ଗିରଫ ହେଲେ । ଫଳରେ ଇଂରେଜ ସରକାର ପ୍ରତିକ୍ରିୟାଶୀଳ ଓ ପ୍ରତିଶୋଧ ପରାୟଣ ହୋଇ ସାଧାରଣ ଲୋକଙ୍କୁ ଗୁଳି ଚଳାଇଲେ । ଓଡ଼ିଶାରେ ଏହାର ପ୍ରଭାବ ପ୍ରବଳ ମାତ୍ରାରେ ଅନୁଭୂତ ହେଲା । ଓଡ଼ିଶାର ଅନେକ ସଂଗ୍ରାମୀ ଗିରଫ ହେଲେ । ଡକ୍ଟର ହରେକୃଷ୍ଣ ମହତାବଙ୍କୁ ଅହମ୍ମଦ ନଗର ଦୁର୍ଗରେ ବନ୍ଦୀ କରି ରଖାଗଲା । ଓଡ଼ିଶାର ଅନେକ ସଂଗ୍ରାମୀ ଗିରଫ ହେଲେ । ଏହା ଭିତରେ ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଶ୍ରୀମତୀ ମାଳତୀ ଚୌଧୁରୀ ଗିରଫଦାରୀରୁ ଖସି ଯାଇ ଛଦ୍ମବେଶରେ ଗାଁ ଗାଁ ବୁଲି ଆନ୍ଦୋଳନକୁ ତୀବ୍ରତର କରାଇଲେ । ସେମାନଙ୍କ ସହ ଗୌର ଚନ୍ଦ୍ର ଦାସ, ଲୋକନାଥ ମିଶ୍ର, ବୃନ୍ଦାବନ ତ୍ରିପାଠୀ, ନିଶାମଣି ଖଂଟିଆ, ବୀରବର ସାମନ୍ତ ଆଦି ଅନେକ ସଂଗ୍ରାମୀ ଏହି ଆନ୍ଦୋଳନକୁ ସହଯୋଗ କରି ଗିରଫ ହେଲେ । କୋରାପୁଟର ସଂଗ୍ରାମୀ ଯୁବକ ଲକ୍ଷ୍ମଣ ନାୟକଙ୍କୁ ଘରପୋଡ଼ି, ଥାନାପୋଡ଼ି ଭଳି ମିଥ୍ୟା କେସ୍‌ରେ ଇଂରେଜ ସରକାର ବ୍ରହ୍ମପୁର ଜେଲରେ ଫାଶୀ ଦେଲେ । ନୟାଗଡ଼ ଜିଲ୍ଲାର ଜନସାଧାରଣ ପୁନଃ ପ୍ରାଣରେ ଆନ୍ଦୋଳନକୁ ସମର୍ଥନ କରି ପ୍ରଜାମେଳୀରେ ଇଂରେଜ ସରକାରଙ୍କ ପଲିଟିକାଲ ଏଜେ□, ବେଜଲଗେଟଙ୍କୁ ଠେଙ୍ଗାରେ ବାଡେଇ ବାଡେଇ ମାରି ଦେଲେ । ଓଡ଼ିଶାର ବାଲେଶ୍ୱର ଜିଲ୍ଲାରେ ଏହି ବିପ୍ଳବ ଫଳାଫଳର ଭୟାବହତା ଚରମ ସୀମାରେ ପହଂଚିଲା । ଏହି ଆନ୍ଦୋଳନରେ ଇରମ, ଖଇରା, ଡିହିଲୁଣିଆ ଓ ଆଖପାଖ ଗ୍ରାମରେ ପୋଲିସ ସହ ସଂଘର୍ଷରେ କେତେକ ପ୍ରାଣବଳୀ ଦେଲେ । ପୋଲିସର ବର୍ବର ଗୁଳି ଚାଳନାରେ ଇରମ ଠାରେ ୨୬ ଜଣ ସତ୍ୟାଗ୍ରାମୀ ଟଳି ପଡ଼ିଲେ ଏବଂ ଅନେକ ଆହତ ହେଲେ । ଖଇରା ଡିହିରେ ରକ୍ତପାତ ହେଲା । କଟକ ଜିଲ୍ଲାର ଯାଜପୁର, ତିର୍ତ୍ତୋଲ, ବଡ଼ଚଣା, ବିଞ୍ଝାରପୁର ଅଂଚ□ଳରେ ଆନ୍ଦୋଳନ ତୀବ୍ରତର ହେଲା । ପୁରୀର ନିମାପଡ଼ାରେ କକଂଗ୍ରେସ ପତାକା ଉତୋଳନକୁ ନେଇ ପୋଲିସ ଓ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହେଲା । କଟକ, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କାମାକ୍ଷାନଗର, ତାଳଚେର, ମାଲକାନଗିରି, ନବରଙ୍ଗପୁର, ଗଂଜାମ, କୋରାପୁଟ, ସମ୍ବଲପୁର ଆଦି ବହୁ ଜାଗାରେ ବିପ୍ଳବର ବହ୍ନି ଜଳି ଉଠିଲା । ବ୍ରିଟିଶ ସରକାରଙ୍କ ଦମନ ଅବରୋଧ ସତ୍ୱେ ଭାରତଛାଡ଼ ଆନ୍ଦୋଳନ ଅତନ୍ତ ସଫଳ ହେଲା । ଏହି ଆନ୍ଦୋଳନ ଏକ ସ୍ୱର୍ଣ୍ଣିମ ନିଶ୍ଚୟ ଥିଲା । ଏଥିରେ ବୁଦ୍ଧିଜୀବୀ, ମଧ୍ୟମବର୍ଗ, ଛାତ୍ର ଜନତା, କଷକ, ଗରିବ, ଖଟିଖିଆ ସବୁ ଶ୍ରେଣୀର ଲୋକ ଯୋଗ ଦେଇଥିଲେ ଯାହାକି ବ୍ରିଟିଶ ସରକାରଙ୍କୁ ଦେଶ ଛାଡ଼ି ଯିବା ପାଇଁ ଏକରକମ ବାଧ କରିଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଟିକିଏ ଶାନ୍ତିର ବାତାବରଣ ଫେରିବାରୁ ଦେଶର ବହୁ ନେତା ମୁକ୍ତ ହୋଇଥିଲେ । ୧୯୪୨ ଅଗଷ୍ଟ ୯ ତାରିଖରୁ ଆରମ୍ଭ ହୋଇଥିବା ଭାରତ ସ୍ୱାଧୀନତାର ଏହି ବିପ୍ଳବ "କର ବା ମର" ରେ ସମଗ୍ର ଦେଶରେ ଅଭୁତପୂର୍ବ ଜନଜାଗରଣ ଦେଖା ଦେଇଥିଲା । ଇଂରେଜ ସରକାର ଏହାକୁ ଚପାଇ ଦେବା ପାଇଁ ଚେଷ୍ଟା କରି ବିଫଳ ହେଲେ । ଭାରତ ଛାଡ଼ ଆନ୍ଦୋଳନ ପ୍ରଭାବରେ ଇଂରେଜ ଶାସନ ଭାରତ ଛାଡ଼ିଯିବାକୁ ବାଧ ହେଇଥିଲେ ।

## 'କର ବା ମର': ୮୩ ବର୍ଷ ରେ ଅଗଷ୍ଟ କ୍ରାନ୍ତି ଦିବସ



◆ ଗଙ୍ଗାଧର ରାଉତ

ଆଜି ଅଗଷ୍ଟ ୯ କ୍ରାନ୍ତି ଦିବସ । ୧୯୪୨ ମସିହାର ଅଗଷ୍ଟ ମାସ ୮ତାରିଖ ଭାରତର ସ୍ୱାଧୀନତା ଆନ୍ଦୋଳନର ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ଏହାକୁ ଆମେ ସମସ୍ତେ'ଅଗଷ୍ଟ କ୍ରାନ୍ତି' ବା 'ଭାରତ ଛାଡ଼ ଆନ୍ଦୋଳନ' ନାମରେ ଜାଣିଛନ୍ତି ।ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟିଶ ସରକାର ଭାରତୀୟ ଙ୍କୁ ପଚାରି ନଥିଲେ ମଧ୍ୟ ଯୁଦ୍ଧରେ ସାମିଲ କରି ଦେଇଥିଲେ । କ୍ରିପ୍ସ ମିଶନ ବିଫଳ ହେବା ପରେ ଦେଶବାସୀଙ୍କ ଅସନ୍ତୋଷ ଚରମ ସୀମାରେ ପହଂଚିଥିଲା । ଚାରିଆଡ଼େ ଇଂରେଜ ସରକାରଙ୍କ ବିରୁଦ୍ଧରେ ଅସନ୍ତୋଷ ର ବହ୍ନି ନୀରବରେ ଜଳୁଥିଲା । କେବଳ ଆବଶ୍ୟକ ହେଉଥିଲା ଗୋଟିଏ ଦିଆସିଲି କାଠି ବା ଅଗ୍ନି ସଂଯୋଗ ଉପକରଣ । କିଏ କେଉଁଠି କେତେବେଳେ କିଭଳି ଏହି ସୁପ୍ତ ଅସନ୍ତୋଷର ବାରୁଦ ଗଦାରେ ଅଗ୍ନି ସଂଯୋଗ କରିବ ତାହା ହିଁ ସମସ୍ତଙ୍କ ମଧ୍ୟରେ ଉତ୍କଣ୍ଠା ଓ ପ୍ରତୀକ୍ଷା ଥିଲା । ଏହି ପରିସ୍ଥିତିରେ ଜାତିର ପିତା ମହାତ୍ମା ଗାନ୍ଧୀ ଅଗଷ୍ଟ ୮, ୧୯୪୨ରେ ବମ୍ବେର ଗୋୱାଲିଆ ଟାଙ୍କ ମଇଦାନରେ ଇଂରେଜ ମାନଙ୍କ ବିରୁଦ୍ଧରେ 'ଭାରତ ଛାଡ଼' ପ୍ରସ୍ତାବ ଆଣିଲେ ଏବଂ 'କର ବା ମର' ଡାକରା ଦେଲେ । ଏହି ଡାକରା ଭାରତୀୟ ମଧ୍ୟରେ ଉନ୍ମାଦନା ଓ ରୋମାଂଚ ଭରିଦେଲା । ଏହି ଡାକରା ଇଂରେଜ ଙ୍କୁ ବିରୋଧ ପାଇଁ ନ ଥିଲା । ଏହା ଥିଲା ଦେଶବାସୀ ଙ୍କ ଉଦ୍ଦେଶ୍ୟରେ ନିଜ ଦାୟିତ୍ୱ, ସତ୍ୟ, ସେବା,ଓ ସାହସ ପ୍ରତି ସମ୍ପୂର୍ଣ୍ଣ ସମର୍ପଣ ଭାବ ଜାଗ୍ରତ କରିବା । ଏଥିପାଇଁ ଇଂରେଜ ସରକାର ଙ୍କ ପକ୍ଷରୁ ଅତି ନିର୍ମମ କଠୋର ପଦକ୍ଷେପ ନିଆଗଲା । ଅଗଷ୍ଟ ୯ ତାରିଖ ସକାଳୁ ସକାଳୁ ଗାନ୍ଧୀଜୀ ଙ୍କ ସମେତ କଂଗ୍ରେସର ସମସ୍ତ ବରିଷ୍ଠ ନେତାଙ୍କୁ ବ୍ରିଟିଶ ସରକାର ଗିରଫ କରି ଲୋକଙ୍କ ଭିତରେ ଭୟର ବାତାବରଣ ସୃଷ୍ଟି କରିଦେଲେ । ଏହି ଗିରଫ ଦାରୀ ଘଟଣା ସମଗ୍ର ଦେଶରେ ବିଜୁଳି ବେଗରେ ବ୍ୟାପିଗଲା । ଚାରିଆଡ଼େ ଅର୍ଥାତ ଗାଁ ଠାରୁ ସହର ସବୁଠି ଦୀର୍ଘ ଦିନର ପୁଞ୍ଜିଭୂତ ସୁପ୍ତ ଅସନ୍ତୋଷ ଆନ୍ଦୋଳନର ରୂପନେଲା । ପ୍ରମୁଖ ନେତୃବୃନ୍ଦ ଙ୍କୁ ଗିରଫ ସତ୍ତ୍ୱେ ଆନ୍ଦୋଳନ ବିଦ୍ରୋହର ରୂପ ନେବାରେ କିଛି ଫରକ ପଡିଲାନି । ଆନ୍ଦୋଳନ ନେତୃତ୍ୱ ବିହୀନ ହୋଇଥିଲେ ମଧ୍ୟ ଲୋକେ ପଛକୁ ଫେରି ଚାହିଁ ନଥିଲେ । ଛାତ୍ର, ଯୁବକ, ଶ୍ରମିକ, ମହିଳା ଓ ଚାଷୀ ସମସ୍ତେ ସ୍ୱତଃସ୍ଫୂର୍ତ୍ତ ଭାବେ ରାଜ ରାସ୍ତାକୁ ଓହ୍ଲାଇଥିଲେ । ଏକତାର ବଳ ପ୍ରତିଫଳିତ ହେଲା ।ସାରା ଦେଶରେ ସରକାରୀ କାର୍ଯ୍ୟାଳୟ, ରେଳଷ୍ଟେସନ ଓ ଟେଲିଗ୍ରାଫ ଲାଇନ ଉପରେ ଆକ୍ରମଣ ହୋଇଥିଲା । ଚାରିଆଡ଼େ ଭଙ୍ଗାରୁଜା ପୋଡାଜଳା ବଢ଼ିଗଲା । ଏପରିକି ଲୋକେ ସାହସ ର ସହିତ ଥାନାରେ ପଶି



ଭଙ୍ଗାରୁଜା କରିବାକୁ ପଛାଇଲେ ନାହିଁ । ଅଗଷ୍ଟ ୯, ତାରିଖ ସକାଳେ ବାଲେଶ୍ୱର ଜିଲ୍ଲାରେ ୨୬ ଜଣଙ୍କୁ ଗିରଫ କରା ଯାଇଥିଲା । ସେମାନଙ୍କ ମଧ୍ୟରେ ଥିଲେ ସର୍ଦ୍ଦାର ସୁରେନ୍ଦ୍ର ଦାସ, କରୁଣାକର ପାଣିଗ୍ରାହୀ, ତ୍ରିଲୋଚନ ସେନାପତି, ଶଶି ଭଞ୍ଜ, ପ୍ୟାରୀମୋହନ ଦାସ । ଓଡ଼ିଶାର ଅନେକ ସ୍ଥାନରେ ଏପରିକି ତାଳଚେର, ଭଦ୍ରକ, ଓ ମାଲକାନାଗିରିରେ ଜୋରଦାର ଆନ୍ଦୋଳନ ହୋଇଥିଲା । ମାଲକାନଗିରିର ବୀର ଲକ୍ଷ୍ମଣ ନାୟକ ଫାଶୀ ବରଣ କରି ଓଡ଼ିଶାର ଗୌରବ ବଢ଼ାଇଥିଲେ । ସେ ଦିନର ଅଗଷ୍ଟ କ୍ରାନ୍ତି ଆନ୍ଦୋଳନ ର ପ୍ରଭାବ ରେ ତୁରନ୍ତ ସ୍ୱାଧୀନତା ଆସି ନଥିଲେ ମଧ୍ୟ ଏହା ପ୍ରମାଣ କରିଦେଲା ଯେ ଭାରତବାସୀ ଆଉ ପରାଧୀନ ରହିବାକୁ ଚାହୁଁ ନାହାନ୍ତି । ଏହି ଆନ୍ଦୋଳନ ପରେ ବ୍ରିଟିଶ ଙ୍କୁ ବୁଝାପଡ଼ିଲା ଯେ ଏବେ ଭାରତରେ ଶାସନ କରିବା ଆଉ ସମ୍ଭବପର ନୁହେଁ । ଆଜି ୮୩ ବର୍ଷ ପରେ ମଧ୍ୟ 'କର ବା ମର' ର ଚେତନା ଆମକୁ ଦେଶସେବା ଓ ସତ୍ୟର ପଥରେ ଚାଲିବାକୁ ପ୍ରେରଣା ଦେଉଛି । ଭାରତ ଛାଡ଼ ଆନ୍ଦୋଳନ ବ୍ରିଟିଶ ଶାସନକୁ ବୁଝାଇ ଦେଲା ଭାରତ ବାସି ଆଉ ଶାସିତ ହେବାକୁ ରାଜି ନୁହନ୍ତି । ଏହାର ପ୍ରଭାବରେ ୧୯୪୫ ମସିହା ସେହି ସଂଗ୍ରାମ ର ପ୍ରତିଫଳନ ଅଗଷ୍ଟ ମାସ ୧୫ ରେ ପ୍ରତିଫଳିତ ହେଲା ।ଆମ କୁ ସ୍ୱାଧୀନତା ଦେଇ ଇଂରେଜ ମାନେ ଦେଶ ଛାଡି ଚାଲିଗଲେ । ଆମେ ଆମ ଦେଶର ଶାସନ ଭାର ଗ୍ରହଣ କଲେ । ହେଲେ ଆଜି ଆମେ କେଉଁଠି ଅଛନ୍ତି।। ଯେଉଁ ଆଶା ଭରସା ଓ ବିଶ୍ୱାସ ରଖି ସ୍ୱାଧୀନ ଭାରତବର୍ଷର ରୂପରେଖ ପ୍ରସ୍ତୁତ ହୋଇଥିଲା ତାହା ଆଜି ପାଳନ କରୁଛନ୍ତି କି । ଇଂରେଜ ସରକାର ଙ୍କୁ ଭାରତ ଛାଡ଼ିବାକୁ କର ବା ମର ପାଇଁ ସେଦିନର ଡାକରା ଆଜି ଦିନର ଘଟଣା ପୁଣି ଥରେ ମନେ ପକାଇ ଦେଇଛି ସେଦିନର କର ବା ମର ବା ଭାରତ ଛାଡ ଆନ୍ଦୋଳନର ସ୍ମୃତି । ଆସନ୍ତୁ ଆମେ ସମସ୍ତେ ଆତ୍ମ ସମୀକ୍ଷା କରିବା ସେ ଦିନ ଓ ଆଜିର ଦିନ ମଧ୍ୟରେ କିଛି ପ୍ରଭେଦ ବା ପାର୍ଥକ ଅଛି କି । 'କର ବା ମର' - ଏହି ଦୁଇଟି ଶବ୍ଦ ଆଜି ବି ଶରୀରେ ଶିହରଣ ଆଣେ ।ତେଣୁ ଆଜିର ଦିନରେ ଆତ୍ମ ସମୀକ୍ଷା କରିବା ଜରୁରୀ । ସେଦିନ ସେମାନେ ବାହାର ଶତ୍ରୁ ବିରୁଦ୍ଧରେ ଲଢୁଥିଲେ । ଆଜି ଆମ ଲଢେଇ ମାନସିକ ଦୁର୍ବଳତା ଓ ସ୍ୱାର୍ଥପରତା ବିରୁଦ୍ଧରେ ନୁହେଁ କି । ଏହି କ୍ଷଣିକ ମୋହ ଓ ଉନ୍ମାଦନା ରେ କେହି ବଶବର୍ତ୍ତୀ ନ ହୋଇ ଆସନ୍ତୁ ଆମେ ସମସ୍ତେ ଏକ ମନ ଏକ ପ୍ରାଣରେ ଦେଶ ଆମର ଆମେ ତାର ସାମଗ୍ରିକ ବିକାଶ ପାଇଁ ଚିନ୍ତା କରିବା ।

*ବରିଷ୍ଠ ସାମ୍ବାଦିକ, ସଭାପତି*
*ଓଡ଼ିଶା ସାମ୍ବାଦିକ ୟୁନିଅନ*
*ବାଲେଶ୍ୱର ଜିଲ୍ଲା ଶାଖା*

## ଅଗଷ୍ଟ କ୍ରାନ୍ତି ଓ ସ୍ୱାଧୀନତାର ଅନୁଚିନ୍ତା

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆଜି ଅଗଷ୍ଟ କ୍ରାନ୍ତି ଦିବସ । ୧୯୪୨ ଅଗଷ୍ଟ ୯ ତାରିଖରେ ଦେଶକୁ ବ୍ରିଟିଶ ଶାସନ ମୁକ୍ତ କରିବା ପାଇଁ ଶେଷ ପର୍ଯ୍ୟାୟର ଆନ୍ଦୋଳନ ମୁମ୍ବାଇରୁ ଆରମ୍ଭ ହୋଇଥିଲା । ସମସ୍ତ ପ୍ରମୁଖ କଂଗ୍ରେସ ନେତାଙ୍କୁ ପୂର୍ବରୁ ଗିରଫ କରିନିଆଯାଇଥିବାରୁ ଅରୁଣା ଆସଫ୍ ଅଲ୍ଲୀ ମୁମ୍ବାଇର ଗୱାଲିୟା ଟ୍ୟାଙ୍କ ମଇଦାନ ରେ ପତାକା ଉଡ଼ାଇ, ଏହି ଆନ୍ଦୋଳନ ପାଇଁ ଶଙ୍ଖ ଧ୍ୱନି ଦେଇଥିଲେ । ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ବ୍ରିଟିଶ ପକ୍ଷକୁ ସମର୍ଥନ ସତ୍ତ୍ୱେ, ଯୁଦ୍ଧ ପରେ



ଭାରତକୁ ସ୍ୱତନ୍ତ୍ରତା ଦେବା ପାଇଁ ଇଂରେଜମାନେ ଟାଳଟୁଳ ନୀତି ଅବଲମ୍ବନ କରିଥିଲେ । ଏହା ବିରୋଧରେ ବିଶାଳ ଜନ ଆନ୍ଦୋଳନ ଭାରତ ଛାଡ଼ ଆନ୍ଦୋଳନ ଲାଗି ୪ ଜୁଲାଇ ୧୯୪୨ ମସିହାରେ ନିଷ୍ପତି ନିଆଯାଇ ଥିଲା । ସେତେବେଳେ ଏହି ପ୍ରସଙ୍ଗରେ ଭାରତୀୟ ରାଷ୍ଟ୍ରୀୟ କଂଗ୍ରେସରେ ମତଭେଦ ହୋଇ ଥିଲା । ମହାତ୍ମା ଗାନ୍ଧିଙ୍କ ଆନ୍ଦୋଳନ ଡାକରାକୁ ଗ୍ରହଣ ନକରି ଚକ୍ରବର୍ତ୍ତୀ ରାଜଗୋପାଳଚାରୀ ଦଳ ଛାଡ଼ି ଥିଲେ । ହିନ୍ଦୁ ମହାସଭା, ମୁସଲିମ ଲିଗ୍, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ମଧ୍ୟ ସମର୍ଥନ ଦେଇ ନଥିଲେ । ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଗାନ୍ଧିଙ୍କ ଡାକରାକୁ ବିପୁଳ ଜନ ସମର୍ଥନ ମିଳିଥିଲା । ଦେଶବାସୀଙ୍କୁ ଗାନ୍ଧିଙ୍କ ଐତିହାସିକ ଆହ୍ୱାନ ଥିଲା କର ବା ମର । ତାଙ୍କ ଦ୍ୱାରା ଆବାଳ-ବୃଦ୍ଧ-ବନିତା ଅନୁପ୍ରାଣୀତ ହୋଇ ଆନ୍ଦୋଳନରେ ସାମିଲ ହୋଇ ଥିଲେ । ଉତର ପ୍ରଦେଶ, ବିହାର, ବଙ୍ଗ, ବମ୍ବେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ ଆଦି ରାଜ୍ୟରେ ଆନ୍ଦୋଳନର ପ୍ରକୋପ ନିଆଁ ଭଳି ବ୍ୟାପିଥିଲା । ବାଲିଆ, ତମଲୁକ, ସାତାରା, ଧାରୱାଡ଼, ବାଲେଶ୍ୱର, ତାଳଚେର ଆଦି ସ୍ଥାନରେ ଏହି ଆନ୍ଦୋଳନର ପ୍ରଭାବ ଅଧିକ ଅନୁଭୂତ ହୋଇଥିଲା । ରେଳ ଷ୍ଟେସନ, ପୁଲିସ୍ ଷ୍ଟେସନ, କୋର୍ଟ କଚେରୀ ଆଦିରେ ବ୍ୟାପକ ଭଙ୍ଗାରୁଜା ହୋଇଥିଲା । ଟେଲିଗ୍ରାଫ୍ ଓ ରେଳ ଧାରଣା ଉପୁଡ଼ା ଯାଇଥିଲା । ଏହି ଆନ୍ଦୋଳନ ବ୍ରିଟିଶ ସରକାରକୁ ମୂଳରୁ ଅଗ ପର୍ଯ୍ୟନ୍ତ ଦୋହଲାଇ ଦେଇଥିଲା । ଶେଷରେ ଭାରତ ଛାଡ଼ିବା ପାଇଁ ଇଂରେଜ ସରକାର ଚିନ୍ତା କରିଥିଲା । ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନ ଆମ ଦେଶର ସ୍ୱାଧୀନତା ଇତିହାସରେ ଏକ ଅଲିଭା ଅଧ୍ୟାୟ । 'ଗଣ' ଦୁର୍ବଳ ହେବା ଯୋଗୁଁ 'ତନ୍ତ୍ର' ବିପର୍ଯ୍ୟୟ ହୋଇପଡ଼ିଛି । ପରିସଂଖ୍ୟାନ୍‌ର ଭେଳିକିରେ ସଫଳତା ଆକଳନ ଚାଲିଛି । କିନ୍ତୁ ବାସ୍ତବତା ଠାରୁ ସଭିଏଁ ଦୂରେଇଛେ । ସତେଯେମିତି ସରକାରଙ୍କ ଠାରୁ ଜନତାଙ୍କ ପର୍ଯ୍ୟନ୍ତ ସମସ୍ତେ ବାସ୍ତବତାକୁ ସାମ୍ନା କରିବାକୁ ଡରୁଛେ । ଆମ ଛାଇ ଏବେ ଆମକୁ ଡରାଇଲାଣି । କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, ବିଜ୍ଞାନ, ଶିଳ୍ପ, ପ୍ରତିରକ୍ଷା ଆଦି ବିଭିନ୍ନ କ୍ଷେତ୍ରରେ ଆମର ଗତି ଯେଭଳି ରହିବା କଥା ତାହା ହୋଇପାରିନି । ଭାରତ ଏକ କୃଷି ପ୍ରଧାନ ଦେଶ ଥିଲା । ଏବେ ଏଥିପ୍ରତି କାହାରି ଆଗ୍ରହ ନାହିଁ । ଭାଷଣ ଅଥବା ରଚନା ଭିତରେ ଏହା ସୀମିତ । କୃଷିପ୍ରତି ସରକାରୀ ପ୍ରୋତ୍ସାହନ କଥା ଛାଡ଼, ବ୍ୟକ୍ତିସ୍ତରରେ ମଧ୍ୟ ଆନ୍ତରିକତା ରହୁନି । ଦୁର୍ନୀତି, ଭ୍ରଷ୍ଟାଚାର ନେଇ ଆମେ ହୁରି ପକାଉଛେ । କିନ୍ତୁ ପ୍ରତିଟି କ୍ଷେତ୍ରରେ ଆମେ ଏହାକୁ ପ୍ରୋତ୍ସାହିତ କରି ଚାଲିଛେ । ସୂକ୍ଷ୍ମଦୃଷ୍ଟିରେ ବ୍ୟକ୍ତିସ୍ତରରୁ ଦୁର୍ନୀତି ନକରିବା ନିଷ୍ଠା ଆମ ଭିତରେ ସୃଷ୍ଟି ହୋଇପାରୁନି । ଅନ୍ନା ହଜାରେ ଓ ରାମଦେବଙ୍କ ଆନ୍ଦୋଳନ ରେ ସାମିଲ ହୋଇ ଦୁର୍ନୀତି ଦୂର ଲାଗି ଯେଉଁମାନେ ସଂକଳ୍ପ ନେଲେ ସେଥିରୁ କେତେଜଣ ପରବର୍ତ୍ତୀ ସମୟରେ ଏହି ସଂକଳ୍ପକୁ ନିଷ୍ଠାର ସହ ପାଳନ କରିଛନ୍ତି ? ଯଦି ପାଳନ କରିପାରୁନେ, ତେବେ ଦୁର୍ନୀତି ହୋଇଗଲା ବୋଲି କହିବା ଆକାଶକୁ ଛେପ ପକାଇବା ଭଳି । ସମାଜରେ ମହିଳା ବିରୋଧୀ ହିଂସାକୁ ନେଇ ଉପୁଜିଥିବା ସମ୍ବେଦନଶୀଳ ସମସ୍ୟା । ଦୈନିକ ହିଂସା, ନାରୀଧର୍ଷଣର ବୀଭତ୍ସ ଘଟଣା ଘଟୁଛି । ଏହାକୁ ରୋକିବା ଲାଗି ସରକାର, ପୁଲିସ ପ୍ରଶାସନ ଓ ନ୍ୟାୟପାଳିକା କଥା ଛାଡ଼, ବ୍ୟକ୍ତିସ୍ତରରେ ଆମେ କେତେ ପ୍ରସ୍ତୁତି କରିଛେ ? ସଦାଚାର, ଶିଷ୍ଟାଚାର ଓ ଆତ୍ମସଂଯମ ଶିକ୍ଷା ଓ ସଚେତନ ପରିବାର, ବିଦ୍ୟାଳୟ ଓ ଆମ ପରିବେଶରୁ ମିଳେ । ମାତ୍ର ଏସବୁ ଏବେ ବିଷାକ୍ତ ହୋଇପଡ଼ିଛି । ଅର୍ଥରୋଜଗାର ଓ ଆତ୍ମପ୍ରବ□ନାରେ ବୁଡ଼ିଥିବା ଅଧିକାଂଶ ପିତାମାତା ସମୟ ଅଭାବ ଦର୍ଶାଇ ପିଲାଟିକୁ 'ଆୟା' (ବେତନଭୋଗୀ ସହାୟିକା) ହାତରେ ଛାଡ଼ିବା ଆମ ପାରିବାରିକ ସଂସ୍କୃତିକୁ ବିପନ୍ନ କରିଛି । ବଳାତ୍କାର ଜନିତ ହତ୍ୟାକାଣ୍ଡର ରାଜନୈତିକ ରୂପ ଦିଆଯାଉଛି । ରାଜରାସ୍ତାରେ ଘଟଣାକୁ ବିରୋଧକରି ବୁଦ୍ଧିଜୀବୀ ଠାରୁ ଯୁବଗୋଷ୍ଠୀଙ୍କ ପର୍ଯ୍ୟନ୍ତ ହଙ୍ଗାମା କରୁଛନ୍ତି । କିନ୍ତୁ ଏହି ସାମାଜିକ ବିଲକ୍ଷଣକୁ ଦର କରିବା ପରିବର୍ତ୍ତେ ସେହି ଭିଡ଼ ଭିତରୁ ଗୋଟିଏ ମୁହଁ ପୁଣି ଏଭଳି ଅସାମାଜିକ, ବର୍ବରୋଚିତକାଣ୍ଡ କିଭଳି ଘଟାଉଛି ? ଏଥିରୁ ସ୍ପଷ୍ଟ ଆମେ ଆନ୍ଦୋଳନର ପ୍ରକୃତ ସ୍ୱରୂପକୁ ବୁଝିବାରେ ବିଫଳ ହୋଇଛେ କିମ୍ବା ନିଜ ପ୍ରତି ପ୍ରତାରଣା କରିଚାଲିଛେ । ଭାରତର ସ୍ୱାଧୀନତା ଆନ୍ଦୋଳନ ପଶ୍ଚାତରେ ଋଷି ପ୍ରତିମ ମହାଯୋଗୀ ଶ୍ରୀଅରବିନ୍ଦ ଓ ଯୁଗପୁରୁଷୋତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅବଦାନ ଅବିସ୍ମରଣୀୟ । ବ୍ୟକ୍ତିଗତ ଯୋଗ ଓ ଧ୍ୟାନ ମାଧ୍ୟମରେ ଭାରତର ସ୍ୱାଧୀନତାକୁ ସେମାନେ ଆହ୍ୱାନ କରିଥିଲେ । ଅବିଭକ୍ତ ଭାରତବର୍ଷ (ବର୍ତମାନ ବାଙ୍ଗଲାଦେଶ) ର ଏକ ଅଖ୍ୟାତ ପଲ୍ଲୀ ହିମାୟିତପୁରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଧର୍ମ ଆନ୍ଦୋଳନ ଏହି ସ୍ୱାଧୀନତା ଆନ୍ଦୋଳନର ଅନୁପୂରକ ଥିଲା । ମହାନ ଭାରତୀୟ ସନ୍ଥ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ - 'ଉଠ, ନିର୍ଭୀକ ହୁଅ, କର୍ତବ୍ୟରେ ଦୃଢ଼ ରୁହ । ନିଜ କାନ୍ଧରେ ସବୁ ଦାୟିତ୍ୱକୁ ବୋହିବାର ସାମର୍ଥ୍ୟ ରଖ ।' ଏହି ଚିନ୍ତା ପ୍ରତିଟି ଭାରତୀୟ ଜୀବନରେ ଭରୁ ଦେଶପ୍ରୀତି, ଦେଶପ୍ରେମ ଓ 'ବସୁଧୈବକୁଟୁମ୍ବକମ୍'ର ଭାବନା । ନକାରାତ୍ମକ ସମାଲୋଚନା ଛାଡ଼ି ସକାରାତ୍ମକ ମନୋଭାବ ଆସୁ । ବ୍ୟକ୍ତିସ୍ତରରୁ ନିଜେ ନିଜକୁ ସଜାଡ଼ିଲେ ଅବସ୍ଥା ସୁଧରିବାକୁ ବେଶୀ ସମୟ ଲାଗିବନି ଆମେ କଂଗ୍ରେସମୁକ୍ତ ଭାରତ ଚାହୁଁ ନାହୁଁ କିମ୍ବା ସଂଘମୁକ୍ତ ଭାରତ ମଧ୍ୟ ଆମର ଚାହିଦା ନୁହେଁ, ଆମେ ଚାହୁଁ ସମ୍ପ୍ରଦାୟ ମୁକ୍ତ ଭାରତ ଓ ସଂଚାର ଅଧୀନ ଭାରତ । ଏହା ହିଁ ସ୍ୱାଧୀନତା ଦିବସରେ ଅନୁଚିନ୍ତା ।

*ସହ-ପ୍ରତିରଦ୍ଧିକ, ବିଭାଗୀୟ ମୁଖ୍ୟ ହେପାଟୋଲୋଜି ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*

## ଅଗଷ୍ଟ ୯ କ୍ରାନ୍ତି ଦିବସ : ଓଡ଼ିଶାର ସ୍ୱାଧୀନତା ସଂଗ୍ରାମ ଏବଂ ଅବିସ୍ମରଣୀୟ ଅଗଷ୍ଟ ଆନ୍ଦୋଳନର ଗାଥା

ଭାରତୀୟ ସ୍ୱାଧୀନତା ସଂଗ୍ରାମର ସବୁଠାରୁ ପ୍ରଭାବଶାଳୀ ଏବଂ ନିର୍ଣ୍ଣାୟକ ଅଧ୍ୟାୟ ଅଗଷ୍ଟ ୯ କ୍ରାନ୍ତି ଦିବସ, ଯାହାକୁ ଆମେ ଭାରତ ଛାଡ ଆନ୍ଦୋଳନ ବା ଅଗଷ୍ଟ ଆନ୍ଦୋଳନ ଭାବେ ମଧ୍ୟ ଗ୍ରହଣ କରିଥାଉ ଏବଂ ଯେଉଁ ଇତିହାସ କେବଳ କେତୋଟି ତାରିଖ କିମ୍ବା ଘଟଣାର ସମାହାର ନୁହେଁ ବରଂ ଏହା ଦେଶବାସୀଙ୍କ ମନରେ ଏକ ନୂତନ ପ୍ରାଣପ୍ରତିଷ୍ଠା ଏବଂ ସ୍ୱାଧୀନତାର ଅଦମ୍ୟ ଇଚ୍ଛାଶକ୍ତିର ଜ୍ୱଳନ୍ତ ପ୍ରତିଫଳନ ଅଟେ ଯାହା ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶର ଜନସାଧାରଣ ବ୍ରିଟିଶ ସାମ୍ରାଜ୍ୟବାଦର ମୂଳୋତ୍ପାଟନ ପାଇଁ ଏକତ୍ରିତ ହୋଇଥିଲେ ଏବଂ ମୁମ୍ବାଇର ଗୋୱାଲିଆ ଟାଙ୍କ ମଇଦାନ ଯାହାକୁ ଆଜି ଅଗଷ୍ଟ କ୍ରାନ୍ତି ମଇଦାନ ଭାବେ ନାମିତ କରାଯାଇଛି ସେଠାରୁ ଯେଉଁ ବିପ୍ଳବର ସୂତ୍ରପାତ ହୋଇଥିଲା ତାହା ଭାରତୀୟ ଇତିହାସର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେବାରେ ସଫଳ ହୋଇଥିଲା ଏବଂ ଆଜି ଯେତେବେଳେ ଆମେ ଏହି ମହାନ ଦିବସକୁ ସ୍ମରଣ କରୁଛୁ, ସେତେବେଳେ ଆମକୁ ସେହି ସମୟର ପରିସ୍ଥିତି, ସଂଗ୍ରାମୀମାନଙ୍କର ତ୍ୟାଗ, ବଳିଦାନ ଏବଂ ସେମାନଙ୍କ ଦ୍ୱାରା ପ୍ରଦର୍ଶିତ ଅସାଧାରଣ ସାହସକୁ ଗଭୀର ଭାବରେ ଅନୁଧ୍ୟାନ କରିବାକୁ ପଡିବ ଯାହାଦ୍ୱାରା ଆମର ଆଜିର ଏବଂ ଆଗାମୀ ଯୁବପିଢୀ ଦେଶପ୍ରେମର ପ୍ରକୃତ ଅର୍ଥ ଏବଂ ମୂଲ୍ୟ ବୁଝିପାରିବେ କାରଣ ୧୯୪୨ ମସିହାର ଅଗଷ୍ଟ ମାସରେ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର କଳାବାଦଲ ସମଗ୍ର ବିଶ୍ୱକୁ ଆଚ୍ଛାଦିତ କରିଥିଲା ଏବଂ ବ୍ରିଟିଶ ସରକାର ଭାରତୀୟମାନଙ୍କ ସହଯୋଗ ବିନା ଯୁଦ୍ଧରେ ବିଜୟୀ ହେବାକୁ ଅସମର୍ଥ ଥିଲେ, ସେହି ସମୟରେ କ୍ରୀପ୍ସ ମିଶନର ବିଫଳତା ଭାରତୀୟ ଜନତାଙ୍କ ମଧ୍ୟରେ ବ୍ରିଟିଶ ଶାସନ ପ୍ରତି ରହିଥିବା ସମସ୍ତ ଭ୍ରମ ଓ ଆଶାକୁ ଧ୍ୱଂସ କରିଦେଇଥିଲା ଏବଂ ପୃଷ୍ଠଭୂମିରେ ମହାତ୍ମା ଗାନ୍ଧୀ ବୁଝିସାରିଥିଲେ ଯେ ବ୍ରିଟିଶମାନଙ୍କ ସହିତ ଆଉ କୌଣସି ଆପୋଷ ବୁଝାମଣା କିମ୍ବା ଦାୟୀ ଶାସନର ପ୍ରତିଶ୍ରୁତିରେ ଭାରତୀୟମାନେ ଆଉ ସନ୍ତୁଷ ହେବେ ନାହିଁ, ବରଂ ବ୍ରିଟିଶମାନଙ୍କୁ ଭାରତରୁ ସମ୍ପୂର୍ଣ୍ଣ ଏବଂ ତୁରନ୍ତ ବିଦାୟ ନେବାକୁ ପଡିବ ଯାହାଫଳରେ ଅଗଷ୍ଟ ୮ ତାରିଖ ଦିନ ଅଲ ଇଣ୍ଡିଆ କଂଗ୍ରେସ କମିଟିର ବମ୍ବେ ଅଧିବେଶନରେ 'ଭାରତ ଛାଡ' ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ସେହି ଐତିହାସିକ ଭାଷଣରେ ମହାତ୍ମାଗାନ୍ଧୀ ଦେଶବାସୀଙ୍କୁ ଏକ ଅମର ମନ୍ତ୍ର ପ୍ରଦାନ କରିଥିଲେ ଯାହାକୁ ଆମେ 'କରୋ ୟା ମରୋ' ବା 'କର ବା ମର' ବୋଲି ଜାଣୁ ଏବଂ ଏହି ମନ୍ତ୍ର କେବଳ ଏକ ସ୍ଲୋଗାନ୍ ନଥିଲା ବରଂ ଏହାଥିଲା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ଜଳିଉଠିଥିବା ସ୍ୱାଧୀନତାର ଏକ ଅନିର୍ବାଣ ଶିଖା ଯାହା ବ୍ରିଟିଶ ସାମ୍ରାଜ୍ୟର ମୂଳଦୁଆକୁ ଥରହର କରାଇଦେଇଥିଲା ଏବଂ ଯେଉଁଥିପାଇଁ ବ୍ରିଟିଶ ପ୍ରଶାସନ ଏତେ ମାତ୍ରାରେ ଭୟଭୀତ ହୋଇପଡିଥିଲା ଯେ ଆନ୍ଦୋଳନ ଆରମ୍ଭ ହେବା ପୂର୍ବରୁ କିମ୍ବା ଠିକ୍ ପରବର୍ତ୍ତୀ ସକାଳେ ଅର୍ଥାତ୍ ଅଗଷ୍ଟ ୯ ତାରିଖ ସକାଳସୁଦ୍ଧା ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ଅନ୍ୟାନ୍ୟ ପ୍ରମୁଖ ଜାତୀୟ ନେତାମାନଙ୍କୁ ଗିରଫ କରି ଅଜ୍ଞାନ ସ୍ଥାନକୁ ପଠାଇ ଦିଆଯାଇଥିଲା କିନ୍ତୁ ସବୁଠାରୁ ବଡ କଥା ଏହା ଯେ ଶୀର୍ଷ ନେତାମାନଙ୍କୁ ବନ୍ଦୀ କରିବା ପରେ ମଧ୍ୟ ଏହି ଆନ୍ଦୋଳନ ଦବିଯାଇନଥିଲା ବରଂ ଏହା ଦେଶର କୋଣେ କୋଣର ସ୍ୱତଃପୂର୍ତ୍ତ ଭାବେ ଜ୍ୱଳନ୍ତ ରୂପନେଇଥିଲା କାରଣ ଏହା ଏକ ଏପରି ଆନ୍ଦୋଳନ ଥିଲା ଯାହାର କୌଣସି ଜଣ କୋଟି ନିର୍ଦ୍ଦିଷ୍ଟ ନେତୃତ୍ୱ ନଥିଲା, ବରଂ ଦେଶର ସାଧାରଣ ଜନତା, ଛାତ୍ରସମାଜ, ଶ୍ରମିକ, କୃଷକ ଏବଂ ନାରୀସମାଜ ନିଜେ ନିଜେ ନିଜର ନେତା ପାଲଟିଯାଇଥିଲେ ଏବଂ ଜୟପୟକାଶ ନାରାୟଣ, ଡାକ୍ତର ରାମମୋହନ ଲୋହିଆ, ଅରୁଣା ଆସଫ ଅଲି ଏବଂ ଉଷା ମେହେଟାଙ୍କ ଭଳି ଯୁବ ଓ ସାହସୀ ନେତୃବୃନ୍ଦ ଭୂତଳ କାର୍ଯ୍ୟକଳାପ ଏବଂ ଗୁପ୍ତ ରେଡିଓ ପ୍ରସାରଣ ମାଧ୍ୟମରେ ଆନ୍ଦୋଳନକୁ ଜୀବନ୍ତ ରଖିଥିଲେ ଯାହାକି ବ୍ରିଟିଶ ସରକାରଙ୍କ ଦମନଲୀଳାକୁ ମଧ୍ୟ ପରାସ୍ତ କରିବାରେ ସମର୍ଥ ହୋଇଥିଲା ଏବଂ ଏହି ଅବସରରେ ଭାରତୀୟ ନାରୀମାନଙ୍କ ଅବଦାନ ଅତୁଳନୀୟ ଥିଲା । ଯେଉଁମାନେ ପତାକା ଉତୋଳନ କରିବା ସହ ପୁଲିସର ଲାଠି ଓ ଗୁଳିକୁ ଖାତିର ନକରି ସମ୍ମୁଖ ସମରାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲେ ଏବଂ ମାତଙ୍ଗିନୀ ହାଜରା, କନକଲତା ବରୁଆଙ୍କ ଭଳି ଅନେକ ବିରାଙ୍ଗାନା ଦେଶ ପାଇଁ ନିଜର ପ୍ରାଣବଳୀ ଦେଇ ଅମର ହୋଇଯାଇଥିଲେ ଏବଂ ଓଡିଶାର ଭୂମିକା ମଧ୍ୟ ଏହି ସଂଗ୍ରାମର ଅତ୍ୟନ୍ତ ଗୌରବଜ୍ଜ୍ୱଳ ଥିଲା ଯେଉଁଠାରେ ଇରମ ରକ୍ତକ୍ଷୟୀ ହତ୍ୟାକାଣ୍ଡ ଏବଂ କୋରାପୁଟ, ବାଲେଶ୍ୱର, ଜଗତସିଂହପୁର ଆଦି ଅଂଚଳରେ ପ୍ରଜାମଣ୍ଡଳ ଓ ସ୍ୱାଧୀନତା ସଂଗ୍ରାମୀମାନେ ବ୍ରିଟିଶ ଶାସନର ମୂଳୋତ୍ପାଟନ ପାଇଁ ପ୍ରାଣପଣେ ଉଦ୍ୟମ କରିଥିଲେ । ଯାହା ଫଳରେ ଇଂରେଜ ସରକାର ବୁଝିସାରିଥିଲେ ଯେ ଆଉ ଦୀର୍ଘ ଦିନ ଧରି ଭାରତକୁ ବଳପୂର୍ବକ ଶାସନ କରିବା ସେମାନଙ୍କ ପକ୍ଷେ ଅସମ୍ଭବ ହୋଇପଡିବ ଏବଂ ଯଦିଓ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ବ୍ରିଟିଶ ସରକାର ଅତିକ୍ରୂର ପଦକ୍ଷେପ ଗ୍ରହଣ କରିଥିଲେ, ହଜାର ହଜାର ନିରୀହ ଲୋକଙ୍କୁ ଜେଲଖାନାରେ ନିର୍ଯ୍ୟାତନା ଦିଆଯାଇଥିଲା ଏବଂ ଅନେକ ଦେଶପ୍ରେମୀ ଶହୀଦ ହୋଇଥିଲେ, ତଥାପି ଏହି ଅଗଷ୍ଟ କ୍ରାନ୍ତି ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଶେଷ ଏବଂ ସବୁଠାରୁ ଶକ୍ତିଶାଳୀ ମାଇଲଖୁଂଟ ସାଧିତ କରିଥିଲା ଯାହାର ପରିଣାମସ୍ୱରୂପ ମାତ୍ର ପାଂଚ ବର୍ଷ ଅବଧିରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତ ବ୍ରିଟିଶ ଶାସନର ଶୃଙ୍ଖଳରୁ ମୁକ୍ତ ହୋଇ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ବିଶ୍ୱମାନଚିତ୍ରରେ ଆତ୍ମପ୍ରକାଶ କରିଥିଲା ଏବଂ ଆଜି ଯେତେବେଳେ ଆମେ ଏକ ସ୍ୱାଧୀନ ଦେଶର ନାଗରିକ ଭାବେ ଜୀବନଯାପନ କରୁଛୁ, ସେତେବେଳେ ଆମର ଏହା ପବିତ୍ର କର୍ତବ୍ୟ ହେଉଛି ସେହି ମହାନ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ଏବଂ ସେମାନଙ୍କର ତ୍ୟାଗ ଓ ବଳିଦାନକୁ ମନେରଖି ଦେଶର ଏକତା, ଅଖଣ୍ଡତା ଏବଂ ସାର୍ବଭୌମତ୍ୱକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜକୁ ଉତ୍ସର୍ଗ କରିବା କାରଣ ସ୍ୱାଧୀନତା କେବଳ ଏକ ଅଧିକାର ନୁହେଁ ବରଂ ଏହା ଏକ ଗୁରୁଦାୟିତ୍ୱ ଅଟେ ଯାହାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ପିଢିକୁ ସଚେତନ ଏବଂ ପ୍ରସ୍ତୁତ ରହିବାକୁ ପଡିବ ଏବଂ ଆଜିର ଏହି ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଆମେ ସମସ୍ତେ ଏହି ଶପଥ ନେବାକୁ ହେବ ଯେ ଆମେ ଦେଶର ବିକାଶ, ସାମାଜିକ ଉନ୍ନତି, ଏବଂ ଗଣତନ୍ତ୍ରର ମୂଳଭିତିକ ଅଧିକ ଦୃଢ କରିବା ଦିଗରେ ନିଜର ଶ୍ରେଷ୍ଠ ଅବଦାନ ଦେବୁ ଏବଂ ସଂଗ୍ରାମୀମାନଙ୍କର ସ୍ୱପ୍ନର ଏକ ସୁନ୍ଦର, ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ଭାରତବର୍ଷ ଗଠନ କରିବୁ ଯାହା ଦ୍ୱାରା ଆମର ଆଗାମୀ ବଂଶଧରମାନେ ଏକ ଗର୍ବିତ ଏବଂ ସମ୍ମାନଜନକ ଜୀବନ ଅତିବାହିତ କରିପାରିବେ ଏବଂ ଏହି ସମ୍ପାଦକୀୟ ଜରିଆରେ ଆମେ ଆମର ସମସ୍ତ ପାଠକମାନଙ୍କୁ ଏହାହିଁ ଆହ୍ୱାନ କରୁଛୁ ଯେ ଆସନ୍ତୁ ଆଜିର ଏହି ପବିତ୍ର ଦିନରେ ଦେଶପ୍ରେମର ସେହି ଅଗ୍ନିକୁ ପୁନର୍ବାର ପ୍ରଜ୍ୱଳିତ କରିବା ଏବଂ ଦେଶର ସେବାରେ ନିଜକୁ ନିୟୋଜିତ କରିବା । ଓଡିଶାର ସ୍ୱାଧୀନତା ସଂଗ୍ରାମ ଇତିହାସରେ 'ଅଗଷ୍ଟ କ୍ରାନ୍ତି ବା ଭାରତ ଛାଡ ଆନ୍ଦୋଳନ'ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅବିସ୍ମରଣୀୟ କାରଣ ଏହି ଆନ୍ଦୋଳନ ଓଡିଶାର କୋଣ ଅନୁକୋଣରେ ଏକ ନୂତନ ଜାତୀୟତାବାଦୀ ଚେତନା ସୃଷ୍ଟି କରିଥିଲା ଏବଂ ଓଡିଶାରେ ଏହି ଆନ୍ଦୋଳନର ବିଶେଷତ୍ୱ ଓ ଗୁରୁତ୍ୱକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ମହାତ୍ମା ଗାନ୍ଧୀଙ୍କ 'କର ବା ମର' ଆହ୍ୱାନ ଓଡିଶାର ଶିକ୍ଷିତ ଯୁବକ, ଛାତ୍ର, କୃଷକ ଏବଂ ଆଦିବାସୀଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥିଲା ଯେଉଁଠାରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ଭଳି ଜିଲ୍ଲାରେ ଛାତ୍ରମାନେ ଶୋଭାଯାତ୍ରା, ସଭାସମିତି ଏବଂ ସରକାରୀ ଶିକ୍ଷାନୁଷ୍ଠାନ ବର୍ଜନ କରି ଏହି ଆନ୍ଦୋଳନକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ ଏବଂ ଓଡିଶାର ପ୍ରମୁଖ ନେତା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଏବଂ ମାଳତୀ ଚୌଧୁରୀଙ୍କ ଭଳି ବ୍ୟକ୍ତିବିଶେଷଙ୍କ ପ୍ରେରଣାରେ ଆନ୍ଦୋଳନ ଆଗେଇଥିଲା ଏବଂ ଯଦିଓ ବ୍ରିଟିଶ ସରକାର ଅନେକ ପ୍ରମୁଖ ନେତାଙ୍କୁ ଗିରଫ କରି ନେଇଥିଲେ, ତଥାପି ସାଧାରଣ ଜନତା ଏବଂ ଗ୍ରାମୀଣ ସ୍ତରର କର୍ମୀମାନେ ନିଜସ୍ୱ ଉଦ୍ୟମରେ ବିପ୍ଳବକୁ ଜାରି ରଖିଥିଲେ ଯାହାଫଳରେ ଓଡିଶାରେ ଏହି ଆନ୍ଦୋଳନର ସବୁଠାରୁ ଲୋମହର୍ଷକାରୀ ଘଟଣା ଘଟିଥିଲା । ବାଲେଶ୍ୱର ଜିଲ୍ଲାର ଇରମ ହତ୍ୟାକାଣ୍ଡ ମାଧ୍ୟମରେ ଯାହାକୁ 'ଓଡିଶାର ଜଲିଆୱାନବାଗ' ବୋଲି କୁହାଯାଏ ଏବଂ ଯେଉଁଠାରେ ବ୍ରିଟିଶ ପୁଲିସର ନିର୍ବିଚାର ଗୁଳିଚାଳନାରେ ଅନେକ ଦେଶପ୍ରେମୀ ଶହୀଦ ହୋଇଥିଲେ ଏବଂ ଏହି ଘଟଣା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା ଏବଂ ଓଡିଆ ଜାତିର ସଂଗ୍ରାମୀ ମନୋଭାବକୁ ଦୁନିଆ ଆଗରେ ପ୍ରମାଣିତ କରିଥିଲା ଯେଉଁ ସମୟରେ ଓଡିଶାର ଆଦିବାସୀ ଅଂଚଳରେ ଲୋକମାନେ ନିଜର ପାରମ୍ପରିକ ଏକତା ମାଧ୍ୟମରେ ବ୍ରିଟିଶ ଶାସନ ବିରୋଧରେ ପ୍ରତିରୋଧ କରିଥିଲେ ଏବଂ ମହିଳାମାନେ ଘରୁ ବାହାରି ପିକେଟିଂ, ପ୍ରଚାର ଏବଂ ସଂଗୁପ୍ତ ସୂଚନା, ଆଦାନପ୍ରଦାନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଯୁଦ୍ଧାକଳୀନ ମୂଲ୍ୟବୃଦ୍ଧି, ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏବଂ ଜମିଜମା ସଂକ୍ରାନ୍ତୀୟ ସମସ୍ୟା ଯୋଗୁଁ ସାଧାରଣ ଜନତା ବ୍ରିଟିଶ ଶାସନ ପ୍ରତି ଅତ୍ୟନ୍ତ କ୍ଷୁବ୍ଧ ଥିଲେ ଯାହାକି ଅଗଷ୍ଟ କ୍ରାନ୍ତି ସମୟରେ ରାଜରାସ୍ତାକୁ ଓହ୍ଲାଇ ଆସିଥିଲା ଏବଂ ମୋଟାମୋଟି ଭାବେ କହିଲେ ଓଡିଶାରେ ଅଗଷ୍ଟ କ୍ରାନ୍ତି କେବଳ ଏକ ରାଜନୈତିକ ଘଟଣା ନଥିଲା ବରଂ ଏହାଥିଲା ବ୍ରିଟିଶ ଉପନିବେଶବାଦ ବିରୋଧରେ ଓଡିଆ ଜାତିର ଶେଷ ଏବଂ ସବୁଠାରୁ ଶକ୍ତିଶାଳୀ ସଂଗ୍ରାମ ଯାହା ଓଡିଶାର ମାନଚିତ୍ରରେ ସ୍ୱାଧୀନତାର ଏକ ଅମର ଗାଥା ରଚନା କରିଥିଲା । ଓଡିଶାର ସ୍ୱାଧୀନତା ସଂଗ୍ରାମ ଏବଂ ଜାତୀୟ ଇତିହାସରେ ଅଗଷ୍ଟ କ୍ରାନ୍ତି ବା ଭାରତ ଛାଡ ଆନ୍ଦୋଳନର ପ୍ରାସଙ୍ଗିକତା ଏବଂ ଅବଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ଏହା କେବଳ ବ୍ରିଟିଶ ଶାସନ ବିରୋଧର ଏକ ବିଦ୍ରୋହ ନଥିଲା ବରଂ ଏହାଥିଲା ଓଡିଆ ଜାତିର ଆତ୍ମସମ୍ମାନ, ସ୍ୱାଧୀନତା ଏବଂ ଏକତାର ଏକ ଜ୍ୱଳନ୍ତ ପ୍ରତିଫଳନ ଯାହା ଆଜିର ଆଧୁନିକ ସମାଜ ଏବଂ ଆଗାମୀ ଯୁବପିଢି ପାଇଁ ମାର୍ଗଦର୍ଶକ ସାଜିଛି ଏବଂ ଯଦି ଆମେ ଏହାର ପ୍ରାସଙ୍ଗିକତା ଓ ଅବଦାନକୁ ବିସ୍ତାରିତ ଭାବେ ବିଚାର କରିବା ତେବେ ଜାଣିବାକୁ ପାଇବ । ଏହି ଆନ୍ଦୋଳନ ଓଡିଶାରେ ଜାତୀୟତାବାଦର ଚେରକୁ ଅଧିକ ମଜଭୁତ କରିଥିଲା ଯେଉଁଠାରେ ସହରରୁ ଆରମ୍ଭ କରି ଗ୍ରାମାଚଂଳ ଓ ଦୁର୍ଗମ ଆଦିବାସୀ ଅଂଚଳ ପର୍ଯ୍ୟନ୍ତ ସମସ୍ତେ ଗାନ୍ଧୀଜୀଙ୍କ 'କର ବା ମର' ମନ୍ତ୍ରରେ ଦୀକ୍ଷିତ ହୋଇ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ସାମୂହିକ ପ୍ରତିରୋଧ ଗଢିତୋଳିଥିଲେ ଏବଂ ଏହାର ସବୁଠାରୁ ବଡ ଅବଦାନ ହେଉଛି ଇରମ ରକ୍ତତୀର୍ଥ ଭଳି ଘଟଣା ଯାହା ଓଡିଶାରେ ଇଂରେଜଙ୍କ ଅତ୍ୟାଚାରର ପରାକାଷ୍ଠାକୁ ପଦାରେ ପକାଇବା ସହିତ ଓଡିଆ ଜାତିର ପ୍ରାଣବଳି ଓ ତ୍ୟାଗର ମହାନ ଗାଥାକୁ ସମଗ୍ର ଦେଶ ଆଗରେ ପରିଚିତ କରାଇଥିଲା ଏବଂ ସେହିପରି ମହିଳାମାନଙ୍କ ଅଂଶଗ୍ରହଣ ଏହି ଆନ୍ଦୋଳନର ଏକ ଅନନ୍ୟ ଅବଦାନ ଥିଲା ଯେଉଁଠାରେ ରମାଦେବୀ, ମାଳତୀ ଚୌଧୁରୀ ଏବଂ ଅନ୍ୟାନ୍ୟ ନାରୀନେତ୍ରୀମାନେ ଘରୁ ବାହାରି ପିକେଟିଂ, ଶୋଭାଯାତ୍ରା ଏବଂ ସତ୍ୟାଗ୍ରହର ନେତୃତ୍ୱ ନେଇ ପ୍ରମାଣିତ କରିଥିଲେ ଯେ ସ୍ୱାଧୀନତା ସଂଗ୍ରାମରେ ନାରୀମାନେ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି ଏବଂ ଆଜିର ସମୟରେ ଏହାର ପ୍ରାସଙ୍ଗିକତା ଏହି କଥା ପାଇଁ ରହିଛି ଯେ ଯେତେବେଳେ ଦେଶ ମଧ୍ୟରେ ଗଣତନ୍ତ୍ର, ସମ୍ବିଧାନ ଏବଂ ସାମାଜିକଉନ୍ନତି କଥା ଆସେ, ସେତେବେଳେ ଆମକୁ ଏହି ସଂଗ୍ରାମୀମାନଙ୍କର ନିଃସ୍ୱାର୍ଥପର ତ୍ୟାଗକୁ ମନେରଖିବାକୁ ପଡିବ ଯାହା ଆମକୁ ଶିକ୍ଷା ଦିଏ ଯେ ସ୍ୱାଧୀନତା କେବଳ ଏକ ସହଜରେ ମିଳିଥିବା ଅଧିକାର ନୁହେଁ ବରଂ ଏହା ଏକ ଗୁରୁଦାୟିତ୍ୱ ଅଟେ ଯାହାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ନାଗରିକ ସଚେତନ ଓ ଦାୟିତ୍ୱବାନ ହେବା ଆବଶ୍ୟକ ଏବଂ ଆଜିର ଏହି ଅଗଷ୍ଟ କ୍ରାନ୍ତି ଦିବସର ପୃଷ୍ଠଭୂମିରେ ଓଡିଶାର ଅବଦାନ କେବଳ ଇତିହାସର ପୃଷ୍ଠାରେ ସୀମିତ ନାହିଁ ବରଂ ଏହା ଆମର ବର୍ତମାନ ଏବଂ ଭମିଷ୍ୟତର ବିକାଶମୁଖୀ ଯାତ୍ରା ପାଇଁ ଅଫୁରନ୍ତ ପ୍ରେରଣାର ଉତ୍ସ ହୋଇ ରହିଛି ।

◆ ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
*ସମ୍ମାନ ଭବନ,ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯*




# କାର୍ଯ୍ୟରତ ସାମ୍ବାଦିକଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୟାଗଡ଼(ନିପ୍ର): ନୟାଗଡ଼ ଜିଲ୍ଲାର ଆଠ ଗୋଟି ବ୍ଲକରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ନେଇ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ଜଣାଯାଇଛି । ନୟାଗଡ଼ ସହର ନୀଳମାଧବ ହୋଟେଲ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ଦେବୀ ପ୍ରସାଦ ମିଶ୍ର ଆୟୋଜନ କରିଥିବା ବେଳେ ଯୋଗଦେଇଥିବା ସମସ୍ତ ସାମ୍ବାଦିକ ମାନଙ୍କୁ ଉତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ସାମ୍ବାଦିକ ଶାନ୍ତି ଶେଖର ରଥଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏକ ସାଧାରଣ ଆଲୋଚନା କାର୍ଯ୍ୟକ୍ରମରେ ରାଜ୍ୟରେ କାର୍ଯ୍ୟରତ ସମସ୍ତ




ଗଣମାଧ୍ୟମ ପ୍ରତିନିଧି ମାନଙ୍କର ସମସ୍ୟା, ବୀମା ଯୋଜନା ଓ ସର୍ବୋପରି ସାମ୍ବାଦିକ ଏକତା ସଂପର୍କରେ ବରିଷ୍ଠ ସାମ୍ବାଦିକ ମାନେ ସୂଚନା ପ୍ରଦାନ କରିଥିଲେ । ରାଜ୍ୟରେ ସାମ୍ବାଦିକ ମାନଙ୍କୁ ନେଇ ବହୁ ସଂଖ୍ୟକ ସଂଘ ଗଢ଼ିଉଠିଥିବା ବେଳେ ସାମ୍ବାଦିକ ମାନଙ୍କର ସମସ୍ୟା ପ୍ରତି ସରକାର ଉଦାସୀନ ରହିବା ଯୋଗୁଁ ଏହି କାର୍ଯ୍ୟକ୍ରମରେ ସମସ୍ତେ ଉଦବେଗ ପ୍ରକାଶ କରିଥିଲେ । ନିଜେ ମୁଖ୍ୟମନ୍ତ୍ରୀ ସୂଚନା ଓ ଲୋକ ସମ୍ପର୍କ ବିଭାଗ ସମ୍ଭାଳୁଥିବା ସମୟରେ ଅନ୍ୟ ରାଜ୍ୟ ଗୁଡ଼ିକରେ ପେନସନ ଲାଗୁ କରା ଯାଇଥିବା ବେଳେ ଓଡ଼ିଶାରେ ଏହା ବିଳମ୍ବ କରାଯାଇଥିବା ଯୋଗୁଁ ସାମ୍ବାଦିକ ମାନଙ୍କ ମଧ୍ୟରେ ନୈରାଶ୍ୟ ଖେଳିଯାଇଛି । ରାଜ୍ୟର ସମସ୍ତ ସଂଘ ପକ୍ଷରୁ ପେନସନ, ସୁରକ୍ଷା ଓ ସ୍ୱୀକୃତି ପ୍ରଦାନ ପାଇଁ ବହୁବାର ଦାବି ଉପସ୍ଥାପନ କରାଯାଇଥିବା ବେଳେ ଏପର୍ଯ୍ୟନ୍ତ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରି ସମୟ ଗଡ଼ାଇ ଚାଲିଥିବା ଯୋଗୁଁ ଏହି କାର୍ଯ୍ୟକ୍ରମରେ ଉଦବେଗ ପ୍ରକାଶ ପାଇଥିଲା । ଫଳରେ ସମସ୍ତେ ଏକାଠି ହେବାର ସମୟ ଆସିଥିବା ଓ ସରକାରଙ୍କ ଉପରେ ଚାପ ପକାଇବା ପାଇଁ ପ୍ରସ୍ତାବ ରଖାଯାଇଥିଲା । ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସତ୍ୟ ମହାପାତ୍ର, ସୁଧାକର ମିଶ୍ର, ପୁରୁଷୋତମ ମହାପାତ୍ର, ଭଗବାନ ମହାପାତ୍ର, କୁନି ଫାତିମା ବେଗମଙ୍କ ସମେତ ୬୦ ଜଣରୁ ଉର୍ଦ୍ଧ୍ୱ ସାମ୍ବାଦିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଜଣାଯାଇଛି ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଭାବବିହ୍ୱଳ ବିଦାୟ ସମ୍ବର୍ଦ୍ଧନା

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚଲାନପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଆଜି ଏକ କ୍ଲଷ୍ଟର ସ୍ତରୀୟ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଦୀର୍ଘ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ସେବା କରି ଅବସର ଗ୍ରହଣ କରିଥିବା ଦୁଇ ଶିକ୍ଷାବିତଙ୍କୁ ଏହି ଅବସରେ ସମ୍ବର୍ଦ୍ଧିତ କରାଯାଇ ଥିଲା ।ଏହି କାର୍ଯ୍ୟକ୍ରମରେ ଖୁଦପେଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମହେନ୍ଦ୍ର କୁମାର ବାରିକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସିଆରସିସି ବିଶ୍ୱାମିତ୍ର ବନଛୋର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଖଡ଼ିଆଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ଦାଶ ଉପସ୍ଥିତ ଥିଲେ ।ଏହି ସଭାରେ ଅବସର ଗ୍ରହଣ କରିଥିବା ବିଆରସିସି ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟଦେବ ପଣ୍ଡା ଏବଂ ଖୁଦପେଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯୋଶୀ ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସଭାରେ ସ୍ୱତନ୍ତ୍ର ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପରମେଶ୍ୱର ବାରିକ, ସିଆରସିସି ଖଗେଶ୍ୱର ବାଗ, ସିଆରସିସି ଓମ ପ୍ରକାଶ ଦଣ୍ଡସେନା ପ୍ରମୁଖ ମଂଚାସୀନ ରହି ଅବସରପ୍ରାପ୍ତ ଶ୍ରୀ ପଣ୍ଡା ଓ ଶ୍ରୀମତୀ ଯୋଶୀଙ୍କ ଚାକିରି ଜୀବନର ଅବଦାନ ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଦେଇ ଯାଇଥିବା ଅବଦାନ ଉପରେ ଆଲୋଚନା କରିଥିଲେ । ବକ୍ତାମାନେ କହିଥିଲେ ଯେ, ଶ୍ରୀ ପଣ୍ଡା ଓ ଶ୍ରୀମତୀ ଯୋଶୀ ତାଙ୍କ କାର୍ଯ୍ୟ କାଳ ମଧ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୁଣାତ୍ମକ ଶିକ୍ଷା ବିସ୍ତାର ପାଇଁ ଯେଉଁ ଅବଦାନ ରଖିଛନ୍ତି ତାହା ସର୍ବଦା ସ୍ମରଣୀୟ ହୋଇ ରହିବ । ସଭା ଶେଷରେ ଉଭୟଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷକ ଅନୁଜ କୁମାର ସାହୁ ମଂଚ ପରିଚାଳନା କରିଥିବା ବେଳେ ସଭାପତିତ୍ୱ କରିଥିବା ମହେନ୍ଦ୍ର କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସର କାଳୀନ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷୟତ୍ରୀ ମିରା ପଣ୍ଡା, କୁମୁଦିନୀ ଯୋଶୀ, ହେମନ୍ତ କୁମାର ମାଝୀ, ସୁମନ୍ତ ସିଂ ପଣ୍ଡା, ବିମଲି ପଟେଲ, ତନୁଜା ଦଣ୍ଡସେନା, ଗୀତାଞ୍ଜଳି ଚଲାନ, ରଞ୍ଜିତା ବଉକ, ମମତା ଶବର, ମାଧୁରୀ ଶବର, ରାଜ ବିହାରୀ ଭୋଇ, ନିଲେନ୍ଦ୍ରୀ ନିଆଲ, ପୁଷ୍ପା ମଞ୍ଜରୀ ଦଳପତି, ସରିତା ବାରିକ, ନମିତା ବାରିକ, ସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ରାମକ୍ରିଷ୍ଣ ମିଶନ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ

କଟକ(ନିପ୍ର): ମାତାମଠ ସ୍ଥିତ ରାମକ୍ରିଷ୍ଣ ମିଶନ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ୮୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ଏହି ରକ୍ତଦାନ ଶିବିରରେ କଟକ ସେଂଟ୍ରାଲ ରେଡ୍ କ୍ରସର ୟୁନିଟ୍ ହେଡ ଡକ୍ଟର କନକ ଦେଇ , ଶ୍ରୀମତୀ ସସ୍ମିତା ପଟ୍ଟନାୟକ, ପ୍ରଶାନ୍ତ କୁମାର ଦାଶ ଏବଂ ବ୍ଲଡ ବ୍ୟାଙ୍କର ଷ୍ଟାଫ୍‌ଙ୍କ ସହିତ ସମ୍ପୂର୍ଣ୍ଣ ଟିମ୍ ସହଯୋଗ କରିଥିବାବେଳେ ଏହି ମହାନ କାର୍ଯ୍ୟକ୍ରମକୁ ସ୍ୱାମୀ ଅକିଂଚନାନନ୍ଦ, ସ୍ୱାମୀ ଜୀବନାନନ୍ଦଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମଟି ଆଗେଇ ଯାଇଥିଲା । ଡକ୍ଟର ବିକାଶ କୁମାର ପ୍ରସାଦ,ଚନ୍ଦ୍ରଶେଖର ମୁଖାର୍ଜୀ, ବିମଳ ପ୍ରସାଦ ମିଶ୍ର, ତପନ କୁମାର ଦେ, ସମରେନ୍ଦ୍ର ବେହୁରା, ଦେବାଶିଷ ସେନ ଏବଂ ଅନ୍ୟାନ୍ୟ କର୍ମକର୍ତାମାନେ ସହଯୋଗ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି ମିଶନ ସମାଜରେ ଅନେକ ଜନହିତକର ସେବା କାର୍ଯ୍ୟକ୍ରମ କରି ଆସୁଛି । ଜଳଦାନ, ପିଲାମାନଙ୍କୁ ପାଠ ପଢ଼ିବା ପାଇଁ ବହି ଖାତା କଲମ ସହିତ ମାଗଣାରେ ପ୍ରତିଦିନ ଶିକ୍ଷାଦାନ, ମାଗଣାରେ ହୋମିଓପାଥି ଚିକିତ୍ସା ଓ ଔଷଧ, ସ୍ୱାସ୍ଥ୍ୟ ଓ ଚିକିତ୍ସା ଶିବିର ଆୟୋଜନ ସହିତ ଅନେକ ସେବା ମୂଳକ କାର୍ଯ୍ୟ କରିବାର ନଜରକୁ ଆସିଛି । ପ୍ରକୃତରେ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ।

# ଅଙ୍ଗଦାନ ଉପରେ ସଚେତନତା ଏବଂ ବନ୍ଧୁତା ଓ ସହଭାଗିତାର ଉତ୍ସବ

କଟକ(ନିପ୍ର): କଟକର ସମସ୍ତ ଇନରହ୍ୱିଲ୍ କ୍ଲବସ୍ ଦ୍ୱାରା କଟକ କ୍ଲବ୍ ଆନେକ୍ସ-୧ରେ ଏକ ମହାନ ବନ୍ଧୁତା ଦିବସ ପାଳନର ଆୟୋଜନ କରାଯାଇଥିଲା । ଏହି ଉତ୍ସବ ପ୍ରାୟ ୧୫୦ ଜଣ ଇନରହ୍ୱିଲ୍ ସଦସ୍ୟାଙ୍କୁ ବନ୍ଧୁତା, ସହଭାଗିତା ଏବଂ ଏକତାର ମାହଲ ସୃଷ୍ଟି କରିଥିଲା । ଅଙ୍ଗଦାନର ମହାନ ଉଦ୍ଦେଶ୍ୟ ବିଷୟରେ ଅର୍ଥପୂର୍ଣ୍ଣ ସଚେତନତା ସୃଷ୍ଟି କରିଥିଲା । କାର୍ଯ୍ୟକ୍ରମଟି ଅଙ୍ଗଦାନ ବିଷୟବସ୍ତୁ ଉପରେ ସୁନ୍ଦର ଭାବରେ ପରିକଳ୍ପିତ ହୋଇଥିଲା । ଡକ୍ଟର ପ୍ରଭାସ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମସ୍ତଙ୍କୁ ଉଦବୋଧନ ଦେଇଥିଲେ । ଅଙ୍ଗଦାନର ଗୁରୁତ୍ୱ ଏବଂ ଜୀବନର ଉପହାର ଦେବାର ଏହାର ଶକ୍ତି ଉପରେ ଏକତ୍ରିତ ହେବ । କଟକ ରିଭରସାଇଡର




ଇନରହ୍ୱିଲ୍ କ୍ଲବର ସଭାପତି ସୁନିତା ପାତ୍ର ଏମଓସି ଭାବରେ କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଇନରହ୍ୱିଲ୍ କ୍ଲବର କଟକ କୁଇନ୍ସର ସଭାପତି ଶିଲ୍ପା ପରମବିକା ଏକ ଅର୍ଥପୂର୍ଣ୍ଣ ଏବଂ ସ୍ମରଣୀୟ ଉତ୍ସବ ପାଇଁ ଆଶୀର୍ବାଦ କାମନା କରି ଇନରହ୍ୱିଲ୍ ପ୍ରାର୍ଥନା ପାଠ କରିଥିଲେ । ଇନରହ୍ୱିଲ୍ କ୍ଲବ୍ ଅଫ୍ କଟକ ମିଡଟାଉନର ସଭାପତି ସଞ୍ଜୁକ୍ତା ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତିଥି, ଜିଲ୍ଲା କାର୍ଯ୍ୟନିର୍ବାହୀ, ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ଏବଂ ଉପସ୍ଥିତ ସମସ୍ତ ଇନରହ୍ୱିଲ୍ ସଦସ୍ୟାଙ୍କୁ ସ୍ୱାଗତ କରିଥିଲେ । ଇନର ହ୍ୱିଲ୍ କ୍ଲବ୍ ଅଫ୍ କଟକ ସିଲଭରସିଟିର ସଭାପତି ସଙ୍ଗୀତା ପଟ୍ଟନାୟକ ବନ୍ଧୁତା ଦିବସର ଉଦ୍ଦେଶ୍ୟ ଏବଂ ଗୁରୁତ୍ୱ ବିଷୟରେ କହିଥିଲେ । ଇନର ହ୍ୱିଲ୍ ଭାଇଚାରାକୁ ଏକତ୍ର ବାନ୍ଧି ରଖୁଥିବା ବନ୍ଧୁତା, ଏକତା ଏବଂ ସେବାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ସଭାପତି ଡକ୍ଟର ସ୍ୱାତୀ ଦାଶ ମୁଖ୍ୟ ଅତିଥି ଡକ୍ଟର ପ୍ରଭାସ ଆଚାର୍ଯ୍ୟଙ୍କୁ ମହାନ ସମାବେଶରେ ପରିଚୟ କରାଇଥିଲେ । ଅଙ୍ଗଦାନ ଉପରେ ତାଙ୍କର ଆଲୋଚନା ଅନ୍ତର୍ଦୃଷ୍ଟିପୂର୍ଣ୍ଣ ଏବଂ ପ୍ରେରଣାଦାୟକ ଥିଲା, ଯାହା ସଦସ୍ୟମାନଙ୍କୁ ବୁଝିବାକୁ ଉତ୍ସାହିତ କରିଥିଲା । ଅଙ୍ଗଦାନ ଏବଂ ଏହି ମହତ ଉଦ୍ଦେଶ୍ୟ ବିଷୟରେ ସଚେତନତା ପ୍ରସାର କରିବାର ଗୁରୁତ୍ୱ । କାର୍ଯ୍ୟକ୍ରମର ଶୋ'ଷ୍ଟପର ଥିଲା ଅଙ୍ଗଦାନ ଉପରେ ଏକ ଶକ୍ତିଶାଳୀ ଏବଂ ଚିନ୍ତାପ୍ରବଣ ନୁକ୍କଡ଼ ନାଟକ, ଯାହାକୁ ପୂର୍ବତନ ସଭାପତି ମମତା ବେବର୍ତା ସୃଷ୍ଟି କରିଥିଲେ ଏବଂ ନୃତ୍ୟ ନିର୍ଦ୍ଦେଶନା କରିଥିଲେ । ଏହି ପ୍ରଦର୍ଶନ ସରଳ କିନ୍ତୁ ପ୍ରଭାବଶାଳୀ ଢଙ୍ଗରେ ଅଙ୍ଗଦାନର ବାର୍ତା ପ୍ରଦାନ କରିଥିଲା ଏବଂ ସମାବେଶ ଦ୍ୱାରା ଉଚ୍ଚ ପ୍ରଶଂସା କରାଯାଇଥିଲା । କଟକର ଇନରହ୍ୱିଲ୍ କ୍ଲବର ସଭାପତି କିରଣ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ । ସଭାପତି ଜ୍ୟୋତ୍ସ୍ନା ପରିଡାଙ୍କ ଅନୁପସ୍ଥିତିରେ ପୂର୍ବତନ ସଭାପତି ସ୍ମିତା ମହାପାତ୍ର ଇନରହ୍ୱିଲ୍ କ୍ଲବ୍ ଅଫ୍ କଟକ ମିଡଟାଉନ୍ ବ୍ଲୋସମ୍ସ ପ୍ରତିନିଧିତ୍ୱ କରିଥିଲେ । ଜିଲ୍ଲା କାର୍ଯ୍ୟନିର୍ବାହୀ ଏବଂ ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ମାନଙ୍କ ଉପସ୍ଥିତିରେ ଉତ୍ସବଟି ଆହୁରି ସମୃଦ୍ଧ ହୋଇଥିଲା ।ଏମଓସି ଅର୍ଚ୍ଚନା ଦାସ କାନୁନଗୋଙ୍କ ଦକ୍ଷ ମାର୍ଗଦର୍ଶନରେ ଏକ ମନୋରଞ୍ଜନକାରୀ ଏବଂ ଜୀବନ୍ତ ଫେଲୋସିପ୍ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯାହା ସଦସ୍ୟା ମାନଙ୍କୁ ସଙ୍ଗୀତ, ପ୍ରଦର୍ଶନ ଏବଂ ଏକତା ମାଧ୍ୟମରେ ସେମାନଙ୍କର ବନ୍ଧୁତାକୁ ପାଳନ କରିବାର ସୁଯୋଗ ଦେଇଥିଲା ।

# ପୋଲିସ ଦ୍ୱାରା ରକ୍ତଦାନ ଶିବିର, ୬୦ ୟୁନିଟ୍ ସଂଗ୍ରହ

ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପୋଲିସ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରେ ୬୩ ଜଣଙ୍କ ନାମ ପଞ୍ଜିକରଣ ହୋଇଥିବା ବେଳେ ୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ନୂଆପଡ଼ା ପୋଲିସ ଆରକ୍ଷୀ ଅଧୀକ୍ଷକ ଅମୃତ ପାଲ ସିଂ ପ୍ରକାଶ କରିଛନ୍ତି । ଏସପି କହିଛନ୍ତି, 'ଖଡ଼ିଆଳ ପୋଲିସ ଜିଲ୍ଲାର ନାଗରିକଙ୍କ ସୁରକ୍ଷା ଦାୟିତ୍ୱ ନେବା ସହ ଆବଶ୍ୟକ ସମୟରେ ରୋଗୀଙ୍କୁ ରକ୍ତ ଯୋଗାଇବା ପାଇଁ ମଧ୍ୟ ଏକ ପ୍ରୟାସ କରୁଛି । ଗୋଟିଏ ୟୁନିଟ୍ ରକ୍ତ କାହାର ଜୀବନ ବଂଚାଇ ପାରେ ।' ଶିବିରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ,ଏସଡିପିଓ ଉପେନ୍ଦ୍ର କୁମାର ପ୍ରଧାନ, ଖଡ଼ିଆଳ ଥାନା ଅଧିକାରୀ ସୁମନ୍ତ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଚିତରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।ରକ୍ତଦାନ କ୍ଷେତ୍ରରେ ଜୀବନ ଉତ୍ସର୍ଗ କରିଥିବା ସେବା ରଚନା ଜୈନ, ସମାଜସେବୀ ସଞ୍ଜୟ ତିୱାରୀ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ଏହି ଶିବିରର ଏକ ବିଶେଷ ଆକର୍ଷଣ ଥିଲା ସାମ୍ବାଦିକ ଅଜିତ ପଣ୍ଡା ଓ ତାଙ୍କ ପତ୍ନୀ ଗାୟତ୍ରୀ ପଣ୍ଡାଙ୍କ ରକ୍ତଦାନ । ଉଭୟ ସ୍ୱାମୀ-ସ୍ତ୍ରୀ ଏକାଠି ରକ୍ତଦାନ କରି ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥିଲେ । ଏହି ଶିବିରରେ ବୋଡେନ, ସିନାପାଲି ସମେତ ବିଭିନ୍ନ ଅନୁଷ୍ଠାନ, ଯୁବ ଗୋଷ୍ଠୀ, ରାଜନୈତିକ ଦଳର କର୍ମୀ ଓ ମହିଳା ସମାଜ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ଶିବିର ଶେଷରେ ସମସ୍ତ ରକ୍ତଦାତାଙ୍କୁ ସାର୍ଟିଫିକେଟ୍ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା । କାର୍ଯ୍ୟକ୍ରମରେ ଅତିରିକ୍ତ ଆଇଆଇସି ପ୍ରତିମା ଡୁଙ୍ଗଡୁଙ୍ଗ, ସବ ଇନସ୍ପେକ୍ଟର ଆଶୋକ କୁମାର ବିହାରୀ, ଏଏସଆଇ କାଶୀନାଥ ପାଟ୍ଟଯୋଶୀ, ଏଏସଆଇ ଜୋସେଫ ସୁନା, ଏଏସଆଇ ଆର କ୍ରିଷ୍ଣା, ଏଏସଆଇ ବିଶ୍ୱରଞ୍ଜନ ବେହେରା ସମେତ ସମସ୍ତ ଷ୍ଟାଫ ସହଯୋଗ କରିଥିଲେ ।

# ବୈତରଣୀ ରୋଡ଼ ଠିପି ବନ୍ଦ ମଦ ଦୋକାନ ନିକଟରେ ବଢ଼ୁଛି ଚାଖଣା ଦୋକାନ

କୋରେଇ(ନିପ୍ର): ଯାଜପୁର ଜିଲ୍ଲା କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ପଂଚାୟତର ବୈତରଣୀ ବଜାରରେ ଅବସ୍ଥିତ ଠିପି ବନ୍ଦ ବିଦେଶୀ ମଦ ଦୋକାନ ପରିସର ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଦୋକାନ ଆଖପାଖରେ ଦିନକୁ ଦିନ ଚାଖଣା ଦୋକାନର ସଂଖ୍ୟା ବଢୁଥିବା ବେଳେ ସେଠାରେ ଭିଡ଼ ଜମୁଛି ଏବଂ ଆଇନ-ଶୃଙ୍ଖଳା ସହ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି । ସନ୍ଧ୍ୟା ହେଲେ ଦୋକାନ ଚତୁର୍ଦ୍ଦିଗରେ ଭିଡ଼ ବଢ଼ିଥାଏ । ଚାଖଣା ଦୋକାନ ବଢ଼ିବା ସହିତ ରାସ୍ତା ଅବରୋଧ, ଅସ୍ୱଚ୍ଛ ପରିବେଶ, ଉଚ୍ଚ ସ୍ୱରରେ ପାଟିତୁଣ୍ଡ, ଗାଳି ଗୁଲଜ,ଦାଦା ବଟି ଆଦାୟ ଏବଂ ସାଧାରଣ ଯାତାୟାତରେ ବାଧା ଭଳି ସମସ୍ୟା ଦେଖାଯାଉଥିବା ଅଭିଯୋଗ ହେଉଛି । ବଜାରକୁ ଆସୁଥିବା ମହିଳା, ବୃଦ୍ଧ ଓ ଛାତ୍ରଛାତ୍ରୀମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଥିବା କଥା କିଛି ସ୍ଥାନୀୟ ଲୋକ କହିଛନ୍ତି । ଅଂଚଳବାସୀଙ୍କ ପ୍ରଶ୍ନ ଯଦି ଏପରି ବ୍ୟବସାୟ ବିନା ଅନୁମତିରେ ଚାଲୁଛି, ତେବେ ସମ୍ପୃକ୍ତ ବିଭାଗ ଓ ସ୍ଥାନୀୟ ପୋଲିସ ପକ୍ଷରୁ କାହିଁକି ନିୟମିତ ତଦାରଖ କରାଯାଉନାହିଁ । ଏହାକୁ ନେଇ କୋରେଇ ପୋଲିସର ଭୂମିକା ଉପରେ ମଧ୍ୟ ସ୍ଥାନୀୟ ମହଲରେ ପ୍ରଶ୍ନ ଉଠୁଛି । ତେବେ ଏହି ଅଭିଯୋଗ ସମ୍ପର୍କରେ ପୋଲିସର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।ସରକାରୀ ନିୟମ ଅନୁଯାୟୀ ଓଡ଼ିଶାରେ ବିଦେଶୀ ମଦ ବିକ୍ରୟ ଓ ସିକୃତିପ୍ରାପ୍ତ ଦୋକାନ ପରିଚାଳନା ପାଇଁ ରାଜ୍ୟ ଅବକାରୀ ବିଭାଗର ବିଭିନ୍ନ ନିୟମ ଲାଗୁ ହୁଏ । ଶିକୃତିପ୍ରାପ୍ତ ଦୋକାନକୁ ନିର୍ଦ୍ଧାରିତ ସର୍ତ ମାନି ଚାଲିବାକୁ ପଡ଼େ । ସାଧାରଣତଃ ଲାଇସେନ୍ସର ସର୍ତ ଉଲ୍ଲଙ୍ଘନ କରି ବ୍ୟବସାୟ କରାଯାଇପାରିବ ନାହିଁ । ସର୍ବସାଧାରଣଙ୍କ ଚଳାଚଳରେ ବାଧା ସୃଷ୍ଟି କରିବା କିମ୍ବା ସାର୍ବଜନିକ ଉପଦ୍ରବ ସୃଷ୍ଟି କରିବା ଆଇନଗତ ଭାବେ ଗ୍ରହଣଯୋଗ୍ୟ ନୁହେଁ । ନିୟମ ଉଲଘଂନ କରି ସରକାରୀ ସିକୃତି ପ୍ରାପ୍ତ ପାଖରେ ସ୍ଥାୟୀ କିମ୍ବା ଅସ୍ଥାୟୀ ଚାଖଣା ଦୋକାନ କରିବା କେତେଦୂର ଗ୍ରହଣ ଯୋଗ୍ୟ, ଅସ୍ୱଚ୍ଛ ପରିବେଶ, ଶବ୍ଦ ପ୍ରଦୂଷଣ କିମ୍ବା ଆଇନ-ଶୃଙ୍ଖଳା ଭଙ୍ଗ କରୁଥିବା କାର୍ଯ୍ୟକଳାପ ଦେଖାଦେଲେ ପୋଲିସ ଓ ସମ୍ପୃକ୍ତ ପ୍ରଶାସନ ପଦକ୍ଷେପ ନେବାର ନିୟମ ଥିବା ବେଳେ ଏଠି ସ୍ଥାନୀୟ ପୋଲିସ, ଅବକାରୀ ବିଭାଗ ନୀରବ ରହୁଛି, ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବଢୁଥିବା ବେଳେ ଜନସାଧାରଣଙ୍କ ଦାବି ହେଉଛି ଯେ, ଡୋଲିପୁର ଅବକାରୀ ବିଭାଗ, ସ୍ଥାନୀୟ ପ୍ରଶାସନ ଓ କୋରେଇ ପୋଲିସ ଘଟଣାର ତଦନ୍ତ କରି ପ୍ରକୃତ ସ୍ଥିତି ସ୍ପଷ୍ଟ କରନ୍ତୁ । ନିୟମ ବାହାରେ କୌଣସି କାର୍ଯ୍ୟକଳାପ ଚାଲୁଥିଲେ ତାହା ବିରୋଧରେ କଠୋର ପଦକ୍ଷେପ ନିଆଯାଉ ଏବଂ ବୈତରଣୀ ବଜାରରେ ଶୃଙ୍ଖଳାପୂର୍ଣ୍ଣ ପରିବେଶ ସୁନିଶ୍ଚିତ କରାଯାଉ ବୋଲି ଦାବି ହେଉଛି ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଉଦଳା(ନିପ୍ର): ଶନିବାର ଦିବା ୧୧.୩୦ ଘଟିକା ସମୟରେ ପ୍ରାଥମିକ ଶିକ୍ଷକ ସଂଘ ପରିସରରେ ସଂଘର କର୍ମକର୍ତାଙ୍କ ତତ୍ୱାବଧାନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦଳା ଏନ.ଏ.ସି. ର ଉପ ନଗରପାଳିକା ଲିଲି ଭୋଳ, ଉଦଳା ବନ ବିଭାଗ ଅଧିକାରୀ ସୁଶାନ୍ତ କୁମାର ବାଗ, ଉଦଳା ସଚେତନ ନାଗରିକ ମହାମଂଚର ସମ୍ପାଦକ ତଥା ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତତ୍ ସହ ଉଦଳା ପ୍ରାଥମିକ ଶିକ୍ଷକ ସଂଘର ଉପଦେଷ୍ଟା ଆରତ କୁମାର ପରିଡା, ସଭାପତି ଅନ୍ତର୍ଯ୍ୟାମୀ ବେହେରା, ସମ୍ପାଦକ ଲଳିତ କୁମାର ବେହେରା, ଉପ ସଭାପତି



ମାଳତି ବେହେରା, କାର୍ଯ୍ୟକାରୀ ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତ, ସହ ସମ୍ପାଦକ ସତ୍ୟେନ୍ଦୁ ଜେନା, ସଂଗଠନ ସମ୍ପାଦିକା ପାର୍ବତୀ ମୁର୍ମୁ, ଉଦଳା ସଚେତନ ନାଗରିକ ମହାମଂଚର ସଭାପତି ଅଜୟ କୁମାର ବେହେରା, ଆବାହକ ଅଶୋକ କୁମାର ମହାନ୍ତି, ସାମ୍ବାଦିକ ଜଗବନ୍ଧୁ ପ୍ରଧାନ, ସୁବ୍ରତ କୁମାର ମହାନ୍ତି, କୃଷ୍ଣ ଚୈତନ୍ୟ ସଦୁଆଳ, ଅବସର ପ୍ରାପ୍ତ ଶିକ୍ଷକ ତଥା ଉଦଳା ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଅଜୟ କୁମାର ପତି, ପ୍ରକୃତି ମିତ୍ର ଅବସର ପ୍ରାପ୍ତ ଶିକ୍ଷକ କୁଳମଣି ବେହେରା,ସଂଘୀୟ କ୍ଲଷ୍ଟର ସଂଯୋଜକ ସୁଦର୍ଶନ ନାୟକ,ଉଦଳା ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କ ମଧ୍ୟରେ ଅନୁପମା ମହାପାତ୍ର, ପ୍ରଫୁଲ୍ଲ ସେଠି, ଇନ୍ଦିରା ପ୍ରିୟଦର୍ଶିନୀ ସାମଲ, ବ୍ରଜ କିଶୋର ବିନ୍ଧାଣି, ସ୍ୱାତି ବେଜ୍ ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେବା ସହ ସମାଜସେବୀ ସଂଜୀବ କୁମାର ଭୋଳ ଆଦି ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ସିମୁଳିଆ(ନିପ୍ର): ସିମୁଳିଆ ବ୍ଲକ ପରିସରରେ ବ୍ଲକ ସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଶିବିରକୁ ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଅବସରରେ ମଣ୍ଡଳ ସଭାପତି ଅଭିନାସ ବେହେରା, ସମିତି ସଭ୍ୟ ଉତମ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ବିଡ଼ିଓ ସୁନିଲ କୁମାର ଟୁଡୁଙ୍କ ସଂଯୋଜନାରେ ମୋଟ ୩୨୦ଜଣଙ୍କୁ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ କରାଯାଇଥିଲା । ଅସ୍ଥିଶଲ୍ୟରେ ୨୦୦,ଚକ୍ଷୁରେ ୫୫, ମାନସିକ ଅଗ୍ରସରତା ପାଇଁ ୬୫ଜଣଙ୍କୁ ଚିହ୍ନଟ କରାଯାଇଥିଲା । ଅସ୍ଥି ଶଲ୍ୟ ବିଭାଗ ଡାକ୍ତର ଡ.ସୁମନ ଶେଖର ସାହୁ, ମେଡ଼ିସିନ ଡାକ୍ତର ଡ଼.ସୁଶାନ୍ତ ମହାରଣା, ବିକାଶ ରଞ୍ଜନ ସାହୁ ଓ ଚକ୍ଷୁ ଡାକ୍ତର ଡ଼.ପିୟୁଷ ପ୍ରକାଶ ମହାପାତ୍ର ପ୍ରମୁଖ ଯୋଗଦେଇ ଶିବିରକୁ ଆସିଥିବା ଭିନ୍ନକ୍ଷମ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ କ୍ଷ ୨୨ଗୋଟି ପଂଚାୟତର ସରପଂଚ, ସମିତି ସଭ୍ୟ, ଅଙ୍ଗନବାଡି କର୍ମୀ ଓ ଆପଣ ଏକା ନୁହନ୍ତି ଟ୍ରଷ୍ଟ, ବ୍ଲକ ଯୋଗାଣ ଅଧିକାରୀ ଅଜୟ କୁମାର ଦାସ ଓ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ପ୍ରସନ୍ନ କୁମାର ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।





# ୧୭ତମ ରାଜା ଅନୁପ ସିଂ ଦେଓ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଂଟ ୨୦୨୬-୨୭ ଉଦ୍‌ଘାଟିତ



ନୂଆପଡ଼ା (ନି.ପ୍ର):ଖଡ଼ିଆଳ ରାଜା ଆର୍ତତ୍ରାଣ ଖେଳ ପଡ଼ିଆ ଠାରେ ୧୭ତମ ରାଜା ଅନୁପ ସିଂ ଦେଓ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେ[ ଉଦଘାଟନ ମହାସମାରୋହରେ ହୋଇ ଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରାଜା ସାହେବ !ଦେବ ଦେବ ସିଂ ଦେଓ , ସମ୍ମାନୀତ ଅତିଥି ମିଳନ ଝାଙ୍କର (ବିଡ଼ିଓ, ଖଡ଼ିଆଳ),ସ୍ୱାଧୀନ କେତନ ମହାରଣା (ଇଓ ଖଡ଼ିଆଳ ଏନଏସି),ବାଳକୃଷ୍ଣ ଶବର (ପୂର୍ବତନ ଅଧ୍ୟକ୍ଷ, ଖଡ଼ିଆଳ ବ୍ଲକ), ୟାସିନ ମହମ୍ମଦ (ପୂର୍ବତନ ଅଧ୍ୟକ୍ଷ, ଖଡ଼ିଆଳ ଏନଏସି), ନିମାଇ ଚରଣ ତାଣ୍ଡି (ପୂର୍ବତନ ଅଧ୍ୟକ୍ଷ, ଖଡ଼ିଆଳ ଏନଏସି), ମିଡିଆ ପ୍ରତିନିଧି କୁନୁ କରୁଆ, ତପନ ଦାସ, ବିମଲ୍ ସିଂ ଦଳପତି,ମୋତିଲାଲ ବାଗ, ପରମେଶ୍ୱର ବାରିକ ଓ ଚନ୍ଦ୍ର ଶେଖର ବେହେରା ଯୋଗ ଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍ଘାଟନୀ ମ୍ୟାଚ୍ ରେ ବଲାଙ୍ଗୀର ଜିଲ୍ଲାର ଯୁରାବନ୍ଧ ଓ ନୂଆପଡ଼ା ଜିଲ୍ଲାର ବୋଡ଼େନ ମଧ୍ୟରେ ଖେଳାଯାଇଥିଲା । ଉକ୍ତ ମ୍ୟାଚ୍ ର ନିର୍ଦ୍ଧାରିତ ସମୟରେ ଉଭୟ ଦଳ ୧-୧ ଗୋଲ୍ କରିଥିଲେ । ପରବର୍ତ୍ତୀ ଅତିରିକ୍ତ ସମୟରେ ବୋଡ଼େନ ଦଳ ଆଉ ୧ ଗୋଲ୍ କରି ସର୍ବମୋଟ ୨-୧ ଗୋଲରେ ଯୁରାବନ୍ଧ ଦଳ କୁ ପରାସ୍ତ କରି ବିଜୟ ଲାଭ କରିଥିଲେ । ଉକ୍ତ ମ୍ୟାଚ୍ ରେ ଅମୂଲ୍ୟ ବାରିକ, ସୌରଭ ପଣ୍ଡା, ନିଲୁ ଭୋଇ, ବେଦାନ୍ତ ପ୍ରଧାନ, ଅନ୍ୱେଶ ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ପ୍ରକାଶ ପାତ୍ର, ଧନଞ୍ଜୟ ମଲ୍ଲିକ, ନନ୍ଦୁ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ସେହିଭଳି ଅନୁପ ସିଂ ଦେଓ ମେମୋରିଆଲ ଫୁଟବଲ ଟ୍ରଷ୍ଟ ର ସଭାପତି ଶ୍ରୀଯୁକ୍ତ ଅଙ୍କିତ ସିଂ ଦେଓ, ସମ୍ପାଦକ ଜିତେନ୍ଦ୍ର ନାୟକ, ଉପ - ସଭାପତି ପ୍ରଭୁ ଦତ ଗୌଡ, କୋଷାଧ୍ୟକ୍ଷ ବିଶ୍ୱ ରଞ୍ଜନ ପଣ୍ଡା, ରୂପେଶ ଟାହାଣି ଏବଂ ବିବେକ ପୋଡ଼, ସୁଶାନ୍ତ କୁମାର ସ୍ୱାଇଁ, ଶ୍ୟାମ ନାଗ, ବସନ୍ତ ମାଝୀ, ପୁଣ୍ୟତୋଷ ମୁଣ୍ଡ, ଦେବ ପ୍ରଧାନ, ଆକିବ୍ ରାଜା, ଝିଁ[ ମହାପାତ୍ର, ପ୍ରଶାନ୍ତ ପଟ୍ଟନାୟକ, ନିରଞ୍ଜନ ପୋଡ଼,ମହମ୍ମଦ ଆରିଫ, ଗୁଡୁ ପାଣିଗ୍ରାହୀ, ଫକୀର ମୋହନ ପଣ୍ଡା ସହଯୋଗ କରିଥିଲେ ।

# କମଳାପଦର ଗ୍ରାମରେ କୃଷିଭିତିକ ପର୍ବ ବିଜାପାଣ୍ଡୁମ୍ ପାଳିତ

ମାଲକାନଗିରି,(ହି.ସ.)- ଇଂଟରନେଟ୍ ଯୁଗରେ ଗାଁ ଗହଳିର ପର୍ବ ପର୍ବାଣୀ ନୃତ୍ୟ, ସଙ୍ଗୀତ, ପରମ୍ପରାକୁ ଭୁଲି ଯାଇଥିବା ବେଳେ ନିପଟ ମଫସଲ ଆଦିବାସୀ କମଳାପଦର ଗ୍ରାମରେ ଏବେ ବି ସେ ପୁରୁଣା ପରମ୍ପରାକୁ ବଜାଇ ରଖିଛନ୍ତି । ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାର ମାଟାପାକା ପଂଚାୟତ ଅନ୍ତର୍ଗତ କମଳାପଦର ଗ୍ରାମରେ କୃଷିଜାତ ପର୍ବ ବିଜାପାଣ୍ଡୁମ୍ ଉତ୍ସବ ଆଡ଼ମ୍ବର ସହ ପାଳିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଏବଂ କୋୟାଗିରୀ ଗ୍ରାମର କୋୟା ନୃତ୍ୟଦଳର ଆୟୋଜନରେ ଏହି ପାରମ୍ପରିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । କୋୟା ନୃତ୍ୟଦଳର ସଭାନେତ୍ରୀ ଶାନ୍ତି କବାସୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଓ ବନବାସୀ ଗବେଷକ ରତ୍ନାକର ଦାଶ ଯୋଗଦେଇ ଡଙ୍ଗର ଦେବୀଙ୍କ ପୂଜାର୍ଚ୍ଚନା କରି ଉତ୍ସବକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ମୁଖ୍ୟବକ୍ତା ଭାବେ ଗ୍ରାମ ୱାର୍ଡ ସଦସ୍ୟ ଭୀମସେନ ମାଡକାମୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ଜେନା, ଗ୍ରାମ ପୂଜାରୀ ଦେବା କବାସୀ ଓ ଦେବା ମାଡ଼ି ଉପସ୍ଥିତ ଥିଲେ ।ମୁଖ୍ୟଅତିଥି ଶ୍ରୀ ଦାଶ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ଆଦିବାସୀ ଅଂଚଳରେ "ବାରମାସରେ ତେର ପର୍ବ" ପାଳନର ପରମ୍ପରା ରହିଛି । ସେଥିମଧ୍ୟରୁ ବିଜାପାଣ୍ଡୁମ୍ ଏକ କୃଷିଭିତିକ ପର୍ବ, ଯାହା ଚାଷ ଆରମ୍ଭ ସମୟରେ ପାଳନ କରାଯାଏ । ଆଧୁନିକ ଶିକ୍ଷିତ ସମାଜ ଧୀରେ ଧୀରେ ପର୍ବପର୍ବାଣୀ, ନୃତ୍ୟ, ସଙ୍ଗୀତ ଓ ପାରମ୍ପରିକ ସଂସ୍କୃତିକୁ ଭୁଲିଯାଉଥିବା ବେଳେ ନିପଟ ମଫସଲ ଆଦିବାସୀ ଗ୍ରାମ କୋୟାଗିରୀର କୋୟା ନୃତ୍ୟଦଳ ଶିଙ୍ଗନାଟ ପରମ୍ପରାକୁ ଜୀବନ୍ତ ରଖିଛି, ଯାହା ପ୍ରଶଂସାନୀୟ । ଉତ୍ସବ ଅବସରରେ କୋୟାଗିରୀ, କମଳାପଦର, ମାଟାପାକା ଓ ଓର୍କେଲଗୁଡା ଗ୍ରାମର ଶିଙ୍ଗନାଟ ନୃତ୍ୟଦଳମାନେ ମଂଚରେ ଆକର୍ଷଣୀୟ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ । ନୃତ୍ୟ ଓ ବାଦ୍ୟର ତାଳେ ତାଳେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା । ଉତ୍ସବରେ ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଉପସ୍ଥିତ ରହି ଉତ୍ସବକୁ ସଫଳ କରିଥିଲେ । ଶେଷରେ ସନ୍ତୋଷ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# କାମରେ ଲାଗୁନି ୫ କୋଟି ଟଙ୍କାରେ ନିର୍ମିତ ଓଭରହେଡ୍ ପାଣି ଟାଙ୍କି

ଭୁବନ , (ହି.ସ.) - ଢ଼େଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଂଚଳ ପରିଷଦରେ ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ପୂର୍ବ ସରକାର ସମୟରେ ପ୍ରାୟ ୫ କୋଟି ରୁ ଉର୍ଦ୍ଧ୍ୱ ଟଙ୍କାରେ ଜନ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ପରିସର ଓ ନୂଆ ଭୁବନରେ 'ଆମ ସହର ଆମ ଉନ୍ନତି' ଯୋଜନାରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ଦୁଇ ବର୍ଷ ହେଲା ଏହି ପ୍ରକଳ୍ପ ଶେଷ ହୋଇଛି । ସ୍ୱତନ୍ତ୍ର ଟ୍ରାନସଫର୍ମର ବସାଯାଇ ବିଦ୍ୟୁତ ଯୋଗାଣ ମଧ୍ୟ ହୋଇଛି । ବିଧାୟକଙ୍କ କର୍ମୀ ଙ୍କ ଦ୍ୱାରା ଚତୁପାର୍ଶ୍ୱ ପ୍ରାଚୀର ନିର୍ମାଣ କରାଯାଇ ଗେଟ୍ ମଧ୍ୟ ଲଗାଯାଇଛି । ଗ୍ରୀଷ୍ମ ଋତୁରେ ଟ୍ୟାଙ୍କର ଯୋଗେ ବିଭିନ୍ନ ୱାର୍ଡ କୁ ପାନୀୟ ଜଳ ଯୋଗାଣ କରାଯାଇ ମୋଟା ଅଙ୍କର ମୁନାଫା ଉଠା ଯାଉଥିବା ବେଳେ ବର୍ଷା ଦିନେ ମଧ୍ୟ ଭୁବନ ଏନ୍ ଏ ସି ର ଅଧିକାଂଶ ୱାର୍ଡ଼କୁ ନିୟମିତ ଭାବେ ଜଳ ଯୋଗାଣ ହୋଇ ପାରୁନାହିଁ । କେବଳ ଗୋଟିଏ କଥା ଓଭର ହେଡ ପାଣି ଟାଙ୍କି କାର୍ଯ୍ୟକ୍ଷମ ହେଲେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇଯିବ କୁହାଯାଉଛି । ବିଭିନ୍ନ ୱାର୍ଡକୁ କୋଟିଏ ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାଇପ୍ ବିଛା କାର୍ଯ୍ୟ ମଧ୍ୟ ଶେଷ ହୋଇଛି । ତାହେଲେ ଓଭର ହେଡ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇ ପାରୁନି କାହିଁକି ? ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ ଜଳ ସଂରକ୍ଷଣ ସମୟରେ ଏହା ଭୁଶୁଡ଼ି ପଡ଼ିବାର ଆଶଙ୍କା ରହି ଥିବାରୁ ଏହାକୁ କାର୍ଯ୍ୟକ୍ଷମ କରାଯାଉନାହିଁ ବୋଲି ଅଭିଯୋଗ ଶୁଣାଯାଉଛି । ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନ ମାନର ହୋଇଥିବା ବେଳେ ବିଭିନ୍ନ ୱାର୍ଡ କୁ ନିମ୍ନ ମାନର ପାଇପ୍ ବିଛା ହୋଇଛି । ଦୁଇ ଫୁଟ ଖୋଳି ତଳେ ବାଲି ଫିଲିଙ୍ଗ କରି ତା ଉପରେ ଇଟା ଦେଇ ପାଇପ୍ ବିଛା ଯିବା ବଦଳରେ ମାତ୍ର ୬ ଇଂଚ ଓ କେତେକ ସ୍ଥାନରେ ଫୁଟେ ଖୋଳି ପାଇପ୍ ବିଛା ଯାଥିବାରୁ କାର,ଟ୍ରାକ୍ଟର ଯିବା ଯୋଗୁଁ ଅଧିକାଂଶ ସ୍ଥାନରେ ପାଇପ୍ ଫଟି ଯାଉଛି । ଏନ୍ ଏ ସି ତରଫରୁ ନିର୍ମାଣ ହୋଇଥିବା କଂକ୍ରିଟ ଓ ପେଭର ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ ବାରମ୍ବାର ଖୋଲିତାଡ଼ି ନଷ୍ଟ କରୁଛି । ତେବେ ଯାହାବି ହେଉନା କାହିଁକି ଭୁବନର ଗଣପର୍ବ ଐତିହାସିକ ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ପୂର୍ବରୁ ଏହି ଓଭର ହେଡ ପାଣିଟାଙ୍କି କାର୍ଯ୍ୟକ୍ଷମ କରି ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି ।'ଏନ୍ ଏ ସି ତରଫରୁ ନିର୍ମାଣ ହୋଇଥିବା କଂକ୍ରିଟ ଓ ପେଭର ରାସ୍ତାକୁ ଜନସ୍ୱାସ୍ଥ୍ୟ ବିଭାଗ ବାରମ୍ବାର ଖୋଲିତାଡ଼ି ନଷ୍ଟ କରୁଛି । ତେବେ ଯାହାବି ହେଉନା କାହିଁକି ଭୁବନର ଗଣପର୍ବ ଐତିହାସିକ ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ପୂର୍ବରୁ ଏହି ଓଭର ହେଡ ପାଣିଟାଙ୍କି କାର୍ଯ୍ୟକ୍ଷମ କରି ପାନୀୟ ଜଳ ସମସ୍ୟାର ସମାଧାନ କରିବା ପାଇଁ ଜନ ସାଧାରଣରେ ଦାବି ହୋଇଛି ।'

# ଡିଏଭି ପବ୍ଲିକ ସ୍କୁଲରେ ରକ୍ତଦାନ ଶିବିର

ବ୍ରହ୍ମପୁର (ନି.ପ୍ର.): ସ୍ଥାନୀୟ ଗାନ୍ଧୀନଗରସ୍ଥିତ ଡି.ଏ.ଭି ପବ୍ଲିକ ସ୍କୁଲରେ ରକ୍ତ ଦାନ ମହତ୍ ଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ର ଅଧ୍ୟକ୍ଷା ଧାରାଶ୍ରୀ ପାଢ଼ୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ସର୍ବମୋଟ ୧୧୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ । ଅନୁଷ୍ଠିତ ଏହି ଶିବିର ରେ ମୁଖ୍ୟ ଅତିଥି ରୁପେ ବିଧାୟକ କେ.ଅନିଲ କୁମାର ,ସମ୍ମାନୀତ ଅତିଥି ଭାବେ ଅର୍ବାନ ବ୍ୟାଙ୍କ ସଭାପତି ଆର୍.ମୂରଲୀ ମୋହନ,କର୍ପୋରେଟର୍ ଡି.କରୁଣାକର ପ୍ରମୁଖ ଯୋଗ ଦେଇ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତ ଦାନ ମହତ ଦାନ ହୋଇଥିବା ଯୋଗୁଁ ସମସ୍ତେ ରକ୍ତ ଦାନ କରିବାକୁ ବିଧାୟକ ଅନିଲ କୁମାର ଆହ୍ୱାନ ଦେଇଥିଲେ । ବଡ଼ ମେଡିକାଲ ର ଏମ୍ .ଡି ଜୟନ୍ତ ମିଶ୍ର, ଡ଼ା ଅନୁରାଧା ଚୌଧୁରୀ ପ୍ରମୁଖ ଏହି ଅବସରର ଉପସ୍ଥିତ ଥିଲେ ।ବଡ଼ ଡାକ୍ତରଖାନା ରକ୍ତ ଭଣ୍ଡାରର ବହୁ କର୍ମ ଚାରୀ, ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ,ପର୍ଯ୍ୟବେକ୍ଷକ ଓ କର୍ମଚାରୀ ଏଠାରେ ସହଯୋଗ କରିଥିଲେ । ଏହି ଶିବିରରେ ବହୁ ଅଭିଭାବକ, ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ ।



# ଲିଫ୍ଟ ନଦେବାରୁ ଯୁବକଙ୍କ ତଂଟି କାଟିଦେଲେ ଦୁର୍ବୃତ

ବ୍ରହ୍ମପୁର(ନି.ପ୍ର.) : ଲିପ୍ଟ ନଦେବାରୁ ଯୁବକଙ୍କୁ ଆକ୍ରମଣ, ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଖଣ୍ଡରା ଗ୍ରାମ ନିକଟରେ । ଖବର ଅନୁଯାୟୀ ଗତକାଲି ରାତିରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ବ୍ଲକ ଅନ୍ତର୍ଗତ ଖଣ୍ଡରା ଛକରେ ଉଦ୍ଧବ ପାଢ଼ୀ ନାମକ ଜଣେ ବ୍ୟକ୍ତିଙ୍କୁ କିଛି ଦୁର୍ବୃତ ଲିଫ୍ଟ ମାଗିଥିଲେ । ଉଦ୍ଧବ ଲିଫ୍ଟ ନ ଦେବାରୁ ସେମାନେ ଗାଳିଗୁଲଜ କରିବା ସହ ଛୁରୀରେ ତାଙ୍କ ତଂଟି କାଟିଦେଇଥିବା ଅଭିଯୋଗ ହୋଇଛି । ଆହତଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଘଟଣାକୁ ନେଇ ପୋଲିସର ତଦନ୍ତ ଜାରି ରହିଛି ।

# ସାମ୍ବାଦିକଙ୍କ ପିତୃ ବିୟୋଗ

ବାରିପଦା(ନି.ପ୍ର.) ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ଜଣେ ଆଦର୍ଶ ଶିକ୍ଷକ ତଥା ସାମ୍ବାଦିକ ନୀଳାଦ୍ରି ବିହାରୀ ଦଣ୍ଡପାଟଙ୍କ ପିତା ବରେନ ଚନ୍ଦ୍ର ଦଣ୍ଡପାଟ(୮୩)ଙ୍କର ପରଲୋକ ଘଟିଛି । ନିଜ ବାସଭବନ ସିଂହଟିଆରେ ଶୁକ୍ରବାର ସକାଳ ୬ଟା ୪୦ ମିନିଟ ସମୟରେ ସେ ଇହଲିଳା ସମ୍ବରଣ କରିଛନ୍ତି । ଚାକିରୀ ଜୀବନରେ ସେ ଆମ୍ବଡାଳି, ଗଜଡିହୀ, ଛେଳିଆ, ତାଳପଦା, ଚକ୍ରଧରପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିବା ବେଳେ ଧାନପୋତା ସ୍କୁଲରୁ ଅବସର ଗ୍ରହଣ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ବଡପୁଅ ଭବାନୀ, ବଡବୋହୂ ସଞ୍ଜୁଲତା, ସାନପୁଅ ନୀଳାଦ୍ରି, ସାନବୋହୂ ଇତିଶ୍ରୀ, ଝିଅ ଗୀତାଞ୍ଜଳୀ, ଜ୍ୱାଇଁ ପ୍ରଦୀପ, ନାତି ସ୍ନେହାଶିଷ ଓ ଆୟୁଷ୍ମାନ, ନାତୁଣୀ ପଲ୍ଲବୀ ଓ କ୍ରିଷ୍ଣା ଉପସ୍ଥିତ ଥିଲେ ।ସ୍ୱର୍ଗତ ଶିକ୍ଷକଙ୍କ ସାନପୁଅ ନୀଳାଦ୍ରି ପ୍ରମୁଖ ଦୈନିକ ଓଡିଆ ଖବରକାଗଜର ମୟୂରଭଞ୍ଜ ଜିଲ୍ଲା ପ୍ରତିନିଧି ଅଟନ୍ତି ।ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବଡ଼ସାହି ବ୍ଲକ ଉପାଧ୍ୟକ୍ଷ କାଂଚନ ପ୍ରଧାନ, ଭଞ୍ଜସେନା ଅଧ୍ୟକ୍ଷ ସଞ୍ଜିବ ରାଉତ, କଂଗ୍ରେସର ପୂର୍ବତନ ଜିଲ୍ଲା ଉପସଭାପତି ପ୍ରକାଶ କରମହାପାତ୍ର, ବଡ଼ସାହି ବ୍ଲକ ପୂର୍ବତନ ଅଧ୍ୟକ୍ଷ ମନୋରଞ୍ଜନ ବଳ, ପୂର୍ବତନ ରାଜ୍ୟ କୃଷିନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ବାରିପଦା ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଛାତ୍ର ବିଜେଡି ସଭାପତି ସୁନୀଲ ନାୟକ, ବଡ଼ସାହି ବ୍ଲକ ବିଜେଡି ସଭାପତି ତପନ ପତି, ବାରିପଦା ବ୍ଲକ ବିଜେଡି ସଭାପତି ସୁଜିତ ମହାନ୍ତି, ବଳଭଦ୍ରପୁର ସରପଂଚଅନ୍ନପୂର୍ଣ୍ଣା ଖଣ୍ଡେଇଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ବାସଭବନରେ ପହଂଚି ଶେଷଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି । ପୂର୍ବତନ ସାଂସଦ ତଥାଗତ ଶତପଥି ଶୋକ ବ୍ୟକ୍ତ ପ୍ରକାଶ କରି ଅମର ଆତ୍ମାର ଶାନ୍ତି କାମନା କରିଛନ୍ତି । ମରଶରୀରକୁ ଶୋଭାଯାତ୍ରାରେ ଗାଁ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡପୁଅ ମୁଗାଗ୍ନି ଦେଇଛନ୍ତି ।



# ବିଇଏମ ବିଦ୍ୟାଳୟର ହକି ଦଳକୁ ରିଜିଓନାଲ ପ୍ରତିଯୋଗିତାରେ ସିଲଭର ମେଡାଲ

ଝାରସୁଗୁଡା(ନି.ପ୍ର.) ବେଲପାହାଡ଼ ଇଂଲିଶ ମିଡିୟମ ବିଦ୍ୟାଳୟ ର ୧୭ ବର୍ଷରୁ କମ୍ ବାଳକ ଦଳ ସିଆଇଏସସିଇ ରିଜିଓନାଲ ହକି ପ୍ରତିଯୋଗିତା ରେ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ଉପ ବିଜେତା ହୋଇଛନ୍ତି । ରାଉରକେଲା ର ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ରେ ହୋଇଯାଇଥିବା ଏହି ପ୍ରତିଯୋଗିତା ରେ ବିଇଏମ ଦଳ ଫାଇନାଲ ରେ ହେରିସନ ବିଦ୍ୟାଳୟ ରାଉରକେଲା ଠାରୁ ୪-୦ ଗୋଲରେ ପରାସ୍ତ ହୋଇ ଉପ ବିଜେତା ହେବା ସାଙ୍ଗରେ ସିଲଭର ମେଡାଲ ହାସଲ କରିଛନ୍ତି । ଅସ୍ମିତ ସା ଦଳର ନେତୃତ୍ୱ ନେଇଥିବା ବେଳେ ସାଇ ଓମ୍ ଜ୍ୟୋତି ଓ ଏମଡି ଅନଶ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲେ । ସେମି ଫାଇନାଲ ରେ ବିଇଏମ ଦଳ ସେ[ପଲ ବିଦ୍ୟାଳୟ କୁ ୬-୦ ଗୋଲରେ ପରାସ୍ତ କରି ଫାଇନାଲ କୁ ଉତୀର୍ଣ୍ଣ ହୋଇଥିଲେ । ବିଇଏମ ବିଦ୍ୟାଳୟ ପକ୍ଷରୁ ସାଇ ଓମ୍ ଜ୍ୟୋତି ସାହୁ ୩ଟି, ବିରାଟ ସିଂ,ନିଶାନ ରଣ୍ୱାନି ଓ ଆୟୁଷ ପାଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ ।ବିଇଏମ ବିଦ୍ୟାଳୟ ଦଳ ଏହି ପ୍ରତିଯୋଗିତାରେ ଝାରସୁଗୁଡା ଜୋନ ର ପ୍ରତିନିଧିତ୍ କରିଥିଲେ । ଦଳ ସହିତ ଶାନ୍ତି ନାଏକ ଓ ସିମ୍ରନ ସିଂ କୋଚ ଓ ମେନେଜର ଭାବରେ ଯାତ୍ରା କରିଥିଲେ ।




# ଡୁନ ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରତିଯୋଗିତା

ଝାରସୁଗୁଡା(ନି.ପ୍ର.)-ଆଜି ସକାଳ ୧୦ଟାରେ ସ୍ଥାନୀୟ ବଡମାଲ ଠାରେ ଥିବା ଡୁନ ପବ୍ଲିକ ସ୍କୁଲରେ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ସ୍ଥାନୀୟ ସେ[ାଲ ସ୍କୁଲର ଅଧ୍ୟକ୍ଷ ହରିଲାଲ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବରେ ହକି ଆସୋସିଏସନ ଓଡିଶାର ଉପ-ସଭାପତି ଜୀବନ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ କରି ବିଜ୍ଞାନ ପ୍ରଦର୍ଶନୀ ଉଦ୍ ?ଘାଟନ କରିଥିଲେ । ଅତିଥି ଏବଂ ବିଚାରପତି ମାନଙ୍କୁ ସ୍କୁଲର ଅଧ୍ୟକ୍ଷ ନିର୍ମଳ ସିଂହ,ନିର୍ଦ୍ଦେଶକ ଅଜିତ କୁମାର ଉପଢୌକନ ଦେଇ ସମ୍ମାନୀତ କରିଥିଲେ ।ଏହି ସ୍କୁଲର ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୩୦୦ ଛାତ୍ରଛାତ୍ରୀ ମାନେ ମୋଟ ୨୫୦ଟି ଷ୍ଟଲ କରି ଦର୍ଶକ ଓ ଅଭିଭାବକ ମାନଙ୍କୁ ମୁଗ୍ଧ କରି ଦେଇ ଥିଲେ । ପିଲାମାନେ ସଡକ ସୁରକ୍ଷା,ବୃକ୍ଷର ସୁଫଳ କିପରି ସମାଜ ଉପରେ ପଡୁଛି,ବିଶୁଦ୍ଧ ପାଣି, ସୋଲାର ସଷ୍ଟମ,ବିଦ୍ୟୁତ ଉତ୍ପାଦନ ସୌର ମଣ୍ଡଳି ଆଦି ବିଭିନ୍ନ ପ୍ରକାର ଷ୍ଟଲ କରି ଦର୍ଶକ ନିରିକ୍ଷକ ମାନଙ୍କୁ ବୁଝାଇଥିଲେ । ଏହି ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ବିଚାରପତି ଭାବରେ ଏମ.ଭି.ଆଇ. ଶ୍ରୀ ନରସିଂହା ରାଓ,ପଂଚାନନ ପଟେଲ,ଜିତେନ୍ଦ୍ର କୁମାର ସୁନା ଓ ମୁସ୍କାନ ଶ୍ରୀୱାସ ଯୋଗ ଦେଇ ପିଲାମାନେ ପ୍ରଦର୍ଶିତ କରିଥିବା ଷ୍ଟଲ ଗୁଡ଼ିକ ନିରିକ୍ଷଣ କରି ବିଭିନ୍ନ ବୟସ ବର୍ଗର ପ୍ରତିଯୋଗି ଉତ୍କୃଷ୍ଟ ପ୍ରଦର୍ଶିତ କରିଥିବା ଷ୍ଟଲକୁ ବାଛି ଥିଲେ । ସ୍କୁଲର ଶିକ୍ଷକ ଘନଶ୍ୟାମ ମେହେର,ଭିକି କୁମାର, ଶିକ୍ଷତ୍ରି ଅଲିଭା କୁଅଁର,ନିତୁସିଂ, ଦିପିକା ରାଏ, ସୃଷ୍ଟି ଚୋବେ ପ୍ରଭୃତି ଆୟୋଜନ ର ମୁଖ୍ୟ ଭୂମିକା ନେଇ ଥିଲେ । ପିଲା ମାନଙ୍କର ପ୍ରଦର୍ଶନୀ ଦେଖିବା ପାଇଁ ଅଭିଭାବକ ମାନଙ୍କର ପ୍ରବଳ ଭିଡ଼ ହୋଇଥିଲା । ଡୁନ ସ୍କୁଲ ସମ୍ବଲପୁର ଜିଲ୍ଲା କୁଚିଣ୍ଡାର ଛାତ୍ର,ଛାତ୍ରୀ ମାନେ ଅଧ୍ୟକ୍ଷା ପଦ୍ମମିନି ପ୍ରାଣିଗ୍ରାହୀ ଙ୍କ ସହିତ ପ୍ରଦର୍ଶନୀ ଦେଖିବା ପାଇଁ ଆସି ଥିଲେ ।




# ସାମାନ୍ୟ ବର୍ଷା ଯୋଗୁଁ ଧରାପଡ଼ିଲା ଦେଓଗାଁ ବ୍ଲକରେ ଜଳ ଯୋଗାଣ ବିଭାଗ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଅନିୟମିତତା

ବଲାଙ୍ଗିର, (ହି.ସ.)- ଦେଓଗାଁ ବ୍ଲକରେ ଜଳ ଯୋଗାଣ ବିଭାଗ ପ୍ରକଳ୍ପ ନିର୍ମାଣରେ ବ୍ୟାପକ ଭାବରେ ଅନିୟମିତତା ହୋଇଥିବାର ଅଭିଯୋଗ ହୋଇଥିଲା । ନିଯୁକ୍ତି ପାଇଥିବା ଯନ୍ତ୍ରୀ ଠିକାଦାରଙ୍କ ସହ ଗୁପ୍ତ ବୁଝାମଣା କରିଥିବାରୁ କେଉଁଠି ନିର୍ମାଣ ନ ସରି ପାଚେରୀ ଭାଙ୍ଗି ଯାଉଛି ତ ଆଉ କେଉଁଠି ଷ୍ଟାଣ୍ଡ ପୋଷ୍ଟରୁ ଟ୍ୟାପ ଉଭାନ ହୋଇଯାଉଛି ତଥାପି ଜଳ ଯୋଗାଣ ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନଥିବାରୁ ଏବେ ନିର୍ମାଣଧୀନ ପମ୍ପ ଘର ଭାଙ୍ଗିଯାଇଛି ତାହା ପୁଣି ସାମାନ୍ୟ ବର୍ଷାରେ । ଦେଓଗାଁ ବ୍ଲକ ସିଂହାମୁଣ୍ଡା ପଂଚାୟତର ଲକ୍ଷ୍ମଣପୁର ଗାଁକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବା ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟରେ ଏକ ପ୍ରକଳ୍ପ ନିର୍ମାଣ କରାଯାଉଛି । ପାଇପ ପୋତା କାମ ସରିଥିବା ବେଳେ ପମ୍ପ ହାଉସ ନିର୍ମାଣ କାମ ଚାଲିଥିଲା । ତେବେ ପମ୍ପ ଘରଟି ଢ଼ିପରେ ନିର୍ମାଣ ନକରି ଖାଲରେ ନିର୍ମାଣ କରିଥିବାରୁ କେମିତି କାମ ହୋଇଛି ଏହି ଗୋଟିଏ ଲଘୁଚାପ ବର୍ଷା ଦେଖାଇଦେଇଛି । ତେବେ ଗାଁ ଲୋକେ ଏହି ସ୍ଥାନରେ ନିର୍ମାଣ ନକରି ଅନ୍ୟ ସ୍ଥାନରେ ଘର ଓ ଟାଙ୍କୀ ନିର୍ମାଣ କରିବାକୁ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଠିକାଦାରଙ୍କୁ କହିଥିଲେ । ହେଲେ ଗାଁ ଲୋକଙ୍କ କଥାକୁ ନ ଶୁଣିବାରୁ ମୋଟର ଘରଟି ଦବି ଯାଇ ଏବେ ଭାଙ୍ଗିବାକୁ ବସିଛି । ଜଳଯୋଗାଣ ବିଭାଗର ବ୍ଲକ ଅଫିସରେ ତାଲା ଝୁଲୁଥିବାରୁ ଏନେଇ କନିଷ୍ଠ ଯନ୍ତ୍ରୀ ବନିତା ବେହେରାଙ୍କ ମୋବାଇଲକୁ ଯୋଗାଯୋଗ କଲେ ଫୋନ୍ ରିଂ ହେଉଥିଲେ ବି ଉଠାଉ ନଥିବାରୁ ପ୍ରତିକ୍ରିୟା ନେବା ସମ୍ଭବ ହୋଇପାରିନାହିଁ । ତେବେ ଦେଓଗାଁ ବିଡ଼ିଓ ପ୍ରିୟ ରଞ୍ଜନ କୁମାରଙ୍କୁ ପଚାରିବାରୁ ପ୍ରକଳ୍ପ ସ୍ଥଳକୁ ଯାଇ ଦେଖିବି ବୋଲି କହିଛନ୍ତି । ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମାଲକାନଗିରିରେ ଖରିଫ ଚାଷୀ ପଞ୍ଜୀକରଣ ପ୍ରଶିକ୍ଷଣ ଶିବିର ସଫଳତାର ସହ ସମ୍ପନ୍ନ

ମାଲକାନଗିରି, (ହି.ସ.)- ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷଠାରେ ଆଗାମୀ ଖରିଫ ସମୟ ପାଇଁ ଚାଷୀ ପଞ୍ଜୀକରଣ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଆଂଚଳିକ ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ମାଲକାନଗିରି ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଭାପତିତ୍ୱ କରିଥିଲେ । ସେହିପରି ସମବାୟ ସମିତି ସମୂହର ଉପ-ନିବନ୍ଧକ ଥିଓଫିଲ ସବର ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ବିଭିନ୍ନ ବୈଷୟିକ ଦିଗ ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଏହି ସମାବେଶକୁ ସମ୍ବୋଧିତ କରି ଉପ-ଜିଲ୍ଲାପାଳ ନିଜ ଅଭିଭାଷଣରେ କହିଥିଲେ, 'ଚାଷୀ ପଞ୍ଜୀକରଣ ହେଉଛି ସମଗ୍ର ଧାନ ସଂଗ୍ରହ ପ୍ରକ୍ରିୟାର ମୂଳଦୁଆ । ଆସନ୍ତା ଖରିଫ ଋତୁରେ ଜିଲ୍ଲାର ପ୍ରତ୍ୟେକ ପ୍ରକୃତ ଚାଷୀ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସହଜରେ ନିଜର ନାମ ପଞ୍ଜୀକରଣ କରିପାରିବେ, ସେଥିପ୍ରତି ସମସ୍ତ କ୍ଷେତ୍ରୀୟ ଅଧିକାରୀ ଏବଂ ସମବାୟ କର୍ମଚାରୀ ସଜାଗ ରହିବା ଆବଶ୍ୟକ । ବୈଷୟିକ ତ୍ରୁଟି ଯୋଗୁଁ ଯେପରି କୌଣସି ଚାଷୀ ସରକାରୀ ସୁବିଧାରୁ ବଂଚିତ ନ ହୁଅନ୍ତି, ତାହା ନିଶ୍ଚିତ କରିବା ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ ।ଏହି ଉଚ୍ଚସ୍ତରୀୟ କାର୍ଯ୍ୟକ୍ରମରେ ମାଲକାନଗିରି ଅଂଚଳର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରେ ବରିଷ୍ଠ ସହକାରୀ ସମବାୟ ସମିତି ସମୂହର ନିବନ୍ଧକ, ସହକାରୀ ନିବନ୍ଧକ ଏବଂ ସହକାରୀ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରଦାନ କରିବାରେ ସହଯୋଗ କରିଥିଲେ । ଏହା ବ୍ୟତୀତ ସମବାୟ ସମିତି ସମୂହର ପ୍ରାଥମିକ ସହକାରୀ ନିବନ୍ଧକ, ସମବାୟ ସମିତି ନିରୀକ୍ଷକ, ବଜାର ନିରୀକ୍ଷକ ଏବଂ ଅଂଚଳ ଅଧୀନରେ ଥିବା ସମସ୍ତ ବୃହତ ଆକାରର ବହୁମୁଖୀ ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ଓ ତଥ୍ୟ ପ୍ରବେଶକାରୀମାନେ ଏହି ଶିବିରରେ ସକ୍ରିୟ ଅଂଶଗ୍ରହଣ କରି ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ସମବାୟ ବିଭାଗ ଏବଂ ଖାଦ୍ୟ ଯୋଗାଣ ଓ ଗ୍ରାହକ କଲ୍ୟାଣ ବିଭାଗର ଅନ୍ୟାନ୍ୟ କ୍ଷେତ୍ରୀୟ ଅଧିକାରୀମାନେ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇ ଆଗାମୀ ଦିନରେ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀକୁ ତୃଣମୂଳ ସ୍ତରରେ କିପରି ସଫଳତାର ସହ କାର୍ଯ୍ୟକାରୀ କରାଯିବ ସେ ନେଇ ସଂକଳ୍ପ ପ୍ରକାଶ କରିଥିଲେ ।




## ନଭି ମୁମ୍ବାଇରେ ସିଡ୍‌କୋ ଆବାସିକ ପ୍ରକଳ୍ପ ପରିଦର୍ଶନ କଲେ ନଗର ଉନ୍ନୟନ ମନ୍ତ୍ରୀ

ମୁମ୍ବାଇ/ଭୁବନେଶ୍ୱର : ଓଡ଼ିଶାର ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଗତ କାଲି ନଭି ମୁମ୍ବାଇର ଖାରକୋପର ଓ ବାମନଡୋଙ୍ଗରୀସ୍ଥିତ ସିଡକୋର ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହର ଅଧୀନରେ ନିର୍ମିତ ସୁଲଭ ଆବାସ ପ୍ରକଳ୍ପ ପରିଦର୍ଶନ କରିଛନ୍ତି । ବୃହତ୍ ପରିମାଣରେ ସୁଲଭ ଆବାସ ନିର୍ମାଣ ପାଇଁ ଆଧୁନିକ ନିର୍ମାଣ ପ୍ରଯୁକ୍ତି ଓ ଅଭିନବ ଯୋଜନା



ମଡେଲ୍ ସମ୍ପର୍କରେ ଅନୁଭୂତି ହାସଲ କରିବା ଏହି ପରିଦର୍ଶନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।

## ଅଗଷ୍ଟ ୧୪ରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ : ବର୍ଷା ସମ୍ଭାବନା

ଭୁବନେଶ୍ୱର: ଶନିବାର ଅପରାହ୍ନରେ ଭୁବନେଶ୍ୱର ସମେତ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ଏବଂ ବିଜୁଳି ସହିତ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଏକ ସତର୍କ ସୂଚନା ଜାରି କରିଛି । ସୂଚନା ଅନୁଯାୟୀ, ଶନିବାର ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା ଓ ବଲାଙ୍ଗୀର ଜିଲ୍ଲାରେ ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ସମ୍ଭାବନା ଅଛି । ୧୪ ଅଗଷ୍ଟ ବେଳକୁ ଉତର-ପଶ୍ଚିମ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ।






# ସମ୍ବଲପୁରରେ ମାଟିର ମହକ କାର୍ଯ୍ୟକ୍ରମରେ ଯୋଗଦେଲେ ସାଂସଦ ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର/ଭୁବନେଶ୍ୱର : ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରଙ୍ଗବତୀ ମଂଚରେ ଆୟୋଜିତ ‘ମାଟିର ମହକ’ କାର୍ଯ୍ୟକ୍ରମରେ ଯୋଗଦେଇ ପଶ୍ଚିମ ଓଡ଼ିଶାର ପଦ୍ମ ସମ୍ମାନିତ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ସହ ଆଲୋଚନା କରିଛନ୍ତି ସମ୍ବଲପୁର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଏହି ମାଟିରେ ଜନ୍ମ ନେଇ ନିଜର ସାଧନା ଓ ପ୍ରତିଭା ବଳରେ ନୂତନ ପରିଚୟ ସୃଷ୍ଟି କରି ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷମାନେ ସମାଜ ପାଇଁ ଗୋଟିଏ ଗୋଟିଏ ଜୀବନ୍ତ ଉଦାହରଣ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନକାଳରେ ପଦ୍ମ ସମ୍ମାନ ଏବେ ‘Peoples Award’ରେ ପରିଣତ ହୋଇଛି । ପୂର୍ବରୁ ପଦ୍ମ ପୁରସ୍କାର ପାଇବା ପାଇଁ ଦିଲ୍ଲୀର ଆଭିଜାତ୍ୟପୂର୍ଣ୍ଣ ସ୍ଥାନରେ ପହଂଚିବାକୁ ପଡୁଥିଲା, କିନ୍ତୁ ଆଜି ମୋଦୀ ସରକାର ଗାଁ ଗହଳିରେ ଲୋକକଳା, ସାହିତ୍ୟ, କୃଷି, ଶିକ୍ଷା ଓ ସମାଜସେବାରେ



ନିଜକୁ ସମର୍ପି ଦେଇଥିବା ପ୍ରକୃତ ସାଧକମାନଙ୍କୁ ଖୋଜି ବାହାର କରି ସମ୍ମାନିତ କରୁଛନ୍ତି । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଓଡ଼ିଆ ଜାତି ଓ ସାହିତ୍ୟକୁ ଅତୁଳନୀୟ ଅବଦାନ ସମ୍ପର୍କରେ ଆଲୋଚନା କରି ଶ୍ରୀ ପ୍ରଧାନ ନିଜର କୋରାପୁଟର କୋଟିଆ ଗସ୍ତ ଅନୁଭୂତି ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ, କୋଟିଆ ଗସ୍ତ ସମୟରେ ମାତୃଭାଷାରେ ଶିକ୍ଷା ପ୍ରଦାନର ଗୁରୁତ୍ୱ ଓ ଆବଶ୍ୟକତା କେତେ ଅଧିକ, ତାହା ଅନୁଭୂତ ହୋଇଥିଲା । ନିଜ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ଏବଂ ଗୌରବମୟ ଇତିହାସକୁ ଜାଣିବା ଆଜିର ସମୟର ସବୁଠାରୁ ବଡ଼ ଦାୟିତ୍ୱ । ଶ୍ରୀ ପ୍ରଧାନ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇ କହିଛନ୍ତି ଯେ, ଆଜିର ଯୁବସମାଜ ଆମ ଇତିହାସର ବୀର ସୁରେନ୍ଦ୍ର ସାଏ, କୁଦୋପାଲିର ସଂଗ୍ରାମ, ବକ୍ସି ଜଗବନ୍ଧୁ, ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପରି ଅନାଲୋଚିତ ସଂଗ୍ରାମୀଙ୍କ ବୀରତ୍ୱଗାଥା ଏବଂ ପଦ୍ମ ବିଜେତାଙ୍କ ସାଧନାକୁ ଅନୁଧ୍ୟାନ କରିବା ଆବଶ୍ୟକ । ତେବେ ଯାଇ ‘ବିକଶିତ ଓଡ଼ିଶା’ ଓ ‘ବିକଶିତ ଭାରତ’ର ମାର୍ଗ ପ୍ରଶସ୍ତ ହେବ । ଏହି ସାଂସ୍କୃତିକ ଆକାଂକ୍ଷାକୁ ସାକାର କରିବା ପାଇଁ ସମ୍ବଲପୁରଠାରେ ମହାନ ସଂସ୍କୃତ ନାଟ୍ୟକାର ମୁରାରି ମିଶ୍ରଙ୍କ ନାମରେ ଏକ କଳା ମହାବିଦ୍ୟାଳୟ ବା ଆର୍ଟ କଲେଜ ସ୍ଥାପନ ନିମନ୍ତେ ସମସ୍ତଙ୍କର ମିଳିତ ଉଦ୍ୟମ ଆବଶ୍ୟକ ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ଏହି ପ୍ରସ୍ତାବିତ ଅନୁଷ୍ଠାନ ଭବିଷ୍ୟତରେ ନୃତ୍ୟକଳା, ସାହିତ୍ୟ, ପରଫର୍ମିଙ୍ଗ ଆର୍ଟ ସହ ଆଧୁନିକ ଡିଜିଟାଲ ଆର୍ଟ ଓ ଆନୁଷଙ୍ଗିକ କଳା ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ର ଭାବେ ଆତ୍ମପ୍ରକାଶ କରିବ ବୋଲି ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି ।

## ଜିଲ୍ଲା ଅଦାଲତରେ ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ନେଇ ଦିନିକିଆ କର୍ମଶାଳା

# ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର : ଆଇନ ବ୍ୟବସ୍ଥାରେ ସଂସ୍କାର ଆଣିବା ସହ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ ଦିଗରେ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି । ଏହି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ଜିଲ୍ଲା ଅଦାଲତଗୁଡ଼ିକରେ ଥିବା ଦେୱାନୀ ମାମଲାର ପ୍ରଭାବଶାଳୀ ପରିଚାଳନା ଏବଂ ସରକାରୀ ଅଧିବକ୍ତା, ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କୁ ନେଇ ଏକ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ସେଂଟରଠାରେ ଆୟୋଜିତ ଏହି କର୍ମଶାଳାର ଉଦ୍‌?ଘାଟନୀ ଉତ୍ସବରେ ଯୋଗଦେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ରାଜ୍ୟର ସମସ୍ତ ଜନସାଧାରଣଙ୍କୁ ଉପଯୁକ୍ତ ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ରାଜ୍ୟ ସରକାରଙ୍କ ସବୁଠୁ ବଡ଼ ପ୍ରାଥମିକତା ରହିଛି । ନ୍ୟାୟ ବ୍ୟବସ୍ଥାକୁ ଆଗେଇ ନେବା କ୍ଷେତ୍ରରେ ସରକାରୀ ଅଧିବକ୍ତା ଓ ଅତିରିକ୍ତ ସରକାରୀ ଅଧିବକ୍ତା ଓ ସହଯୋଗୀ ଓକିଲମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।




ଆପଣମାନେ ହେଉଛନ୍ତି ସାମ୍ବିଧାନିକ ବ୍ୟବସ୍ଥା ତଥା ନ୍ୟାୟପାଳିକାର ଗୋଟିଏ ଗୋଟିଏ ଅଂଶସ୍ୱରୂପ । ତେଣୁ ବିଭିନ୍ନ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅବଲୋକନ କରିବା ସହିତ ନ୍ୟାୟିକ ପ୍ରକ୍ରିୟାକୁ ଗୁରୁତ୍ୱ ଦେବା ବେଶ୍ ଜରୁରୀ । ସେହିପରି ଆଜିର ପରିସ୍ଥିତିରେ କୃତ୍ରିମ ବୁଦ୍ଧିମତାର ସଠିକ୍ ବ୍ୟବହାର ଓ ସମୟାନୁବର୍ତ୍ତିତା ତ୍ୱରିତ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୀ ଜଷ୍ଟିସ୍ ଶଶିକାନ୍ତ ମିଶ୍ର ଦେୱାନୀ ଓ ଫୌଜଦାରୀ ମାମଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସରକାରୀ ଓକିଲଙ୍କ ଦାୟିତ୍ୱ, Evidence, Cross Examination ଏବଂ Oral Argument ର ଗୁରୁତ୍ୱ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ । ଏଥିସହିତ ନିଜ ନିଜ ଭିତରେ ଜ୍ଞାନର ଆଦାନପ୍ରଦାନ ଦ୍ୱାରା ଆଇନଜୀବୀମାନେ ବିଭିନ୍ନ ନ୍ୟାୟିକ ମାମଲାରେ ଆସୁଥିବା ସନ୍ଦେହର ସମାଧାନ ମାର୍ଗ ପାଇପାରିବେ ବୋଲି ସେ କହିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଡ୍‌ଭୋକେଟ୍ ଜେନେରାଲ୍ ଶ୍ରୀ ପିତାମ୍ବର ଆଚାର୍ଯ୍ୟ ନ୍ୟାୟାଳୟରେ ସରକାରୀ ଆଇନଜୀବୀଙ୍କ ଭୂମିକା ଓ କର୍ତ୍ତବ୍ୟ ସହ ସାମ୍ବିଧାନିକ ବ୍ୟବସ୍ଥାର ସଠିକ୍ ଅନୁପାଳନ କରି ଦେୱାନି ମାମଲା ପରିଚାଳନା ଉପରେ ନିଜର ମତ ରଖିଥିଲେ । ବୈଠକରେ ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ସ୍ୱାଗତ ଭାଷଣ ଦେବା ସହ ଆଇନ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଲୋକହିତକର କାର୍ଯ୍ୟକ୍ରମ, ଆଇନଜୀବୀଙ୍କ ଲାଗି ହୋଇଥିବା କଲ୍ୟାଣକାରୀ ଯୋଜନା ଏବଂ କର୍ମଶାଳାର ଆଭିମୁଖ୍ୟ ବିଷୟରେ ଉଲ୍ଲେଖ କରିଥିଲେ । ଏଥି ସହିତ ପୁରାଣବର୍ଣ୍ଣିତ ଗାଥାକୁ ଉଦ୍ଧୃତ କରି ଯୁଗେ ଯୁଗେ ସମସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ ସଂସାରରେ ସବୁଠାରୁ ବଡ଼ ଧର୍ମ ବୋଲି କହିଥିଲେ । ଉଦ୍‌ଘାଟନ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ପ୍ରଣବ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଆଜିର କର୍ମଶାଳାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ପୂର୍ବତନ ବିଚାରପତି ଶ୍ରୀ ଜଷ୍ଟିସ୍ ଦେବବ୍ରତ ଦାସ, Appeals and Recent Judicial Developments ଉପରେ ନିଜର ଅଭିଭାଷଣ ରଖିଥିବାବେଳେ ଓଡ଼ିଶା ଉଚ୍ଚନ୍ୟାୟାଳୟର ପୂର୍ବତନ ବିଚାରପତି ଶ୍ରୀ ଜଷ୍ଟିସ୍ ଆନନ୍ଦ ଚରଣ ବେହେରା Drafting and Case Management ଉପରେ ନିଜର ବକ୍ତବ୍ୟ ରଖିଥିଲେ । ପ୍ରଫେସର ଡ. ଦୁର୍ଗେଶ ଚନ୍ଦ୍ର ମହାପାତ୍ର Civil Procedure Code ଉପରେ ଅଭିଭାଷଣ ପ୍ରଦାନ କରିଥିବାବେଳେ ବରିଷ୍ଠ ଆଇନଜୀବୀ ଶ୍ରୀ ସୂର୍ଯ୍ୟ ପ୍ରସାଦ ମିଶ୍ର ପ୍ରଶ୍ନୋତର ଅଧିବେଶନରେ Practical Case Studies, ଦଳଗତ ଆଲୋଚନା ସହ ଅଧିବକ୍ତାମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ ।

# ଇ-୨୦ ପେଟ୍ରୋଲରେ ୫୦୦ ପିପିଏମ କ୍ଲୋରାଇଡ୍ ଓ ଜଳୀୟ ବାଷ୍ପ ଥିବା ଦାବି ଭିତିହୀନ

ନୂଆଦିଲ୍ଲୀ : ଇବିଏମଏସ୍ (ଇ-୨୦ ପେଟ୍ରୋଲ୍)ରେ ଜଳୀୟବାଷ୍ପ ଓ କ୍ଲୋରାଇଡ୍ ଥିବା କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ, ତୈଳ ବିପଣନ କମ୍ପାନୀଗୁଡ଼ିକ ସମଗ୍ର ଦେଶରେ ଇବିଏମଏସ୍ ଯୋଗାଣ ଶୃଙ୍ଖଳାର ପ୍ରତ୍ୟେକ ସ୍ତରକୁ ନେଇ ଅତିରିକ୍ତ ଓ ବ୍ୟାପକ ଯାଂଚ କରିଥିଲେ । ଏହି ପରୀକ୍ଷଣରୁ ସ୍ପଷ୍ଟ ହୋଇଛି ଯେ ଇନ୍ଧନର ଗୁଣବତା ନିର୍ଦ୍ଧାରିତ ସୀମା ମଧ୍ୟରେ ସମ୍ପୂର୍ଣ୍ଣ ସୁରକ୍ଷିତ ରହିଛି । ବୈଜ୍ଞାନିକ ପଦ୍ଧତିରେ କରାଯାଇଥିବା ବ୍ୟାପକ ଆକସ୍ମିକ ପରୀକ୍ଷଣର ପ୍ରମାଣ ଆଧାରରେ, କିଛି ଦାବିର ବିପରୀତ, ଇନ୍ଧନ ପ୍ରଦୂଷଣ କିମ୍ବା ମିଶ୍ରଣକୁ ନେଇ ଭୟଭୀତ ହେବାର କୌଣସି କାରଣ ନାହିଁ । ଏହି ପରୀକ୍ଷଣ ପରେ ତୈଳ ବିତରଣ କମ୍ପାନୀମାନେ ଗ୍ରାହକମାନଙ୍କୁ ଆଶ୍ୱସ୍ତ କରିଛନ୍ତି ଯେ ସେମାନେ ଇନ୍ଧନ ଗୁଣବତାକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି । ଗାଡ଼ିର କାର୍ଯ୍ୟଦକ୍ଷତା କିମ୍ବା ଉପଭୋକ୍ତାଙ୍କ ବିଶ୍ୱାସକୁ ପ୍ରଭାବିତ




କରିପାରୁଥିବା ଯେକୌଣସି ସମସ୍ୟାର ବୈଜ୍ଞାନିକ ଅନୁସନ୍ଧାନ କରାଯାଇ ତୁରନ୍ତ ସୁଧାରମୂଳକ ପଦକ୍ଷେପ ଗ୍ରହଣ କରାଯାଏ । ଭାରତ ସରକାର ପେଟ୍ରୋଲ ମିଶ୍ରଣ ପାଇଁ ବ୍ୟବହୃତ ହେଉଥିବା ଇଥାନୋଲ୍ରେ କ୍ଲୋରାଇଡ୍ର କଡ଼ା ମାପଦଣ୍ଡ ନିର୍ଦ୍ଧାରଣ କରିଛନ୍ତି ଏବଂ ସମଗ୍ର ଯୋଗାଣ ଶୃଙ୍ଖଳାରେ ଏହାର ପାଳନ ସୁନିଶ୍ଚିତ କରିବା ପାଇଁ ଏକ ସକ୍ରିୟ ତଦାରଖ ବ୍ୟବସ୍ଥା କାର୍ଯ୍ୟକାରୀ କରିଛନ୍ତି । ରିଫାଇନାରୀ, ଡିଷ୍ଟିଲେରୀ, ଡିପୋ/ଟର୍ମିନାଲ୍ ଏବଂ ଦେଶବ୍ୟାପୀ ଖୁଚୁରା ବିକ୍ରୟ କେନ୍ଦ୍ର (ପେଟ୍ରୋଲ ପମ୍ପ) ସମେତ ଯୋଗାଣ ଶୃଙ୍ଖଳାର ଏକାଧିକ ସ୍ଥାନରେ କ୍ଲୋରାଇଡ୍ ଯାଂଚ କରାଯାଉଛି, ଯାହା ଦ୍ୱାରା ସମଗ୍ର ଯୋଗାଣ ଶୃଙ୍ଖଳରେ ଗୁଣବତା ବଜାୟ ରଖାଯାଉଛି । ପୂର୍ବରୁ ପ୍ରଚଳିତ ଗୁଣବତା ଆଶ୍ୱାସନା ନିୟମାବଳୀ ବ୍ୟତୀତ, ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରତ୍ୟେକ ଖୁଚୁରା ବିକ୍ରୟ କେନ୍ଦ୍ରରେ ଦୈନିକ ୮ ରୁ ୧୨ ଥର ପାଣି ପ୍ରବେଶ ଏବଂ ସାନ୍ଦ୍ରତା ପରୀକ୍ଷା କରି ତଦାରଖକୁ ଆହୁରି କଡ଼ାକଡ଼ି କରିଛନ୍ତି । ବିଭିନ୍ନ ସ୍ଥାନରେ ଭ୍ରାମ୍ୟମାଣ ଇନ୍ଧନ ଗୁଣବତା ପରୀକ୍ଷାଗାର ନିୟୋଜିତ କରାଯାଇଛି, ଏବଂ ଗୁଣବତାର ସର୍ବୋଚ୍ଚ ମାନ ସୁନିଶ୍ଚିତ କରିବା ପାଇଁ ପରୀକ୍ଷା ଫଳାଫଳଗୁଡ଼ିକୁ ସ୍ୱାଧୀନ ଇନ୍ଧନ ପରୀକ୍ଷାଗାରରେ ଯାଂଚ କରାଯାଉଛି । ଯୋଗାଣ ଶୃଙ୍ଖଳା ସହ ଜଡ଼ିତ ଏହି ବହୁମୁଖୀ ଏବଂ କଡ଼ା ପରୀକ୍ଷଣ ପ୍ରକ୍ରିୟା ସର୍ବୋଚ୍ଚ ଇନ୍ଧନ ଗୁଣବତା ମାନକକୁ ପ୍ରମାଣିତ କରିଛି ବୋଲି ତୈଳ କମ୍ପାନୀମାନେ କହିଛନ୍ତି ।

## ୟୁପିଆଇ ବ୍ୟବହାରକାରୀଙ୍କ ପାଇଁ କୌଣସି ଶୁଳ୍କ ନାହିଁ

# ବ୍ୟବସାୟୀମାନଙ୍କ ପାଇଁ ବିନା ଶୁଳ୍କରେ ଜାରି ରହିବ ଅଧିକାଂଶ କାରବାର

ନୂଆଦିଲ୍ଲୀ: ବର୍ତମାନ ଭଳି ଆଗକୁ ମଧ୍ୟ ଗ୍ରାହକମାନଙ୍କ ଲାଗି ୟୁପିଆଇ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । ସଂସଦରେ କର ପ୍ରଣାଳୀ ଏବଂ ଅନ୍ୟାନ୍ୟ ନିୟମ (ସଂଶୋଧନ) ବିଲ୍, ୨୦୨୬ ପାରିତ ହେବା ପରେ ୟୁପିଆଇ କାରବାର ଶୁଳ୍କଯୁକ୍ତ ହୋଇଯିବ ବୋଲି ଯେଉଁ ପ୍ରଚାର ଚାଲିଛି ତାହାକୁ ଖଣ୍ଡନ କରିଛନ୍ତି ଅର୍ଥ ମନ୍ତ୍ରଣାଳୟ । ମନ୍ତ୍ରଣାଳୟ ପକ୍ଷରୁ ଆଜି ଏକ ପ୍ରେସ ବିଜ୍ଞପ୍ତି ଜାରି କରାଯାଇ ଏ ବିଷୟକୁ ସ୍ପଷ୍ଟ କରାଯାଇଛି । ଏଥିରେ କୁହାଯାଇଛି:

ବ୍ୟବହାରକାରୀଙ୍କ ପାଇଁ କୌଣସି ଶୁଳ୍କ ନାହିଁ: ଦେୟ ପଇଠ କରୁଥିବା ଗ୍ରାହକମାନଙ୍କୁ କୌଣସି କାରବାର ଶୁଳ୍କ ଦେବାକୁ ପଡ଼ିବ ନାହିଁ । ବ୍ୟକ୍ତି-ବ୍ୟକ୍ତି ଭିତରେ ସବୁ କାରବାର ସମ୍ପୂର୍ଣ୍ଣ ମାଗଣା: ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ସମସ୍ତ କାରବାର ପୂର୍ବପରି ମାଗଣା ରହିବ । ବ୍ୟବସାୟୀଙ୍କ ପାଇଁ ଲାଗୁ ହେବ ନାମମାତ୍ର ଏମଡିଆର୍ ଶୁଳ୍କ




: ଭାରତ ସରକାର ସ୍ପଷ୍ଟ କରିଛନ୍ତି ଯେ, ଯଦି ଭବିଷ୍ୟତରେ କାରବାର ଲାଗି କୌଣସି ଏମଡିଆର୍ ଶୁଳ୍କ ଲାଗୁ କରାଯାଏ, ତେବେ ତାହା କେବଳ ଏକ ନିର୍ଦ୍ଦିଷ୍ଟ ସୀମାରୁ ଅଧିକ କେତେକ ସୀମିତ ବ୍ୟବସାୟୀ କାରବାର ଲାଗୁ ହେବ । ଏହାପୁଣି ଡେବିଟ ବା କ୍ରେଡିଟ କାର୍ଡ କାରବାରଠାରୁ କମ୍ ରହିବ । ୟୁପିଆଇରେ ବ୍ୟବସାୟୀଙ୍କ ପାଇଁ ଅଧିକାଂଶ କାରବାର ସମ୍ପୂର୍ଣ୍ଣ ମାଗଣା ରହିବ । ଯଦି ଏମଡିଆର୍ ଶୁଳ୍କ ଲାଗୁ ହୁଏ, ତାହା କେବଳ ସୀମା-ଆଧାରିତ ହେବ ଏବଂ ସମସ୍ତଙ୍କ ଉପରେ ସାଧାରଣ ଭାବେ ଲାଗୁ ହେବ ନାହିଁ । ସଂସଦରେ କର ପ୍ରଣାଳୀ ଏବଂ ଅନ୍ୟାନ୍ୟ ନିୟମ (ସଂଶୋଧନ) ବିଲ୍, ୨୦୨୬ ପାରିତ ହେବାକୁ ନେଇ ସ୍ପଷ୍ଟୀକରଣ ରଖିଛନ୍ତି କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ । ଏଥିରେ କୁହାଯାଇଛି ଯେ, ଏହି ସଂଶୋଧନରେ ପେମେଂଟ ଆଣ୍ଡ ସେଟଲମେଂଟ ସିଷ୍ଟମ୍ସ ଆକ୍ଟ,-୨୦୦୭ ର ଧାରା ୧୦ (କ)ରେ ସଂଶୋଧନର ପ୍ରସ୍ତାବ ଦିଆଯାଇଛି । ହେଲେ ଏହି ସଂଶୋଧନ ସମ୍ବନ୍ଧିତ ନିଷ୍ପତି ଏନପିସିଆଇ ଅଧୀନରେ ଥିବା “ୟୁପିଆଇ ଏବଂ ସେବା ଷ୍ଟିଅରିଂ କମିଟି” ହିଁ ନିଷ୍ପତି ନେବ । ପେମେଂଟ ଆଣ୍ଡ ସେଟଲମେଂଟ ସିଷ୍ଟମ୍ସ ଆକ୍ଟ ରେ କାହିଁକି ସଂଶୋଧନ କରାଯାଉଛି । ପେମେଂଟ ଆଣ୍ଡ ସେଟଲମେଂଟ ସିଷ୍ଟମ୍ସ ଆଇନରେ ହୋଇଥିବା ସଂଶୋଧନକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି, ଯାହାକୁ କେତେକ ସାଧାରଣ ବ୍ୟବହାରକାରୀଙ୍କ ଉପରେ ଶୁଳ୍କ ଲଗାଇବାର ପଦକ୍ଷେପ ଭାବରେ ଭୁଲ୍ ବୁଝିଛନ୍ତି । ବାସ୍ତବରେ, ଏହି ସଂଶୋଧନ ହେଉଛି ଏକ ସହାୟକ ପ୍ରାବଧାନ ଯାହା ୟୁପିଆଇର ଦୀର୍ଘକାଳୀନ ସ୍ଥାୟିତ୍ୱ, ପ୍ରଯୁକ୍ତିବିଦ୍ୟାର ଅଗ୍ରଗତି ଏବଂ ନୂତନ ବିପଦରୁ ସୁରକ୍ଷା ନିଶ୍ଚିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

# ୨୦୨୬-୨୭ରେ ପଣ୍ୟ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥର ଉଲ୍ଲେଖନୀୟ ପ୍ରଦର୍ଶନ

ଭୁବନେଶ୍ୱର : ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ ଚାରି ମାସରେ ପୂର୍ବତଟ ରେଳପଥ ପଣ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଜାରି ରଖିଛି । ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ମୋଟ ୮୧.୪୦ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି । ଏହି ସଫଳତା ପୂର୍ବତଟ ରେଳପଥର ଦକ୍ଷ ପଣ୍ୟ ପରିବହନ ପରିଚାଳନା, ରେଳ ଭିତିଭୂମିର ସର୍ବୋତମ ବ୍ୟବହାର ଏବଂ ଏହାର କ୍ଷେତ୍ରାଧିକାର ମଧ୍ୟରେ ପଣ୍ୟ ପରିବହନର ସମୟୋଚିତ ପରିଚାଳନା ପ୍ରତି ନିରନ୍ତର ଗୁରୁତ୍ୱକୁ ପ୍ରତିଫଳିତ କରୁଛି । ରେଳ ନେଟୱାର୍କର ସାମ୍ପ୍ରତିକ ପୁନର୍ଗଠନ ଏବଂ ନୂତନ ରାୟଗଡ଼ା ରେଳ ମଣ୍ଡଳ ଗଠନ ପରିପ୍ରେକ୍ଷୀରେ ଏହି ସଫଳତା ବିଶେଷ ଗୁରୁତ୍ୱ ବହନ କରୁଛି । ମଣ୍ଡଳଗୁଡ଼ିକ ମଧ୍ୟରେ, ୨୦୨୬ ଏପ୍ରିଲ-ଜୁଲାଇ ସମୟ ମଧ୍ୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳ ୫୯.୦୨ ଏମ୍?ଟି, ରାୟଗଡ଼ା ମଣ୍ଡଳ ୧୩.୭୧ ଏମ୍‌ଟି ଏବଂ ସମ୍ବଲପୁର



ମଣ୍ଡଳ ୮.୬୭ ଏମ୍‌ଟି ମାଲ୍ ପରିବହନ ପରିଚାଳନା କରିଛନ୍ତି । ନବଗଠିତ ରାୟଗଡ଼ା ରେଳ ମଣ୍ଡଳ ପୂର୍ବତଟ ରେଳପଥର ପଣ୍ୟ ପରିବହନ ପ୍ରଦର୍ଶନରେ ଉଲ୍ଲେଖନୀୟ ଯୋଗଦାନ ଦେଇଛି । ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୧୩.୭୧ ନିୟୁତ ଟନ୍ ପଣ୍ୟ ପରିବହନ ପରିଚାଳନା କରିଛି, ଯାହା ପୁନର୍ଗଠିତ ରେଳ ନେଟୱାର୍କ ମଧ୍ୟରେ ପଣ୍ୟ ପରିବହନ କ୍ଷେତ୍ରରେ ରାୟଗଡ଼ା ରେଳ ମଣ୍ଡଳର ବଢୁଥିବା ଭୂମିକାକୁ ଏହା ପ୍ରତିଫଳିତ କରୁଛି । କେବଳ ଜୁଲାଇ ୨୦୨୬ ମାସରେ ରାୟଗଡ଼ା ରେଳ ମଣ୍ଡଳ ପକ୍ଷରୁ ୩.୧୪ ନିୟୁତ ଟନ୍ ପଣ୍ୟ ବୋଝେଇ କରାଯାଇଛି । ରେଳ ମଣ୍ଡଳର ପ୍ରମୁଖ ପଣ୍ୟ ମଧ୍ୟରେ ଲୌହପଥର ପରିବହନ ଜାରି ରହିଛି । ଜୁଲାଇ ମାସରେ ୨.୨୮ ନିୟୁତ ଟନ୍ ଲୌହପଥର ବୋଝେଇ କରାଯାଇଥିବା ବେଳେ ବକ୍ସାଇଟ୍ ବୋଝେଇ ୦.୧୯ ନିୟୁତ ଟନ୍ ରହିଛି । ୨୦୨୬ ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ପୂର୍ବତଟ ରେଳପଥର ପଣ୍ୟ ବୋଝେଇରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ୫୯.୦୨ ନିୟୁତ ଟନ୍, ରାୟଗଡ଼ା ରେଳ ମଣ୍ଡଳ ୧୩.୭୧ ନିୟୁତ ଟନ୍ ଏବଂ ସମ୍ବଲପୁର ରେଳ ମଣ୍ଡଳ ୮.୬୭ ନିୟୁତ ଟନ୍ ଅବଦାନ ରଖିଛନ୍ତି । ଏହାଫଳରେ ପୂର୍ବତଟ ରେଳପଥର ମୋଟ ପ୍ରାରମ୍ଭିକ ପଣ୍ୟ ବୋଝେଇ ୮୧.୪୦ ନିୟୁତ ଟନରେ ପହଂଚିଛି । ପଣ୍ୟ ପରିବହନର ସୁଗମ ଓ ଦକ୍ଷ ପରିଚାଳନା ସୁନିଶ୍ଚିତ କରିବାରେ ପୂର୍ବତଟ ରେଳପଥର ପରିଚାଳନା, ବାଣିଜ୍ୟିକ, ଇଞ୍ଜିନିୟରିଂ, ମେକାନିକାଲ, ଇଲେକ୍ଟ୍ରିକାଲ ଏବଂ ଅନ୍ୟାନ୍ୟ ବିଭାଗଗୁଡ଼ିକର ସମନ୍ୱିତ ପ୍ରୟାସକୁ ଦର୍ଶାଉଛି ।

# ଆସନ୍ତା ୧୩ରେ ଭାରତ-ବାଂଲାଦେଶ ମଧ୍ୟରେ ହେବ କଡ଼ା ଟକ୍କର

ନୂଆଦିଲ୍ଲୀ : ଆଗାମୀ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ସହ ଭାରତ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ର ଦ୍ୱିତୀୟ ଭାଗ ଆରମ୍ଭ କରିବ । ୨୦୨୫/୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଚକ୍ରରେ ଭାରତ ଇତି ମଧ୍ୟରେ ୯ଟି ମ୍ୟାଚ ଖେଳି ସାରିଛି । ୪ ବିଜୟ ଓ ୪ ପରାଜୟ ସହ ଦଳ ମୋଟ୍ ୪୮.୧୫୦% ପଏଂଟ ସହ ପଂଚମ ସ୍ଥାନରେ ରହିଛି । ଆଗକୁ ଭାରତ ଆଉ ୯ଟି ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି । ଶ୍ରୀଲଙ୍କାରେ ୨ଟି ମ୍ୟାଚ ଖେଳିବା ପରେ ପରବର୍ତୀ ଟେଷ୍ଟ ସିରିଜ ଖେଳିବା ପାଇଁ ଭାରତ ନ୍ୟୁଜିଲାଣ୍ଡ ଗସ୍ତ କରିବ । ଏହି ଗସ୍ତରେ ଭାରତ ୨ଟି ଟେଷ୍ଟ ଖେଳିବ । ଆସନ୍ତା ବର୍ଷ ଆରମ୍ଭରୁ ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ଭାରତ ଗସ୍ତରେ ଆସି ୫ ମ୍ୟାଚ ବିଶିଷ୍ଟ ବର୍ଡର-ଗାଭାସ୍କର ଟ୍ରଫି ଟେଷ୍ଟ ସିରିଜ ଖେଳିବ । ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ ହାରିଲେ ଭାରତକୁ ଫାଇନାଲ୍‌ରେ ପହଂଚିବା କଷ୍ଟକର ହୋଇଯିବ । ସିରିଜ ବିଜୟ ମଧ




ସେଭଳି ବଡ଼ ଫରକ ପକାଇବ ନାହିଁ । ଆଗକୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ବିପକ୍ଷ ବର୍ଡର-ଗାଭାସ୍କର ଟ୍ରଫି ମଧ୍ୟ ଜିତିବା ଜରୁରି । ଟେଷ୍ଟ ଚାମ୍ପିଅନସିପ୍ ପଏଂଟ ତାଲିକାରେ ବାଂଲାଦେଶ ସମ୍ପ୍ରତି ଚତୁର୍ଥ ସ୍ଥାନରେ ରହିଛି । ୫୮.୩୩% ପଏଂଟ ଅର୍ଜନ କରିଥିବା ବାଂଲାଦେଶ ଖୁବ୍ ଶୀଘ୍ର ଘରୋଇ ଅଷ୍ଟ୍ରେଲିଆ ବିପକ୍ଷରେ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ । ଆସନ୍ତା ୧୩ ତାରିଖରୁ ଏହି ଟେଷ୍ଟ ସିରିଜ ଆରମ୍ଭ ହେବ । ବର୍ତମାନ ଚତୁର୍ଥ ସ୍ଥାନକୁ ନେଇ ବାଂଲାଦେଶ ଓ ଭାରତ ମଧ୍ୟରେ ଏକ ପ୍ରତିଦ୍ୱନ୍ଦ୍ୱିତା ହେବ । ଶ୍ରୀଲଙ୍କା ବିପକ୍ଷରେ ୧-୦ରେ ଟେଷ୍ଟ ସିରିଜ ଜିତିଲେ ଭାରତର ପଏଂଟ ୫୧.୫୧%ରେ ପହଂଚିବ । ଶ୍ରୀଲଙ୍କାର ପଏଂଟ ୩୩.୩୩%କୁ ଖସି ଆସିବ । ଭାରତ ୨-୦ରେ ସିରିଜ ମୂଳପୋଛ କଲେ ପଂଟ ୫୭.୫୮%କୁ ବୃଦ୍ଧି ପାଇବ ଏବଂ ଶ୍ରୀଲଙ୍କାର ପଏଂଟ ୨୭.୭୮କୁ ଖସିବ । ଅଷ୍ଟ୍ରେଲିଆ ବିପକ୍ଷରେ ବାଂଲାଦେଶ ୦-୨ରେ ଟେଷ୍ଟ ସିରିଜ ପରାଜିତ ହେଲେ ଏହାର ପଏଂଟ ୪୫%କୁ ଖସିଯିବ । ଭାରତ ଚତୁର୍ଥ ସ୍ଥାନରେ ପହଂଚି ପାରିବ । ୮୭.୫୦% ପଏଂଟ ସହ ଅଷ୍ଟ୍ରେଲିଆ ସମ୍ପ୍ରତି ଶୀର୍ଷରେ ରହିଥିବାବେଳେ ଦକ୍ଷିଣ ଆଫ୍ରିକା ୭୫% ପଏଂଟ ସହ ଦ୍ୱିତୀୟ ଓ ନ୍ୟୁଜିଲାଣ୍ଡ ୭୨.୨୨% ପଏଂଟ ସହ ତୃତୀୟ ସ୍ଥାନରେ ରହିଛନ୍ତି । ତେଣୁ ଭାରତ ଶ୍ରୀଲଙ୍କା ବିପକ୍ଷ ସିରିଜ ମୂଳପୋଛ କଲେ ମଧ୍ୟ ତୃତୀୟକୁ ଉଠି ପାରିବ ନାହିଁ ।

Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**